READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବଡ଼ଦିନ ଉପଲକ୍ଷେ ଶୁଭକାମନା

ବର୍ଷ-୩ | ସଂଖ୍ୟା-୪୯ | ୨୩ - ୨୯ ଡିସେମ୍ବର, ୨୦୧୯ | ଭୁବନେଶ୍ୱର | Monday Weekly | VOL-3 | ISSUE-49 | 23rd - 29th DECEMBER, 2019 | BHUBANESWAR | ₹ 5/- (8 Pages)

### ପିସିସି ସଭାପତି ପଦରୁ ନିରଞ୍ଜନଙ୍କୁ ହଟାଇବା ପ୍ରସଙ୍ଗ

## ସୁଯୋଗ ଅପେକ୍ଷାରେ ଶ୍ରୀକାନ୍ତ !

**ଭୁବନେଶ୍ୱର, (ତାରକ ମହାନ୍ତି) :** ନୂଆବର୍ଷରେ ରାଜ୍ୟ କଂଗ୍ରେସର ନବକଳେବର ହେବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଘୋଷଣା କରିଥିଲା ବେଳେ ଗତ କିଛିମାସ ଧରି ନିରଞ୍ଜନଙ୍କୁ ଏହି ପଦରୁ ହଟାଇବା ପାଇଁ ଜୋରଦାର ଉଦ୍ୟମ ଚାଲିଛି। ବିଗତ କିଛିବର୍ଷ ଧରି ଗୋଷ୍ଠୀକନ୍ଦଳ ଯୋଗୁ ରାଜ୍ୟ କଂଗ୍ରେସ ଯେଉଁଳି ଭାବେ ଦୁର୍ବଳ ହୋଇପଡିଛି ଏବଂ ପ୍ରତ୍ୟେକ ନିର୍ବାଚନରେ ଏହାର ପ୍ରଭାବ ପଡିଛି ତାହା ସମସ୍ତେ ଜାଣନ୍ତି। ଏହି ଧାରା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିସିସି ସଭାପତି ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦେହାନ୍ତ ପରେ ବିଶେଷ ଭାବେ ଅନୁଭବ ହେଉଛନ୍ତି। ଜାନକୀ ବଞ୍ଚିଥିଲା ବେଳେ କଂଗ୍ରେସର ଦଳୀୟ ସଂଗଠନ ଖୁବ୍ ସୁଦୃଢ଼ ଥିଲା ଏବଂ ତୃଣମୂଳ ସ୍ତରରେ ଏହାର ନେତା ଓ କର୍ମୀ ଚଳଚଞ୍ଚଳ ରହିଥିଲେ। ଜାନକୀଙ୍କୁ ବାଦ୍ ଦେଇ କଂଗ୍ରେସର ଯେକୌଣସି ଛାମୁଆ ନେତା ପିସିସି ସଭାପତି ଦାୟିତ୍ୱ ନେଇଛନ୍ତି



ସେମାନେ ଦଳ ପାଇଁ ସଫଳ ସାବ୍ୟସ୍ତ ହୋଇପାରିନାହାନ୍ତି। ସେମାନଙ୍କ ମଧ୍ୟରେ ହେମାନନ୍ଦ ବିଶ୍ୱାଳ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ଏବଂ ନିରଞ୍ଜନ ପଟ୍ଟନାୟକ। ଯଦିଓ ନିରଞ୍ଜନଙ୍କ ନେତୃତ୍ୱରେ ଦଳ କିଛିମାତ୍ରାରେ ସନ୍ତୁଳିତ ତଥାପି ରାଜ୍ୟରେ ବିଜୁ ଜନତା ଦଳକୁ ଟକ୍କର ଦେଲା ଭଳି ରାଜ୍ୟ କଂଗ୍ରେସ ସେଭଳି ଆଖିଦୃଶିଆ ଆଗକୁ ବଢ଼ିପାରିନାହିଁ। ଯେଉଁଥିପାଇଁ ଓଡ଼ିଶାରେ ୨ ନମ୍ବର ରାଜନୈତିକ ଦଳ ଥିବା କଂଗ୍ରେସ ଏବେ ତୃତୀୟ ସ୍ଥାନରେ। ଓଡ଼ିଶା କଂଗ୍ରେସର ଅପାରଗପଣିଆ ଯୋଗୁ ଆଜି ବିଜେପି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି ଓ କଂଗ୍ରେସ ତୃତୀୟ ସ୍ଥାନରେ। କଂଗ୍ରେସ ଦଳରେ ଜାତୀୟ ନେତାଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହେଉନଥିବାରୁ ରାଜ୍ୟ କଂଗ୍ରେସ ଆଗକୁ ବଢ଼ିପାରୁନାହିଁ ବୋଲି ସବୁବେଳେ ଚର୍ଚ୍ଚା ହେଉଛି। ଗୋଟିଏ ସର୍ବପୁରାତନ ରାଜନୈତିକ ଦଳର ଭବିଷ୍ୟତକୁ ନେଇ ବର୍ତ୍ତମାନ ଓଡ଼ିଶାର କଂଗ୍ରେସ ନେତା ଓ କର୍ମୀ ନିରୁତ୍ସାହିତ ମନେ ହେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟ କଂଗ୍ରେସ ପାଇଁ କାର୍ଯ୍ୟ କରୁଥିବା ଅନେକ ପୁରାତନ କର୍ମୀ ଓ ନେତା କଂଗ୍ରେସରୁ ମୁହଁ ଫେରାଇ ବିଜେଡି କିମ୍ବା ବିଜେପିରେ ଯୋଗ ଦେଉଛନ୍ତି। ସାଧାରଣ ନିର୍ବାଚନ ହେଉ କିମ୍ବା ପଞ୍ଚାୟତସ୍ତରୀୟ ନିର୍ବାଚନରେ ମଧ କଂଗ୍ରେସ ପୂର୍ବ ଭଳି ସଫଳତା ପାଇପାରୁନାହିଁ। ଯେଉଁ ସମୟରେ ଲଳାଟେନ୍ଦୁ ବିଦ୍ୟାଧର ମହାପାତ୍ର (ଲୁଲୁ)ଙ୍କୁ ପିସିସି ସଭାପତି କରାଯିବାର ଚର୍ଚ୍ଚା ହେଉଥିଲା ସେଥିରୁ ବଞ୍ଚିତ ରହି ସେ ଆଜି ଆରପାରିରେ। ଯଦି ଲୁଲୁଙ୍କୁ ପିସିସି ଦାୟିତ୍ୱ ଦିଆଯାଇଥାନ୍ତା ➤ ପୃ-୬




## ଜମୁନି, ବଢୁଛି

**ନୂଆଦିଲ୍ଲୀ :** ନାଗରିକତା ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ଦେଶର ବିଭିନ୍ନ ରାଜ୍ୟରେ ହିଂସାକାଣ୍ଡ ବଢ଼ିଚାଲିଛି। ଏହି ଆଇନ ବିରୋଧରେ ଭୟଙ୍କର ପ୍ରତିବାଦର ନିଆଁ ସାରା ଦେଶରେ ଜଳୁଛି। ପଲ୍ଲୀରୁ ଦିଲ୍ଲୀ ସବୁଠି ବିରୋଧ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ବିଶେଷକରି ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ବ୍ୟାପକ ପୋଡାଜଳା ହୋଇଥିବା ବେଳେ ବେଙ୍ଗାଲୁରୁରେ ବିରୋଧ ପ୍ରଦର୍ଶନ ବେଳେ ବିଶିଷ୍ଟ ଐତିହାସିକ ରାମଚନ୍ଦ୍ର ଗୁହାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ଏନ୍ଆରସି ଓ ସିଏଏକୁ ନେଇ ସାରା ଦେଶ ଏବେ ଭୟଭୀତ ଓ ଅଶାନ୍ତ ରହିଛି। ସାଧାରଣ ଲୋକ ଏହି ଆଇନକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଉଛନ୍ତି। ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ଜାମ୍ମୁ,



ମାଙ୍ଗାଲୋର, ଲକ୍ଷ୍ନୌ, ଭୁବନେଶ୍ୱର, କୋଲକାତା, ଥିରୁଅନନ୍ତପୁରମ, ଗୌହାଟୀ ଆଦି ବିଭିନ୍ନ ସ୍ଥାନରେ ବଡ ଧରଣର ଆନ୍ଦୋଳନ ହୋଇଛି। ଲୋକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଦିଲ୍ଲୀ, ଅହମ୍ମଦାବାଦ, ଲକ୍ଷ୍ନୌ, ବେଙ୍ଗାଲୁରୁ ଭଳି ସହରରେ ଆନ୍ଦୋଳନକାରୀମାନେ ଯେଭଳି ହିଂସାକାଣ୍ଡ ଘଟାଇବା ସହ ପୋଲିସକୁ ମରଣାନ୍ତକ ଆକ୍ରମଣ ଓ ଶହ ଶହ କୋଟି ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ କଲେ ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ଏହି ହିଂସା ପଛରେ ଥିବା ଶକ୍ତି ଗୁଡିକୁ ଚିହ୍ନଟ କରିବା ପାଇଁ ଗୁଇନ୍ଦା ବିଭାଗ ଅତି ସତର୍କତାର ସହ କାର୍ଯ୍ୟ କରୁଥିଲା। ହିଂସାକାଣ୍ଡ ଘଟାଇ ଆତଙ୍କ ସୃଷ୍ଟି କରୁଥିବା କେତେକ ଅଭିଯୁକ୍ତଙ୍କୁ ଜେରା ➤ ପୃ-୬




## ୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ ସମ୍ଭବ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ୫ ଲକ୍ଷ କୋଟି ଡଲାର ଅର୍ଥବ୍ୟବସ୍ଥାର ଲକ୍ଷ୍ୟ ହାସଲ ସମ୍ଭବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରେ ପ୍ରମୁଖ ଉଦ୍ୟୋଗ ଚାମ୍ବର 'ଆସୋଚାମ'ର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରି ଏହା କହିଛନ୍ତି। କର୍ପୋରେଟ ଜଗତର ବିଶିଷ୍ଟ ବ୍ୟକ୍ତି, କୂଟନୀତିଜ୍ଞ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ସମୂହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତକୁ ୫ ଲକ୍ଷ କୋଟି ଡଲାର ଅର୍ଥବ୍ୟବସ୍ଥାରେ ପରିଣତ କରିବାର ବିଚାର ଅଚାନକ ଆସିନାହିଁ। ସେ କହିଥିଲେ ଯେ ଗତ ୫ ବର୍ଷ ମଧ୍ୟରେ ଦେଶ ନିଜକୁ ଏତେ ସୁଦୃଢ଼ କରି ନେଇଛି ଯେ ଏହା କେବଳ ନିଜ ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ନିର୍ଦ୍ଧାରଣ କରିନାହିଁ, ବରଂ ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ ମଧ କରି ଦେଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ୫ ବର୍ଷ ପୂର୍ବରୁ ଅର୍ଥବ୍ୟବସ୍ଥା ବିପର୍ଯ୍ୟୟ ଆଡ଼କୁ ଗତି କରୁଥିଲା। ଆମ ସରକାର ଏଥିରେ ବିରାମ ଲଗାଇବା ସହିତ ଅର୍ଥବ୍ୟବସ୍ଥାରେ ଅନୁଶାସନର ମାର୍ଗ ମଧ ପ୍ରଶସ୍ତ କଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମେ ଭାରତର ଅର୍ଥବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିଲୁ, ଯାହାଦ୍ୱାରା ଏହାର ପରିଚାଳନା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଶୃଙ୍ଖଳିତ ଢଙ୍ଗରେ ହୋଇପାରିବ। ଆମେ ଉଦ୍ୟୋଗ ଜଗତର ଦଶନ୍ଧି ପୁରୁଣା ଦାବି ପୂରଣ ➤ ପୃ-୬

## ନାକ୍ ଲାଗି କସରତ : ଡିଗ୍ରୀ କଲେଜ ଭିତ୍ତିଭୂମି ଅନୁଧ୍ୟାନ

**ଭୁବନେଶ୍ୱର :** ରାଜ୍ୟରେ ଡିଗ୍ରୀ କଲେଜ ଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ଛାତ୍ରଛାତ୍ରୀଙ୍କ ଲାଗି ମୌଳିକ ସୁବିଧା ଦିଗରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ରାଜ୍ୟର ପ୍ରତିଷ୍ଠିତ ସରକାରୀ କଲେଜ ସମେତ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜଗୁଡ଼ିକ ନାକ୍ ତାଲିକାରେ ଯେପରି ସ୍ଥାନ ପାଇବେ ସେଥିଲାଗି ଗୁରୁତ୍ୱ ଦେବାକୁ ସବୁ ଡିଗ୍ରୀ କଲେଜର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନାକ୍ ମାନ୍ୟତା ପାଇବା ପରେ ସମ୍ପୃକ୍ତ କଲେଜଗୁଡ଼ିକର ଭିତ୍ତିଭୂମିରେ ବହୁ ଉନ୍ନତି ଘଟିବା ସହ କଲେଜର ପରିଚୟ ମଧ ସୃଷ୍ଟି ହେବ। ରାଜ୍ୟରେ ଥିବା ୮୫୦ରୁ ଅଧିକ ଡିଗ୍ରୀ କଲେଜ ଏଥିପ୍ରତି ଗୁରୁତ୍ୱ ଦେବା ସହ ଯେଉଁ ସବୁ ବିଶ୍ୱବିଦ୍ୟାଳୟ ଅଧୀନରେ କଲେଜ ପରିଚାଳିତ ହେଉଛି ସେହି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବାକୁ ମଧ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଡିଗ୍ରୀ କଲେଜ ଯେପରି ନାକ୍ର ମାନ୍ୟତା ହାସଲ କରିବେ ସେଥିଲାଗି ବିଭାଗ ପକ୍ଷରୁ ଏକ ପ୍ରକାର କସରତ ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟ ➤ ପୃ-୬

### ବକ୍ରବାଣୀ



ପଖାଳ କଂସାକୁ ପିଆଜ ନାହିଁ
ଆଳୁ ଦର ଗଲା ପଚିଶ ଛୁଇଁ
ଶୀତଳ ଭଣ୍ଡାର ଦେଖିବା ପାଇଁ
ଗରୀବ ବାପୁଡା ରହିଚି ଚାହିଁ
ଠିକଣା ବେଳେ ଯଦି ସଞ୍ଚିଥା'ନ୍ତେ
ଚଢ଼ା ରେଏଟେ କିବା କିଣୁଥା'ନ୍ତେ
ପେଟେ ପିଛ ଛାମୁଁ ଶୋଇ ଯାଆନ୍ତି
ପଖାଳ ପିଆଜ କିବା ଖାଆନ୍ତି
କିଣୁଥିଲେ ସିନା ସେ ଜାଣୁଥା'ନ୍ତେ
ଗରୀବ କଥା ଚିନ୍ତା କରୁଥା'ନ୍ତେ।

—ଟୁଟୁ

### ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ରୋକିବାକୁ ଆକ୍ସନ ପ୍ଲାନ

## ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ରାଜ୍ୟରେ ଅଧିକ ଲଘୁ ଖଣିଜ ଦ୍ରବ୍ୟର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ରାଜ୍ୟ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଆକ୍ସନ୍ ପ୍ଲାନ ପ୍ରସ୍ତୁତ କରିଛନ୍ତି। ବେଆଇନ ଖଣି କାରବାର ବଢ଼ିବାରେ ଲାଗିଥିବା ବେଳେ ଏହାକୁ ରୋକିବା ପାଇଁ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଉଛି। ହେଲେ କିଛି ଜିଲ୍ଲାରେ ଏହାକୁ ରୋକିବା ଦିଗରେ ପ୍ରଶାସନ ବିଫଳ ହେଉଥିବାରୁ ରାଜସ୍ୱ ବିଭାଗର ଶାସନ ସଚିବ ନିକୁଞ୍ଜ ଧଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗୋଟିଏ ପଟେ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ବର୍ତ୍ତମାନ ଖଣିଜ ଦ୍ରବ୍ୟର ଚାହିଦା ବଢ଼ି ବଢ଼ି ଚାଲିଥିବା ବେଳେ ଅନ୍ୟପଟେ ଏହା ସୀମିତ ମାତ୍ରାରେ ଉପଲବ୍ଧ ହେଉଛି। ଲଘୁ ଖଣିଜ ଦ୍ରବ୍ୟର ସଠିକ୍ ପରିଚାଳନା ପାଇଁ ଜିଲ୍ଲାପାଳମାନଙ୍କୁ ବାରମ୍ବାର ଯୋଜନା, ଡିଏସ୍ଆର ପ୍ରସ୍ତୁତ କରିବାକୁ



କୁହାଯାଉଛି। ଏନେଇ ବିଭିନ୍ନ ଜିଲ୍ଲାର ଏଡିଏମ୍ ଓ ଉପ-ଜିଲ୍ଲାପାଳଙ୍କ ସହ ବିଭାଗୀୟ ସଚିବ ଭିଡିକନ୍ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ଏହାସହ କାର୍ଯ୍ୟକ୍ଷେତ୍ରରେ ଅବହେଳା ଏବଂ ଦୁର୍ବଳ ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥିର କରାଯାଇଛି। ଗତ କିଛି ଦିନ ତଳେ ଜିଲ୍ଲା ସ୍ତରରେ ନୂଆ ଲଘୁ ଖଣିଜ ଦ୍ରବ୍ୟର ସନ୍ଧାନ ପାଇଁ ସମୀକ୍ଷା କରାଯାଇଥିଲା। ସମୀକ୍ଷା ରିପୋର୍ଟକୁ ଭିତ୍ତି କରି ସରକାର ରାଜ୍ୟରେ ➤ ପୃ-୬

### ଶ୍ରୀମନ୍ଦିର ସଂସ୍କାର : ୬୦ ହଜାର ଭକ୍ତଙ୍କ ରହଣୀ ପାଇଁ ନିର୍ମାଣ ହେବ ଭକ୍ତ ନିବାସ

## ପ୍ରତିଷ୍ଠା ହେବ ସେବାୟତ ଗୁରୁକୁଳ

**ପୁରୀ :** ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସୁପ୍ରିମକୋର୍ଟ ଦେଇଥିବା ୨୩ଟି ଆଦେଶନାମା ଉପରେ କି କି କାର୍ଯ୍ୟ କରାଯାଇଛି ଓ କ'ଣ କରାଯିବ ସେ ସଂପର୍କରେ ଆଲୋଚନା ହୋଇଥିଲା । କିଛିଦିନ ତଳେ ଶ୍ରୀମନ୍ଦିର ଦ୍ୱାରଫିଟାରେ ଅହେତୁକ ବିଳମ୍ବ ହେବ ଓ ଠାକୁର ବନ୍ଦ ହୋଇ ରହିବା ଘଟଣାକୁ ନେଇ କୋର୍ଟ କ୍ଷୁବ୍ଧ ହୋଇଥିଲେ । ସେ ସଂପର୍କରେ ତଦନ୍ତ କରାଯାଇ ତିନିଜଣ ସେବାୟତଙ୍କୁ ଜାନୁୟାରୀ ୪ ତାରିଖ ସୁଦ୍ଧା ଜଣାଇବା ପାଇଁ ଲିଖିତ ଆକାରରେ ଜଣାଇ ଦିଆଯାଇଛି । ଉତର ପାଇବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କିଶନ କୁମାର ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜାନୁଆରୀ ୮ ତାରିଖ ସୁଦ୍ଧା ଶ୍ରୀମନ୍ଦିର ସଂସ୍କାର ସଂପର୍କରେ ରିପୋର୍ଟ ପ୍ରଦାନ କରାଯିବ । ଏହା ସହ ଶଙ୍କରାଚାର୍ଯ୍ୟଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ



ନୀତି ସଂପର୍କରେ ସବିଶେଷ ଆଲୋଚନା କରାଯିବ । ଶାସ୍ତ୍ର ମତାନୁସାରେ କି କି ନୀତି, କେଉଁ ନୀତି କେତେବେଳେ ହେବ ସେ ସଂପର୍କରେ ଆଲୋଚନା କରାଯିବ। ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଓ ମତାମତକୁ କାର୍ଯ୍ୟକାରୀ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସତଚେଷ୍ଟା କରିବ। ମାନ୍ୟବର କୋର୍ଟ ସେବାୟତମାନଙ୍କ ଗୁରୁକୂଳ ବିଦ୍ୟାଳୟ ପାଇଁ ୫କୋଟି ଟଙ୍କା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାଙ୍କରେ ଆକାଉଂଟ ଖୋଲାଯିବା ପରେ ରଖାଯିବ। ଏହାସହ ଯେଉଁ ଭକ୍ତମାନେ ଗୁରୁକୂଳକୁ ଦାନ କରିବେ ସେମାନେ ମଧ ସେହି ଆକାଉଣ୍ଟ ନମ୍ବରରେ ଡିପୋଜିଟ କରିପାରିବେ। ମାଟିତୋଟା ଠାରେ ଶ୍ରୀମନ୍ଦିର ପ୍ରଶାସନର ୧୫ ଏକର ଜମିରେ ଏହି ଗୁରୁକୂଳ ପ୍ରତିଷ୍ଠା କରାଯିବ। ଏହାକୁ ଚଳାଇବା ପାଇଁ ସ୍ୱତନ୍ତ୍ର ପରିଚାଳନା କମିଟି ଗଠନ କରାଯିବ । ଶ୍ରୀମନ୍ଦିରରେ ଭକ୍ତମାନଙ୍କ ସୁବିଧା ପାଇଁ କି କି ସୁବିଧା ନିଆଯାଇଛି ସେ ସଂପର୍କରେ ମଧ ବୈଠକରେ ଆଲୋଚନା ହୋଇଥିଲା। ଧାଡି ଦର୍ଶନ ଓ ଭକ୍ତଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ସିଂହଦ୍ୱାରଠାରେ ସେଡ୍ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଭକ୍ତଙ୍କ ଚପଲ, ➤ ପୃ-୬

### ଓଡ଼ିଶାରେ ବ୍ୟାଘ୍ର ପ୍ରକଳ୍ପ ଟଙ୍କା ଅନ୍ୟତ୍ର ଖର୍ଚ୍ଚ

## ଫେରିଯିବ 'ସୁନ୍ଦରୀ'

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ବ୍ୟାଘ୍ର ପ୍ରକଳ୍ପକୁ ନେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଥରିଟି (ଏନଟିସିଏ) କ୍ଷୁବ୍ଧ ହୋଇଛି। ବନ ବିଭାଗର ଅପାଗତା ପାଇଁ ଅନୁଗୁଳ ସାତକୋଶିଆରେ ଥିବା ବାଘୁଣୀକୁ ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟକୁ ଫେରାଇନେବାକୁ ଏନ୍ଟିସିଏ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରିଛି। ସାତକୋଶିଆ କର୍ତ୍ତୃପକ୍ଷ ଦୀର୍ଘ ୧ ବର୍ଷରୁ ଅଧିକ ବିତି ଯାଇଥିଲେ ମଧ ବାଘୁଣୀ ସୁନ୍ଦରୀକୁ ଏନକ୍ଲୋଜର ଭିତରୁ ଜଙ୍ଗଲକୁ ଛାଡ଼ିବାରେ ବିଫଳ ହୋଇଛନ୍ତି। ଫଳରେ ସୁନ୍ଦରୀ ତାର ନିଜର ହିଂସ୍ର ସ୍ୱଭାବ ହରାଇଲାଣି। ଏପଟେ ସୁନ୍ଦରୀଙ୍କୁ ଛୋଟ ଏନ୍କ୍ଲୋଜରରେ ରଖିବା ସହ ଏସ୍ଓପିର ପାଳନ ହୋଇନଥିବା ମଧ ଚିଠିରେ ଉଲ୍ଲେଖ ରହିଛି। ତେଣୁ ବାଧ ହୋଇ ସୁନ୍ଦରୀକୁ ଫେରାଇ ନେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଏନଟିସିଏ ସଦସ୍ୟ ସଚିବ ଅନୁପ ନାୟକ ସୂଚନା ଦେଇଛନ୍ତି। ଏଭଳି ନିଷ୍ପତ୍ତି ଯୋଗୁଁ ଏବେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ସଫଳତା ନେଇ ସନ୍ଦେହ ସୃଷ୍ଟି ହୋଇଛି।



ଯଦିଓ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ବଜାୟ ରହିବ ବୋଲି ଏନ୍ଟିସିଏ କହିଛି ତେବେ ବିନା ବାଘରେ ବ୍ୟାଘ୍ର ପ୍ରକଳ୍ପ କିଭଳି ସମ୍ଭବ ବୋଲି ପ୍ରଶ୍ନ ଉଠିଛି। ସାତକୋଶିଆରେ ବାଘ ବଂଶବୃଦ୍ଧିକୁ ଲକ୍ଷ୍ୟ କରି ଗତ ୨୦୧୭ରେ ଏନଟିସିଏ ବ୍ୟାଘ୍ର ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲା। ଫଳରେ ପ୍ରଥମେ ୨୦୧୮ ଜୁନରେ ମଧ୍ୟପ୍ରଦେଶର କାହ୍ନାରୁ ଏଠାକୁ ମହାବୀରକୁ ଅଣା ଯାଇଥିଲା। ସେହି ବର୍ଷ ଜୁଲାଇ ୨୮ରେ ବାନ୍ଧବଗଡ଼ରୁ ସୁନ୍ଦରୀକୁ ଅଣା ଯାଇ ଏନକ୍ଲୋଜର ଭିତରେ ରଖାଯାଇ ଥିଲା। ତେବେ ରୋଗ ଯୋଗୁଁ ବେକରେ ସଂକ୍ରମଣ ଯୋଗୁଁ ମହାବଳ କାହ୍ନାର ମୃତ୍ୟୁ ଘଟିଥିବା ବେଳେ ସୁନ୍ଦରୀ ଧୀରେ ଧୀରେ ହିଂସ୍ର ହୋଇ ଉଠିଥିଲା। ସ୍ଥାନୀୟ ସାତକୋଶିଆ ଅଞ୍ଚଳରେ ସୁନ୍ଦରୀ ନିଜ ଆକ୍ରମଣରେ ୨ ଜଣ ମଣିଷ ଶିକାର କରିଥିଲା। ଯାହାଫଳରେ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ଦେଖାଦେଇଥିଲା। ଫଳରେ ପୁଣି ଥର ତାକୁ ୨୦୧୮ ନଭେମ୍ବର ୭ ତାରିଖରେ ଏନକ୍ଲୋଜର ଭିତରେ ରଖାଗଲା। ସେଦିନରୁ ଆଜି ପର୍ଯ୍ୟନ୍ତ ସୁନ୍ଦରୀ ୨୫ ଏକର ବଦଳରେ ଅଢ଼େଇ ଏକର ସୀମିତ ଏନକ୍ଲୋଜର ଭିତରେ ରହିଛି। ହାତ ଟେକା ମାଂସ ଖାଉଛି। ସବୁ ସମୟରେ ମଣିଷ ଦେଖୁଛି। ସୁନ୍ଦରୀ ଭିତରେ ଥିବା ହିଂସ୍ର ସ୍ୱଭାବ ଧୀରେ ଧୀରେ ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**ବୃଷ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**ମିଥୁନ** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**କର୍କଟ** ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ସିଂହ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ତୁଳା** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।


**ବିଛା** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ହାସଲ କରିବେ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ରାଜନୈତିକ ବ୍ୟକ୍ତିମାନେ ଚିନ୍ତିତ ରହିବେ।

**ଧନୁ** ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। କୌଣସି ବଡ କମ୍ପାନୀରେ ଆପଣଙ୍କୁ ଚାକିରର ପ୍ରସ୍ତାବ ମିଳିପାରେ।

**ମକର** ସମାଜ ସେବାରେ ସମୟ ଅତିବାହିତ ହେବ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ପରିବାରରେ ଶାନ୍ତି ବଜାୟ ରହିବ। ନୂତନ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**କୁମ୍ଭ** ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ।

**ମୀନ** ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଦୁର୍ଘଟଣା ଘଟିପାରେ। ନୂତନ କର୍ମକ୍ଷେତ୍ରରେ ଯୋଗଦେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଭାରତୀୟ ନାଗରିକଙ୍କ ପାଇଁ ଲାଗୁ ହେବନି ସିଏଏ

**ନୂଆଦିଲ୍ଲୀ, (ପିଆଇବି):** ନାଗରିକତା ଆଇନ, ୧୯୫୫ରେ ଭାରତୀୟ ନାଗରିକତ୍ୱ ଗ୍ରହଣ, ବିବେଚନା ଓ ସମାପ୍ତି ପାଇଁ ବ୍ୟବସ୍ଥା ରହିଛି। ଭାରତୀୟ ନାଗରିକତ୍ୱ ଜନ୍ମ ଆଧାରରେ (ଧାରା-୩), ବଂଶ ଆଧାରରେ (ଧାରା ୪), ପଞ୍ଜିକରଣ ଆଧାରରେ (ଧାରା ୫), ନାଗରିକତା ଗ୍ରହଣ ଆଧାରରେ (ଧାରା ୬) କିମ୍ବା କୌଣସି ଭୂଖଣ୍ଡ ସାମିଲ ହେବା ଆଧାରରେ (ଧାରା ୭) ଗ୍ରହଣ କରାଯାଇପାରିବ। ଯେକୌଣସି ବିଦେଶୀ ନିଜ ରାଷ୍ଟ୍ର ଓ ସମୁଦାୟ ନିର୍ବିଶେଷରେ ପଞ୍ଜିକରଣ କିମ୍ବା ନାଗରିକତା ଗ୍ରହଣ ଆଧାରରେ ଭାରତୀୟ ନାଗରିକତ୍ୱ ଗ୍ରହଣ କରିପାରିବେ। ନାଗରିକତା (ସଂଶୋଧନ) ଆଇନ (ସିଏଏ), ୨୦୧୯ ଜରିଆରେ ତିନୋଟି ନିର୍ଦ୍ଦିଷ୍ଟ ଦେଶରୁ ଧର୍ମ ଆଧାରରେ ଉତ୍ପୀଡ଼ନର ଶିକାର ହୋଇ ଭାରତରେ ଶରଣ ନେଇଥିବା ୬ଟି ସଂଖ୍ୟାଲଘୁ ସମୁଦାୟ ଭାରତୀୟ ନାଗରିକତା ପାଇଁ ଆବେଦନ କରିପାରିବେ। ତେବେ ଜାତି, ଧର୍ମ, ବର୍ଣ୍ଣ, ବର୍ଗ ଆଦି ଆଧାରରେ କୌଣସି ବିଦେଶୀଙ୍କୁ ପଞ୍ଜିକରଣ ଅଥବା ନାଗରିକତା ଗ୍ରହଣ ଜରିଆରେ ଭାରତୀୟ ନାଗରିକ ହେବା ଲାଗି ଆବେଦନ କରିବା ନିମନ୍ତେ ପୂର୍ବରୁ ଥିବା ବ୍ୟବସ୍ଥାରେ କୌଣସି ସଂଶୋଧନ କରାଯାଇନାହିଁ। ସର୍ବନିମ୍ନ ଆଇନଗତ ଆବଶ୍ୟକତା ପୂରଣ କରିବା ପରେ ଏପରି ବିଦେଶୀ ଭାରତୀୟ ନାଗରିକତା ଗ୍ରହଣ ପାଇଁ ଆବେଦନ କରିପାରିବେ। ସିଏଏ ଭାରତୀୟ ନାଗରିକଙ୍କ ପାଇଁ ଲାଗୁ ହେଉନାହିଁ। ସେମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ତିନୋଟି ପଡ଼ୋଶୀ ଦେଶରେ ଧର୍ମୀୟ ଉତ୍ପୀଡ଼ନର ଶିକାର ହୋଇଥିବା ନିର୍ଦ୍ଦିଷ୍ଟ ବିଦେଶୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରିବା ଲାଗି ଏହା ଉଦ୍ଦିଷ୍ଟ। ଗତ ୬ ବର୍ଷ ମଧ୍ୟରେ ପାଖାପାଖି ୨୮୩୦ ପାକିସ୍ତାନୀ, ୯୧୨ ଆଫଗାନୀ ଓ ୧୭୨ ବାଂଲାଦେଶୀ ନାଗରିକଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯାଇସାରିଛି। ଏମାନଙ୍କ ମଧ୍ୟରୁ ଶତାଧିକ ଏହି ତିନୋଟି ଦେଶର ସଂଖ୍ୟାଗରିଷ୍ଠ ସମୁଦାୟରୁ ଆସିଛନ୍ତି। ଏପରି ଶରଣାର୍ଥୀଙ୍କୁ ଆଗକୁ ମଧ୍ୟ ଭାରତୀୟ ନାଗରିକତା ମିଳିବ ଏବଂ ପଞ୍ଜିକରଣ ଓ ନାଗରିକତା ଗ୍ରହଣ ଲାଗି ଆଇନରେ ରହିଥିବା ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଥିଲେ ସେମାନଙ୍କୁ ନାଗରିକତା ମିଳିବାରେ କୌଣସି ଅସୁବିଧା ନାହିଁ। ୨୦୧୪ରେ ଭାରତ ଓ ବାଂଲାଦେଶ ମଧ୍ୟରେ ସୀମା ଚୁକ୍ତି ହୋଇଥିଲା। ଏହାପରେ ୫୦ଟି ବାଂଲାଦେଶୀ କ୍ଷେତ୍ର ଭାରତୀୟ ଭୂଖଣ୍ଡରେ ସାମିଲ ହେଲା ଏବଂ ପାଖାପାଖି ୧୪, ୮୬୪ ଜଣ ବାଂଲାଦେଶୀ ନାଗରିକଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯାଇସାରିଛି। ୨୦୧୬ ପରଠାରୁ ନାଗରିକତା (ସଂଶୋଧନ) ବିଧେୟକକୁ ସର୍ବସମ୍ମୁଖରେ ରଖାଯାଇଛି। ଲୋକସଭା ଓ ରାଜ୍ୟସଭା ସଦସ୍ୟଙ୍କୁ ନେଇ ଗଠିତ ୩୦ ଜଣିଆ ସଂସଦୀୟ କମିଟି ଏହାକୁ ମଞ୍ଜୁରି ଦେଇଛି। ବର୍ତ୍ତମାନର ଆଇନ ସମ୍ପୂର୍ଣ୍ଣ ଭାବେ ଏହି ବିଧେୟକ ଉପରେ ଆଧାରିତ। ୨୦୧୫-୧୬ରେ ଭାରତ ସରକାର କେତେକ ନିୟମରେ ସଂଶୋଧନ ଆଣିଥିଲେ। ଏହା ଜରିଆରେ ୨୦୧୪ ଡିସେମ୍ବର ସୁଦ୍ଧା ଧର୍ମୀୟ ଉତ୍ପୀଡ଼ନର ଶିକାର ହୋଇ ଭାରତରେ ଶରଣ ନେଇଥିବା ନିର୍ଦ୍ଦିଷ୍ଟ ୩ଟି ଦେଶର ୬ଟି ସଂଖ୍ୟାଲଘୁ ସମୁଦାୟଙ୍କ ଭାରତରେ ପ୍ରବେଶ ଓ ରହଣିକୁ ଆଇନଗତ ମାନ୍ୟତା ଦିଆଯାଇଛି। ଭାରତ ସରକାର ଏପରି ଶରଣାର୍ଥୀଙ୍କୁ ଭାରତରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବା ଲାଗି ଦୀର୍ଘ ଅବଧି ଭିସା (ଏଲଟିଭି) ଜାରି କରିବା ନିମନ୍ତେ ମଧ୍ୟ ଯୋଗ୍ୟ ବିବେଚିତ କରିସାରିଛନ୍ତି। ୩୧ ଡିସେମ୍ବର ୨୦୧୪ ପୂର୍ବରୁ ଏହି ତିନୋଟି ଦେଶରୁ ଦେଶାନ୍ତରିତ ହୋଇଥିବା

### ନାଗରିକତା (ସଂଶୋଧନ) ଆଇନ, ୨୦୧୯ ବିଷୟରେ ବିସ୍ତୃତ ସୂଚନା

ଶରଣାର୍ଥୀ ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଥିଲେ ସେମାନେ ସିଏଏ ଜରିଆରେ ଭାରତୀୟ ନାଗରିକତା ପାଇପାରିବେ। ଭାରତକୁ ବାଧ୍ୟ ହୋଇ ଚାଲିଆସିଥିବା ଭାରତୀୟ ବଂଶୋଦ୍ଭବ ବିଦେଶୀଙ୍କୁ ଭାରତରେ ରହିବା ଏବଂ ନାଗରିକତା ପ୍ରଦାନ କରିବା ଲାଗି ଅତୀତରେ ବିଭିନ୍ନ ସମୟରେ ଭାରତ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଉଦାହରଣ ସ୍ୱରୂପ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୬ ଅନୁଯାୟୀ ୧୯ ଜୁଲାଇ, ୧୯୪୮ ପୂର୍ବରୁ ପାକିସ୍ତାନରୁ ଭାରତକୁ ଚାଲିଆସିଥିବା ଲୋକଙ୍କୁ ଭାରତୀୟ ନାଗରିକ ଭାବେ ମାନ୍ୟତା ଦିଆଯିବ। ଦ୍ୱିତୀୟରେ ଏହି ତାରିଖ କିମ୍ବା ଏହା ପରେ ଦେଶାନ୍ତରିତ ହୋଇଥିବା ଲୋକଙ୍କୁ ମାତ୍ର ୬ ମାସ ଭାରତରେ ରହିବା ପରେ ଭାରତୀୟ ନାଗରିକତା ପ୍ରଦାନ କରାଯିବ। ୧୯୬୪ ଏବଂ ୧୯୭୪ରେ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଅନ୍ତର୍ଜାତୀୟ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ୧୯୬୪ରୁ ୨୦୦୮ ମଧ୍ୟରେ ଭାରତୀୟ ବଂଶୋଦ୍ଭବ ୪.୬୧ ଲକ୍ଷ ତାମିଲ ଲୋକଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ପାଖାପାଖି ୯୫ ହଜାର ଶ୍ରୀଲଙ୍କା ଶରଣାର୍ଥୀ ତାମିଲନାଡୁରେ ରହୁଛନ୍ତି। ସେମାନେ ଭାରତ ସରକାର ଓ ତାମିଲନାଡୁ ସରକାରଙ୍କ ଦ୍ୱାରା ରାସନ ଓ ଅନ୍ୟାନ୍ୟ ସୁବିଧା ପାଉଛନ୍ତି। ସେମାନେ ମଧ୍ୟ ଭାରତୀୟ ନାଗରିକ ହେବା ପାଇଁ ଯୋଗ୍ୟ ହେବା ପରେ ଏଥିପାଇଁ ଆବେଦନ କରିପାରିବେ। ୧୯୬୨ରୁ ୧୯୭୮ ମଧ୍ୟରେ ବର୍ମାରେ ଅଧିକାଂଶ ବାଣିଜ୍ୟ ଓ ବ୍ୟବସାୟକୁ ରାଷ୍ଟ୍ରାୟତ ଘୋଷଣା କରାଯିବା ସହ ଭାରତୀୟ ବଂଶୋଦ୍ଭବଙ୍କ ସମ୍ପତ୍ତିକୁ ସରକାର ବଳପୂର୍ବକ ଅକ୍ତିଆର କରିନେଲେ। ଏହା ପରେ ୨ ଲକ୍ଷରୁ ଅଧିକ ଭାରତୀୟ ବଂଶୋଦ୍ଭବ ବର୍ମାରୁ ଭାରତ ଚାଲିଆସିଲେ। ସେମାନେ ଭାରତର ବିଭିନ୍ନ ସ୍ଥାନରେ ସ୍ଥାୟୀ ଭାବେ ବସବାସ କଲେ। ୧୯୬୫ ଓ ୧୯୭୧ ଯୁଦ୍ଧ ଏବଂ ପାଂଚ ବର୍ଷ ପୂର୍ବରୁ ପାକିସ୍ତାନରୁ ଦେଶାନ୍ତର ହୋଇଥିବା ହିନ୍ଦୁ ଶରଣାର୍ଥୀଙ୍କୁ ପଞ୍ଜିକରଣ ମାଧ୍ୟମରେ ଭାରତୀୟ ନାଗରିକତା ପ୍ରଦାନ କରିବା ଲାଗି ଗୁଜରାଟ ଓ ରାଜସ୍ଥାନର ୬ ଜିଲ୍ଲାପାଳ ତଥା ଗୁଜରାଟ ସରକାରଙ୍କୁ ୨୦୦୪ରେ କେନ୍ଦ୍ର ସରକାର କ୍ଷମତା ଦେଇଥିଲେ। ଏହି କ୍ଷମତା ପ୍ରଥମେ ଏକ ବର୍ଷ ପାଇଁ ଦିଆଯାଇଥିଲା, କିନ୍ତୁ ଏହାକୁ ୨୦୦୫ ଏବଂ ପୁଣି ୨୦୦୬ ପର୍ଯ୍ୟନ୍ତ ଆହୁରି ଦୁଇ ବର୍ଷ ପାଇଁ ବଢ଼ାଇ ଦିଆଯାଇଥିଲା। ସିଏଏ କୌଣସି ବିଦେଶୀ ଧାର୍ମିକ ସମୁଦାୟକୁ ଟାର୍ଗେଟ କରୁନାହିଁ। ଏହା କେବଳ ସେହି ପ୍ରବାସୀମାନଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରିବା ଲାଗି ଏକ ବ୍ୟବସ୍ଥା ଯୋଗାଇ ଦେଉଛି ଯେଉଁମାନେ ବେଆଇନ ମାନ୍ୟତା ପାଇ କେତେକ ସର୍ତ୍ତ ପୂରଣ କରିବା ସତ୍ତ୍ୱେ ଭାରତୀୟ ନାଗରିକତା ପାଇଁ ଆବେଦନ କରିବାରୁ ବଂଚିତ ହୋଇଛନ୍ତି। ସିଏଏର ବ୍ୟବସ୍ଥାକୁ ଲାଗୁ କରିବା ନିମନ୍ତେ ଭାରତ ସରକାର ନିୟମ ପ୍ରଣୟନ କରିବେ। କୌଣସି ପ୍ରବାସୀ ଆପେ ଆପେ ଭାରତୀୟ ନାଗରିକ ହୋଇଯିବେ ନାହିଁ। ତାଙ୍କୁ ଅନଲାଇନ ଆବେଦନ କରିବାକୁ ହେବ ଏବଂ ସେ ଭାରତୀୟ ନାଗରିକ ଭାବେ ପଞ୍ଜିକୃତ ହେବା ଓ ନାଗରିକତା ଗ୍ରହଣ କରିବା ଲାଗି ସମସ୍ତ ଯୋଗ୍ୟତା ପୂରଣ କରୁଛନ୍ତି କି ନାହିଁ ତାହା କ୍ଷମତାପ୍ରାପ୍ତ ଅଧିକାରୀ ଅନୁଧ୍ୟାନ କରିବେ। ସମ୍ବିଧାନର ଷଷ୍ଠ ଅନୁସୂଚୀ ଏବଂ ଇନର ଲାଇନ ପରମିଟ ସିଷ୍ଟମ ଅଧୀନରେ ଆସୁଥିବା ଅଂଚଳକୁ ଏଥିରୁ ବାଦ ଦିଆଯାଇଥିବାରୁ ସିଏଏ ଦ୍ୱାରା ଉତର-ପୂର୍ବାଂଚଳର ଜନଜାତି ଓ ଦେଶୀୟ ଲୋକମାନଙ୍କ ସ୍ୱାର୍ଥ ବାଧାପ୍ରାପ୍ତ ହେବ ନାହିଁ। ଏହି ଅଂଚଳରେ ରହୁଥିବା ଏପରି ପ୍ରବାସୀମାନେ ଭାରତୀୟ ନାଗରିକତା ପାଇଁ ଆବେଦନ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ବିଦେଶୀଙ୍କ ଭିଡ଼ ସ୍ୱଦେଶୀଙ୍କ ଜୀବନଜୀବିକାକୁ ପ୍ରଭାବିତ କରିବାର ପ୍ରଶ୍ନ ଉଠୁନାହିଁ।

# ଜୟପୁର ବିସ୍ଫୋରଣ ମାମଲା : ୪ଜଣଙ୍କୁ ଫାଶୀଦଣ୍ଡ

**ଜୟପୁର :** ୮୦ଜଣଙ୍କ ଜୀବନ ନେଇଥିବା ୨୦୦୮ ଜୟପୁର ବିସ୍ଫୋରଣ ମାମଲାରେ ୪ଜଣ ଦୋଷୀଙ୍କୁ ଫାଶୀଦଣ୍ଡ ଶୁଣାଇଛନ୍ତି କୋର୍ଟ। ରାଜସ୍ଥାନର ରାଜଧାନୀ ଜୟପୁରର ଏକ କୋର୍ଟ ଏହି ମାମଲାର ଶୁଣାଣି କରୁଥିବା ବେଳେ ଏଥିରେ ଜଣେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ୧୦ବର୍ଷ ତଳେ ଘଟିଥିବା ଏହି ଅଘଟଣରେ ୧୭୦ଜଣ ଆହତ ହୋଇଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଫାଶୀ ଦଣ୍ଡ ପାଇଥିବା ୪ଜଣ ଦୋଷୀ ହେଲେ ମହମ୍ମଦ ସୈଫ୍, ସରୱାର ଆଜମୀ, ସଲମାନ ଏବଂ ସୈଫୁର ରେହମାନ। ଅନ୍ୟପକ୍ଷରେ ପଞ୍ଚମ ଅଭିଯୁକ୍ତ ସାହବାଜ୍ ହୁସେନ୍‌ଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ଅନ୍ୟ ୩ଜଣ ଅଭିଯୁକ୍ତ ବର୍ତ୍ତମାନ ତିହାର ଜେଲରେ ଅଛନ୍ତି। ଉତ୍ତରପ୍ରଦେଶର ଆଜମଗଡର ମହମ୍ମଦ ଆତିନ୍ ଏହି ବିସ୍ଫୋରଣର ମାଷ୍ଟରମାଇଣ୍ଡ ଥିଲା। ଦିଲ୍ଲୀର ବାଟଲାହାଉସ୍ ଏନ୍‌କାଉଣ୍ଟରରେ ତା'ର ମୃତ୍ୟୁ ହୋଇସାରିଛି। ଆତିନ୍‌ର ନିର୍ଦ୍ଦେଶରେ ଫାଶୀ ପାଇବାକୁ ଥିବା ୪ଜଣ ଏହି କାଣ୍ଡ ଘଟାଇଥିଲେ। ସେମାନେ ସମସ୍ତେ ଉତ୍ତରପ୍ରଦେଶର ବୋଲି ସୂଚନା ମିଳିଛି। ସେମାନେ ପ୍ରଥମେ ଆମୋନିଅମ୍ ନାଇଟ୍ରେଟ୍ କିଣିବା ପରେ ଶାର୍ପନେଲ୍ ସହ ମିଶାଇଥିଲେ ଏବଂ ସାଇକେଲରେ ଯାଇ ସହରର ୯ଟି ସ୍ଥାନରେ ପାର୍କିଂ କରିଥିଲେ। ସନ୍ଧ୍ୟା ୭.୨୦ରୁ ୭.୪୫ ମଧ୍ୟରେ ଏସବୁର ବିସ୍ଫୋରଣ ହୋଇଥିଲା। ମେ' ୨୦୦୮ ମସିହାରେ ଏହି ଅଘଟଣ ଇଣ୍ଡିଆନ୍ ମୁଜାହିଦ୍ଦିନ୍‌ର ଭୟଙ୍କର ବିସ୍ଫୋରଣ ମଧ୍ୟରେ ଅନ୍ୟତମ ଥିଲା। ଏହି ବିସ୍ଫୋରଣରେ ୧୦ଟି ଆଇଇଡି ପ୍ଲାଣ୍ଟ କରାଯାଇଥିଲା। ଯେଉଁଥିରୁ ୯ଟି ବିସ୍ଫୋରଣ ହୋଇଥିଲା। ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ଶାହବାଜ୍ ଏମ୍‌ଟେକ୍ ପାଶ୍ କରି ସାଇବର କାଫେ ଚଳାଉଥିଲା। ସେ ଏକ ସାଇବର କାଫେରୁ ଇଣ୍ଡିଆନ୍ ମୁଜାହିଦ୍ଦିନ୍ ପକ୍ଷରୁ ମେଲ୍ କରିଥିବା ଅଭିଯୋଗ ଆସିଥିଲା। ପୂର୍ବରୁ କୁହାଯାଉଥିଲା ମୁଜାହିଦ୍ଦିନ୍ ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରି କରିଥିବା ମେଲ୍ ଶାହବାଜ୍ ହିଁ କରିଥିଲେ। କିନ୍ତୁ ଏହାର କୌଣସି ପ୍ରମାଣ ମିଳିନଥିଲା।

# ମୁଶରଫଙ୍କୁ ଦଣ୍ଡାଦେଶ ଦେଇଥିବା ବିଚାରପତି ହଟିବେ



**ଇସଲାମାବାଦ :** ରୁଗ୍ଣ ମାନସିକତା କାରଣ ଦର୍ଶାଇ ପାକ୍ ସରକାର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶରଫଙ୍କ ପ୍ରତି ଦଣ୍ଡ ବିଧାନ କରିଥିବା ବିଚାରପତିଙ୍କୁ ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ବିଶେଷ କରି ଦଣ୍ଡାଦେଶ ପୂର୍ବରୁ ମୁଶରଫଙ୍କର ମୃତ୍ୟୁ ଘଟିଲେ, ତାଙ୍କ ମରଶରୀରକୁ ସଂସଦ ନିକଟକୁ ଆଣି ୩ ଦିନ ଧରି ଝୁଲାଇ ଦିଆଯିବା ସମ୍ପର୍କିତ ରାୟରେ ପାକ୍ ସରକାର ଭୀଷଣ ରାଗି ଯାଇଛନ୍ତି। ଗୁରୁବାର ପେଶାୱର ହାଇକୋର୍ଟର ମୁଖ୍ୟ ବିଚାରପତି ୱାକର ଅହମଦ ସେଠ ଏହି ଦଣ୍ଡାଦେଶ କରିଥିଲେ। ମୁଶରଫଙ୍କ ଦେଶଦ୍ରୋହ ମାମଲାର ବିଚାର କରିଥିଲେ ମୁଖ୍ୟ ବିଚାରପତି ସେଠଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର କୋର୍ଟ। ପାକିସ୍ତାନର ଡିଚୌକ ଅଞ୍ଚଳରେ ସବୁ ଗୁରୁତ୍ୱପୂର୍ଣ୍ଣ ଅଫିସଗୁଡ଼ିକ ଅଛି। ସେଗୁଡ଼ିକ ମଧ୍ୟରେ ରାଷ୍ଟ୍ରପତିଙ୍କ ନିବାସ, ପ୍ରଧାନମନ୍ତ୍ରୀଙ୍କ ଅଫିସ, ସଂସଦ ଓ ସୁପ୍ରିମକୋର୍ଟ ପ୍ରଧାନ। ମୁଶରଫଙ୍କ ପ୍ରତି ମୃତ୍ୟୁ ଦଣ୍ଡାଦେଶର ବିସ୍ତୃତ ବିବରଣୀ ପ୍ରକାଶ ପାଇବା ପରେପରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ତାଙ୍କ ଆଇନ ବିଶେଷଜ୍ଞ ମଣ୍ଡଳୀଙ୍କ ଜରୁରି ବୈଠକ କରିଥିଲେ। ପରେ ସାମ୍ବାଦିକ ସମ୍ମିଳନୀ ଡକାଇ ଘନିଷ୍ଠ ସହକର୍ମୀଙ୍କ ଗହଣରେ ବସି ବିଚାରପତି ସେଠଙ୍କ ବିରୋଧରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଜଣାଇଥିଲେ। ପାକ୍ ଆଇନମନ୍ତ୍ରୀ ଫାରୁଗ ନସୀମ କହିଛନ୍ତି ଯେ ବିଚାରପତିଙ୍କ ଦଣ୍ଡାଦେଶରୁ ତାଙ୍କର ରୁଗ୍ଣ ମାନସିକତା ବାରି ହୋଇପଡୁଛି। ପାକିସ୍ତାନର କୌଣସି ଆଇନରେ ଏଭଳି ଦଣ୍ଡ ବିଧାନ କରାଯିବାର ବ୍ୟବସ୍ଥା ନାହିଁ। ବିଚାରପତି ସେଠଙ୍କୁ ହଟାଇବା ପାଇଁ ପାକ୍ ସରକାର ସୁପ୍ରିମ ଜୁଡିସିଆଲ୍ କାଉନସିଲଙ୍କ ଶରଣାପନ୍ନ ହେବେ। ରୁଗ୍ଣ ମସ୍ତିଷ୍କଧାରୀ ବିଚାରପତିଙ୍କ ପାଇଁ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ସ୍ଥାନ ନାହିଁ ବୋଲି ପାକ୍ ସରକାର ରୋକ୍‌ଠୋକ୍ କହିଛନ୍ତି। ଏଠାରେ ଜଣାଇ ଦିଆଯାଉଛି ଯେ ହାଇକୋର୍ଟ ଓ ସୁପ୍ରିମକୋର୍ଟର ବିଚାରପତିଙ୍କୁ ହଟାଇବା ପାଇଁ ସୁପ୍ରିମ ଜୁଡିସିଆଲ୍ କାଉନ୍‌ସିଲ ଗଠନ କରାଯାଇଛି। ଖଣ୍ଡପୀଠର ଅନ୍ୟତମ ବିଚାରପତି ଶେହଜାଦ ଆକବରଙ୍କ ମତରେ ପାକ୍ ଆଇନକୁ ଜଳାଞ୍ଜଳି ଦେଇ ମୁଶରଫଙ୍କ ବିରୋଧରେ ରାୟ ପ୍ରକାଶ କରିଛନ୍ତି।

# ୮୦,୨୫୦ କୋଟି ବ୍ୟୟରେ ନିର୍ମାଣ ହେବ ୧,୨୫,୦୦୦ କିମି ଗ୍ରାମ ସଡ଼କ

**ନୂଆଦିଲ୍ଲୀ :** କେନ୍ଦ୍ର ଗ୍ରାମୀଣ ବିକାଶ, କୃଷି ଓ କୃଷକ ସଶକ୍ତିକରଣ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)ର ତୃତୀୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି। ନୂଆଦିଲ୍ଲୀଠାରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଚାଲିଥିବା ପିଏମଜିଏସୱାଇ ଜାତୀୟ କର୍ମଶାଳା ଅବସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ତୃତୀୟ ପର୍ଯ୍ୟାୟ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ଗ୍ରାମାଞ୍ଚଳରେ ୧,୨୫,୦୦୦ କିମି ସଡ଼କ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଗ୍ରାମାଞ୍ଚଳ ଜନବସତିକୁ ଡାକ୍ତରଖାନା, ଗ୍ରାମୀଣ କୃଷି ବଜାର ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସହ ସଂଯୋଗ କରାଯିବ। ୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ ଏହି ଯୋଜନାରେ ୮୦,୨୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ, ଏଥିମଧ୍ୟରୁ କେନ୍ଦ୍ର ସରକାର ୫୩, ୮୦୦ କୋଟି ଟଙ୍କା ଯୋଗାଇ ଦେବେ। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ତୃତୀୟ ପର୍ଯ୍ୟାୟ ଲାଗି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ପାଣ୍ଠି ବ୍ୟୟ ଅନୁପାତ ୬୦:୪୦ ରହିଛି। ଉତରପୂର୍ବ ଏବଂ ହିମାଳୟ ରାଜ୍ୟ ପାଇଁ ଏହି ଅନୁପାତ ୯୦:୧୦ ରଖାଯାଇଛି। ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ତୋମାର କହିଥିଲେ ଯେ ପିଏମଜିଏସୱାଇ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏକଦା ଗ୍ରାମାଂଚଳରେ ଭଲ ରାସ୍ତା କଥା କେହି କଳ୍ପନା କରିପାରୁନଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟି ଓ ସଂକଳ୍ପବଦ୍ଧତା କାରଣରୁ ଆଜି ଗ୍ରାମୀଣ ଭାରତରେ ୬ ଲକ୍ଷ କିମିରୁ ଅଧିକ ଗ୍ରାମୀଣ ସଡ଼କ ନିର୍ମାଣ କରାଯାଇପାରିଛି। ସାମଗ୍ରିକ ବିକାଶ ଏବଂ ଗ୍ରାମାଂଚଳର ସଶକ୍ତିକରଣରେ ସଡ଼କ ସଂଯୋଗ ବ୍ୟବସ୍ଥାର ଗୁରୁତ୍ୱ ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଥିଲେ। ଗ୍ରାମୀଣ ସଡ଼କ ରକ୍ଷଣାବେକ୍ଷଣ ଲାଗି ସେ ରାଜ୍ୟଗୁଡ଼ିକ ଆହ୍ୱାନ କରିବା ସହିତ ତୃତୀୟ ପର୍ଯ୍ୟାୟ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ୧୬ ଡିସେମ୍ବର ୨୦୧୯ ସୁଦ୍ଧା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧,୫୩,୪୯୧ଟି ଗ୍ରାମ ରାସ୍ତା କାମ ଶେଷ ହୋଇଛି। ଏହା ମାଧ୍ୟମରେ ଦେଶର ୯୭.୨୭% ଯୋଗ୍ୟ ଓ ବ୍ୟବହାର୍ଯ୍ୟ ଜନବସତିକୁ ଯୋଡ଼ିବା ସହିତ ମୋଟ ୬,୦୭,୯୦୦ କିମି ସଡ଼କ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏଥିମଧ୍ୟରୁ ୩୬,୦୬୩ କିମି ଲମ୍ବ ସଡ଼କର ନିର୍ମାଣ ସବୁଜ ଜ୍ଞାନକୌଶଳ ଉପଯୋଗ କରି ନିର୍ମାଣ କରାଯାଇଛି, ଯେଉଁଥିରେ ବର୍ଜ୍ୟ ପ୍ଲାଷ୍ଟିକ ଏବଂ କୋଲ୍ଡ ମିକ୍ସ ଟେକନୋଲୋଜି ବ୍ୟବହାର କରାଯାଇଛି। ଜାତୀୟ ଗ୍ରାମୀଣ ଭିତିଭୂମି ବିକାଶ ସଂସ୍ଥା (ଏନଆରଆଇଡିଏ) ପକ୍ଷରୁ ଆୟୋଜିତ ଏହି ଜାତୀୟ କର୍ମଶାଳାରେ ବିଭିନ୍ନ ରାଜ୍ୟ, ବୈଷୟିକ ସଂସ୍ଥାନର ପ୍ରତିନିଧି ଓ ବିଶେଷଜ୍ଞମାନେ ଯୋଗ ଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ମତ ରଖିବା ସହିତ ଆଲୋଚନାରେ ଭାଗ ନେଇଥିଲେ। ଗ୍ରାମୀଣ ସଡ଼କ ରକ୍ଷଣାବେକ୍ଷଣ ଓ ମାନ ବୃଦ୍ଧି, ବର୍ଦ୍ଧିତ ଭିଡ଼ ପାଇଁ ଗ୍ରାମୀଣ ସଡ଼କ ଯୋଜନା, ସଡ଼କ ସୁରକ୍ଷା, ରାସ୍ତା କାମରେ ପ୍ଲାଷ୍ଟିକ ବର୍ଜ୍ୟର ଉପଯୋଗ ଭଳି ନୂଆ ପ୍ରଯୁକ୍ତି ବିଷୟରେ କର୍ମଶାଳାରେ ଆଲୋଚନା ହୋଇଥିଲା।

# ଭାରତରୁ ମେଧା ଗ୍ରହଣ ପ୍ରକ୍ରିୟା ଜାରି ରହୁ : ଜୟଶଙ୍କର



**ନ୍ୟୁୟର୍କ :** ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ଅର୍ଥନୈତିକ ବୁଝାମଣା ଅନୁସାରେ ଭାରତରୁ ଆମେରିକାର ମେଧା ଗ୍ରହଣ ପ୍ରକ୍ରିୟା ଜାରି ରହିବା ଉଚିତ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ଭାରତୀୟ ଆଇଟି ପ୍ରଫେସନାଲଙ୍କୁ ଆମେରିକା ତରଫରୁ ଏଚ୍-୧ବି ଭିସା ଯୋଗାଇ ଦିଆଯାଇଥାଏ। ଏହି ଭିସା ବଳରେ ଆମେରିକା କମ୍ପାନୀଗୁଡ଼ିକରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତିର ସୁଯୋଗ ମିଳିଥାଏ। ପ୍ରତିବର୍ଷ ଆମେରିକା ଭାରତ ଓ ଚୀନରୁ ପ୍ରାୟ ୧୦ ହଜାର ମେଧାଶକ୍ତି ଗ୍ରହଣ କରୁଛି। ବୁଧବାର ୱାଶିଂଟନ ଡିସିରେ ଆମେରିକାର ବୈଦେଶିକ ସଚିବ ମାଇକ୍ ପମ୍ପିଓ ଓ ପ୍ରତିରକ୍ଷା ସଚିବ ମାର୍କ ଇସ୍ପେରଙ୍କୁ ଭେଟିଥିଲେ ଭାରତର ବିଦେଶ ମନ୍ତ୍ରୀ ଜୟଶଙ୍କର ଓ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ୨+୨ କଥାବାର୍ତ୍ତା କରିଥିଲେ। ଗୁରୁବାର ଜୟଶଙ୍କର ଓ ରାଜନାଥ ସିଂହ ଭାରତ ଅଭିମୁଖେ ଯାତ୍ରା କରିଛନ୍ତି। ଭାରତ ଓ ଆମେରିକା ମଧ୍ୟରେ ୨+୨ ଆଲୋଚନା ଶେଷ ହେବାପରେ ଭାରତୀୟ ସାମ୍ବାଦିକ ଗୋଷ୍ଠୀଙ୍କ ଆଗରେ ଜୟଶଙ୍କର କହିଛନ୍ତି, ଭାରତରୁ ଆମେରିକାକୁ ମେଧା ଗ୍ରହଣ ପ୍ରକ୍ରିୟା ଚାଲୁ ରହିବା ଜରୁରି। କୌଣସି ପରିସ୍ଥିତିରେ ଯେପରି ମେଧା ଗ୍ରହଣ ପ୍ରକ୍ରିୟା ବନ୍ଦ ନହୁଏ, ତା'ର ଆଶୁ ବ୍ୟବସ୍ଥା ଗ୍ରହଣ କରାଯିବା ଦରକାର। ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ହ୍ୱାଇଟ୍ ହାଉସ ଯାଇ ଆମେରିକାର ଜାତୀୟ ନିରାପତ୍ତା ପରାମର୍ଶଦାତା ରବର୍ଟ ଓ' ବ୍ରିଏନଙ୍କୁ ଭେଟିଥିଲେ। ପରେପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଜୟଶଙ୍କର ଦୁହେଁ ମିଶି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟକୁ ଯାଇ ପ୍ରାୟ ଅଧଘଣ୍ଟା ଆଲୋଚନା କରିଥିଲେ। ଆଲୋଚନା କାଳରେ ଏଚ୍-୧ବି ଭିସା ପ୍ରଦାନ ବ୍ୟବସ୍ଥାରୁ ଭାରତୀୟ ଆଇଟି ଛାତ୍ରଛାତ୍ରୀଙ୍କୁ ବଞ୍ଚିତ ନ କରିବାକୁ ପରାମର୍ଶ ଦେଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏଚ୍-୧ବି ଭିସା ବଳରେ ଯେ କୌଣସି ବିଦେଶୀ ଆମେରିକାକୁ ବ୍ୟବସାୟ ବାଣିଜ୍ୟ ଉଦ୍ଦେଶ୍ୟରେ ଯାଇପାରିବେ। ମାସକ ତଳେ ଭାରତୀୟ ଆଇଟି ଛାତ୍ରଛାତ୍ରୀଙ୍କୁ ଏଚ୍-୧ବି ଭିସା ଦିଆଯିବନି ବୋଲି ଟ୍ରମ୍ପ ପ୍ରଶାସନ ଘୋଷଣା କରିଥିଲେ ମଧ୍ୟ ଅଦ୍ୟାପି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇନି। ଭାରତୀୟ ଆଇଟି ସେକ୍ଟର ପାଇଁ ଏଚ୍- ୧ବି ଭିସା ଗୁରୁତ୍ୱପୂର୍ଣ୍ଣ। ପ୍ରତିବର୍ଷ ୮୫ ହଜାର ଭାରତୀୟ ଏଚ୍-୧ବି ଭିସା ପାଇଁ ଆବେଦନ କରିଥାନ୍ତି।

# ୨୦୨୨ ସୁଦ୍ଧା ସବୁ ଗାଁକୁ ବ୍ରଡ଼ବ୍ୟାଣ୍ଡ ସଂଯୋଗ



**ନୂଆଦିଲ୍ଲୀ :** କେନ୍ଦ୍ର ସଂଚାର, ଆଇନ ଓ ନ୍ୟାୟ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କ ଦ୍ୱାରା ଆଜି ଜାତୀୟ ବ୍ରଡବ୍ୟାଣ୍ଡ ମିଶନ (ଏନବିଏମ)ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ପ୍ରସାଦ କହିଥିଲେ ଯେ ଏହି ମିଶନ ଜନସାଧାରଣଙ୍କ ସମସ୍ତ ଆଶାଆକାଂକ୍ଷାକୁ ପୂରଣ କରିବା ସହିତ ଦେଶରେ ଡିଜିଟାଲ ସଂଚାର ଭିତିଭୂମିରେ ଦ୍ରୁତ ପ୍ରଗତି ଆଣିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସଞ୍ଚାର, ମାନବ ସମ୍ବଳ ବିକାଶ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଶାମରାଓ ଧୋତ୍ରେ, ଦୂରସଂଚାର ସଚିବ ଅଂଶୁ ପ୍ରକାଶ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଦୂରସଂଚାର ଉଦ୍ୟୋଗର ବହୁସଂଖ୍ୟକ ପ୍ରତିନିଧି, ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ଅଧିକାରୀ ଏବଂ ବିଭିନ୍ନ ରାଜ୍ୟ ସରକାର ଓ ଦୂରସଞ୍ଚାର ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ରବିଶଙ୍କର ପ୍ରସାଦଙ୍କ ଦ୍ୱାରା ଏନବିଏମର ଲୋଗୋ ଏବଂ ଏକ ବୁକଲେଟ ଉନ୍ମୋଚନ କରାଯାଇଥିଲା। ଏନବିଏମର ଲକ୍ଷ୍ୟ ହେଉଛି ଡିଜିଟାଲ ସଂଚାର ଭିତିଭୂମିରେ ଦ୍ରୁତ ଉନ୍ନତି ଆଣିବା, ଡିଜିଟାଲ ବିଭାଜନ ଦୂର କରିବା, ସମସ୍ତଙ୍କୁ ଡିଜିଟାଲ ସଶକ୍ତିକରଣ ଓ ଅନ୍ତର୍ଭୁକ୍ତିକରଣ ସୁବିଧା ସହିତ ଶସ୍ତା ଓ ସର୍ବବ୍ୟାପୀ ବ୍ରଡବ୍ୟାଣ୍ଡ ସେବା ଯୋଗାଇ ଦେବା। ସର୍ବବ୍ୟାପକତା, ସୁଲଭତା ଓ ଗୁଣବତା-ଏହି ତିନୋଟି ନୀତି ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇ ମିଶନର ଅଧିକାଂଶ ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଛି, ସେଥିମଧ୍ୟରୁ କେତୋଟି ହେଲା: ୨୦୨୨ ସୁଦ୍ଧା ସବୁ ଗାଁକୁ ବ୍ରଡବ୍ୟାଣ୍ଡ ସଂଯୋଗ। ସାରା ଦେଶରେ, ବିଶେଷ କରି ଗ୍ରାମୀଣ ଓ ଉପାନ୍ତ ଇଲାକାରେ ସମସ୍ତଙ୍କୁ ସର୍ବବ୍ୟାପୀ ଓ ସମାନ ବ୍ରଡବ୍ୟାଣ୍ଡ ସେବା ଯୋଗାଣ। ୨୦୨୪ ସୁଦ୍ଧା ୩୦ ଲକ୍ଷ କିମି ଅତିରିକ୍ତ ଅପ୍ଟିକାଲ ଫାଇବର କେବୁଲ ବିଛାଇବା ଓ ପ୍ରତି ୧ ହଜାର ଜନସଂଖ୍ୟା ପାଇଁ ଟାୱାର ଘନତ୍ୱକୁ ୦.୪୨ରୁ ୧.୦କୁ ବୃଦ୍ଧି କରିବ। ମୋବାଇଲ ଓ ଇଂଟରନେଟ ସେବାର ଗୁଣବତା ବୃଦ୍ଧି କରିବ। ରାଇଟ ଅଫ ୱେ (ଆରଓଡବ୍ଲୁ) ପାଇଁ ଅଭିନବ କାର୍ଯ୍ୟକାରୀ ମଡେଲ ବିକଶିତ କରିବା ଏବଂ ଅପ୍ଟିକାଲ ଫାଇବର କେବୁଲ ବିଛାଇବା ଲାଗି ଆବଶ୍ୟକ ପଡୁଥିବା ଆରଓଡବ୍ଲ୍ୟୁ ଅନୁମୋଦନ ସମେତ ଡିଜିଟାଲ ଭିତିଭୂମି ବୃଦ୍ଧି ପାଇଁ ନୀତି ପ୍ରଣୟନ କରିବା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକ ସହ ମିଳିତ ଭାବେ କାର୍ଯ୍ୟ କରିବ। ଡିଜିଟାଲ ସଂଚାର ଉପଲବ୍ଧତା ଆକଳନ କରିବା ଲାଗି ବ୍ରଡବ୍ୟାଣ୍ଡ ଉପଲବ୍ଧତା ସୂଚକାଙ୍କ (ବିଆରଆଇ) ଏବଂ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକ ମଧ୍ୟରେ ଅନୁକୂଳ ନୀତି ପରିସଂସ୍ଥାନ ବିକଶିତ କରିବ। ଦେଶବ୍ୟାପୀ ଅପ୍ଟିକାଲ ଫାଇବର କେବୁଲ ଓ ଟାୱାର ସମେତ ଡିଜିଟାଲ ସଂଚାର ନେଟୱର୍କ ଓ ଭିତିଭୂମିର ଏକ ଡିଜିଟାଲ ଫାଇବର ମ୍ୟାପ ସୃଷ୍ଟି। ସାର୍ବଜନୀନ ସେବା ଉତରଦାୟିତ୍ୱ ପାଣ୍ଠିରୁ ୭୦ ହଜାର କୋଟି ଟଙ୍କା ସମେତ ଅଂଶୀଦାରଙ୍କ ଠାରୁ ୭ ଲକ୍ଷ କୋଟି ଟଙ୍କାର ନିବେଶ। ଡିଜିଟାଲ ଭିତିଭୂମି ଓ ସେବା ସୃଷ୍ଟି ଏବଂ ସମ୍ପ୍ରସାରଣ ଲାଗି ଆବଶ୍ୟକ ନୀତିଗତ ଓ ନିୟାମକ ପରିବର୍ତନ ନିମନ୍ତେ ସମ୍ପୃକ୍ତ ମନ୍ତ୍ରଣାଳୟ, ବିଭାଗ, ସଂସ୍ଥା ଓ ଅର୍ଥ ମନ୍ତ୍ରଣାଳୟ ସମେତ ସମସ୍ତ ଅଂଶୀଦାରଙ୍କ ସହିତ କାର୍ଯ୍ୟ କରିବା, ଯାହା ମିଶନରେ ନିବେଶ ପାଇଁ ସହାୟକ ହେବ। ସୂଚନାଯୋଗ୍ୟ ଯେ ୨୦୧୪ ତୁଳନାରେ ୨୦୧୯ରେ ଦେଶରେ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ୩୦%, ଇଂଟରନେଟ ଉପଭୋକ୍ତାଙ୍କ ସଂଖ୍ୟା ୧୬୫%, ବ୍ରଡବ୍ୟାଣ୍ଡ ଉପଭୋକ୍ତାଙ୍କ ସଂଖ୍ୟା ୫୩୦%, ଟେଲି ଘନତ୍ୱ ୨୦%, ଗ୍ରାମୀଣ ଟେଲି ଘନତ୍ୱ ୩୧%, ଡାଟା ଉପଯୋଗ ୧୧୨୦% ବୃଦ୍ଧି ପାଇଛି।



# +୨ ପ୍ରଶ୍ନପତ୍ର ସୁରକ୍ଷା ପାଇଁ ବାର୍‌କୋଡ

**ଭୁବନେଶ୍ୱର :** ୨୦୨୦ ଯୁକ୍ତଦୁଇ ପରୀକ୍ଷା ଆସନ୍ତା ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବ। ବିଜ୍ଞାନ ଏବଂ ଧନ୍ଦାମୂଳକ ଷ୍ଟ୍ରିମର ପ୍ରାକ୍ଟିକାଲ ହେବା ପରେ ମାର୍ଚ୍ଚ ପ୍ରଥମ ସପ୍ତାହରେ +୨ ଥିଓରୀ ପରୀକ୍ଷା ହେବ। ତେବେ ଉଭୟ ପ୍ରାକ୍ଟିକାଲ ଏବଂ ଥିଓରୀ ପ୍ରଶ୍ନପତ୍ର ସୁରକ୍ଷା ଲାଗି ପ୍ରଥମଥର ପାଇଁ +୨ ପ୍ରଶ୍ନପତ୍ରରେ ବାର୍‌କୋଡ ବ୍ୟବସ୍ଥା କରାଯିବ। ବାର୍‌କୋଡ ମାଧ୍ୟମରେ ପ୍ରଶ୍ନପତ୍ର କେଉଁ ଜିଲ୍ଲାର କେଉଁ କଲେଜକୁ ପଠାଯାଇଛି ତାହା ଜଣାପଡ଼ିବ। ଏପରିକି ସମ୍ପୃକ୍ତ ପ୍ରଶ୍ନପତ୍ର ପରୀକ୍ଷାକେନ୍ଦ୍ରର କେଉଁ କ୍ଲାସରୁମ୍ ସମେତ କେଉଁ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିଲା ତାହା ମଧ୍ୟ ଜଣାପଡ଼ିବ। ଫଳରେ ପ୍ରଶ୍ନପତ୍ର ଭାଇରାଲରେ ରୋକ୍ ଲଗାଇବାରେ ଏହି ବ୍ୟବସ୍ଥା ସର୍ବାଧିକ ସହାୟକ ହେବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ପ୍ରକାଶଥାଉ କି, ଚଳିତବର୍ଷ ପ୍ରାୟ ସାଢ଼େ ୩ ଲକ୍ଷ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ଲାଗି ଗଣଶିକ୍ଷା ବିଭାଗର ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରକି କପି ରୋକିବା ଏବଂ ପ୍ରଶ୍ନପତ୍ର ଚୋରି ସମେତ ପରୀକ୍ଷା ଚାଲିଥିବା ସମୟରେ ଭାଇରାଲ ଯେପରି ନହେବ ସେଥିଲାଗି ମଧ୍ୟ ନଜର ଦେବାକୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଡିଜିଟାଲ ବ୍ୟବସ୍ଥା ମାଧ୍ୟମରେ ପରୀକ୍ଷା ପରିଚାଳନା କରିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମଥର ଲାଗି କୋଷ୍ଟିନ ହବ୍‌କୁ ପ୍ରଶ୍ନପତ୍ର ପଠାଇବା, ସେଠାରୁ ପରୀକ୍ଷାକେନ୍ଦ୍ରକୁ ପ୍ରଶ୍ନପତ୍ର ନେବା, ପରୀକ୍ଷା ଦିନ ପରୀକ୍ଷାକେନ୍ଦ୍ରରେ ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲିବା ଏବଂ ଶ୍ରେଣୀରେ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ବାଣ୍ଟିବା ପର୍ଯ୍ୟନ୍ତ ସବୁ ସ୍ତରରେ କଡ଼ାକଡ଼ି ବ୍ୟବସ୍ଥା ଲାଗୁ କରାଯିବ। କୋଷ୍ଟିନ ପ୍ୟାକେଟରେ ବାର୍‌କୋଡ ରହିବ। ରାଜ୍ୟରେ ପ୍ରାୟ ୨୬୦ଟି ହବ୍ କେନ୍ଦ୍ରର ହେବାର ଯୋଜନା ରହିଥିବା ବେଳେ ଏଥର ସବୁ ହବ୍‌ର ତାଲିକା କରାଯାଇ ସେହି ନମ୍ବରକୁ ବାର୍‌କୋଡ ସହ ସଂଯୋଗ କରାଯିବ। ସେହିପରି ବାର୍‌କୋଡ ସହ ପରୀକ୍ଷାକେନ୍ଦ୍ର ମଧ୍ୟ ଲିଙ୍କ କରାଯିବ। ପ୍ରଶ୍ନପତ୍ର ପ୍ୟାକେଟ୍‌ରେ ବାର୍‌କୋଡ ଏବଂ ସିରିଏଲ୍ ନମ୍ବର ରହିବ। ପରୀକ୍ଷାକେନ୍ଦ୍ରରେ ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯିବା ପରେ ସେଥିରୁ କେଉଁ ପ୍ରଶ୍ନପତ୍ର କଲେଜର କେଉଁ ଶ୍ରେଣୀକୁ ଯିବ ତାହାର ଲିଙ୍କ୍ ମଧ୍ୟ କରାଯିବ। ଶ୍ରେଣୀରେ ପ୍ରଶ୍ନପତ୍ର ଏବଂ ପରୀକ୍ଷାର୍ଥୀଙ୍କ ରୋଲନମ୍ବର ସଂଯୋଗ କରାଯିବ। ଫଳରେ କେଉଁ ରୋଲ୍ ନମ୍ବରକୁ କେଉଁ ପ୍ୟାକେଟର ପ୍ରଶ୍ନପତ୍ର ଦିଆଯିବ ତା'ର ସମ୍ପୂର୍ଣ୍ଣ ତଥ୍ୟ ଲିଙ୍କ୍ ମାଧ୍ୟମରେ ରଖାଯିବ। ଏଥିପାଇଁ ଏକ ଟେକ୍ନିକାଲ ଟିମ୍ ଗଣଶିକ୍ଷା ବିଭାଗ, +୨ ପରିଷଦ କିମ୍ବା ଓକାକ୍‌ରେ ରହିବେ ତାହା ନିଷ୍ପତ୍ତି ହେବ। ପରୀକ୍ଷା ଶେଷ ନହେବା ପର୍ଯ୍ୟନ୍ତ ଏହି ଟିମ୍ ସଜାଗ ରହିବେ। ଯଦି କୌଣସି ମୁହୂର୍ତ୍ତରେ ପ୍ରଶ୍ନପତ୍ର ଲିକ୍ ହୁଏ କିମ୍ବା ପରୀକ୍ଷାକେନ୍ଦ୍ରରେ ପ୍ରଶ୍ନପତ୍ର ଫଟୋଉଠାଇ ଭାଇରାଲ କରାଯାଏ ତେବେ ୧୫ମିନିଟ୍ ମଧ୍ୟରେ ସମ୍ପୃକ୍ତ ପରୀକ୍ଷାର୍ଥୀ ବନ୍ଧା ହେବେ। ଏହାବ୍ୟତୀତ ଚଳିତବର୍ଷ ପରୀକ୍ଷାରେ ପରୀକ୍ଷାକେନ୍ଦ୍ରକୁ ମୋବାଇଲ ସମ୍ପୂର୍ଣ୍ଣ ଭାବେ ବ୍ୟାନ କରାଯିବ। ପରୀକ୍ଷାକେନ୍ଦ୍ରରେ ପରୀକ୍ଷାର୍ଥୀଙ୍କ ସମେତ କୌଣସି ଅଧ୍ୟାପକ, ଅଧ୍ୟାପିକା ତଥା ପରୀକ୍ଷା ଦାୟିତ୍ୱରେ ଥିବା କୌଣସି ଅଧିକାରୀ ମୋବାଇଲ ଆଣିପାରିବେ ନାହିଁ। ପିଲାଙ୍କ ଲାଗି ପରୀକ୍ଷାକେନ୍ଦ୍ର ମଧ୍ୟକୁ ମୋବାଇଲ ବ୍ୟାନ କରାଯାଇଥିବା ବେଳେ ଯଦି କୌଣସି କର୍ମଚାରୀ ମୋବାଇଲ ଆଣନ୍ତି ତେବେ ତାକୁ କଲେଜର ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରିବେ। ସେହିପରି ଯଦି ପରୀକ୍ଷାକେନ୍ଦ୍ରରେ କୌଣସି କର୍ମଚାରୀ କିମ୍ବା ଅଧ୍ୟାପକ, ଅଧ୍ୟାପିକାଙ୍କ ପାଖରେ ମୋବାଇଲ ଥିବା ଧରାପଡ଼େ ତେବେ ସମ୍ପୃକ୍ତ ବ୍ୟକ୍ତି ଏବଂ କଲେଜର ଅଧ୍ୟକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି।

### ପ୍ରଶ୍ନପତ୍ର ଲିକ୍ କଲେ ବନ୍ଧା ହେବେ ପରୀକ୍ଷାର୍ଥୀ

# 'କୃଷକଙ୍କ ଉନ୍ନତିରେ ରାଜ୍ୟର ବିକାଶ'

**ଭୁବନେଶ୍ୱର :** ୫-ଟି କାର୍ଯ୍ୟକାରୀ ହେବା ପରେ ଆୟୋଜିତ ମୋ ସରକାର କର୍ମଶାଳାରେ ଯୋଗ ଦେଇନଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୃଷି ମନ୍ତ୍ରୀ ଅରୁଣ ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ୨୦ଟି ଟାର୍ଗେଟ୍ କରାଯାଇଛି। ଜାନୁଆରୀ ୧ ତାରିଖ ସୁଦ୍ଧା ମୋବାଇଲ୍ ଆପ୍ ମାଧ୍ୟମରେ କୃଷି ବିଭାଗର ସମସ୍ତ ଯୋଜନା ସ୍ଥାନିତ କରାଯିବ। ୫ ବର୍ଷରେ ୭୮ ହଜାର ଚାଷୀଙ୍କର ଆୟ ଦ୍ୱିଗୁଣିତ କରାଯିବ। ଏପ୍ରିଲ ୨୦୨୦ ସୁଦ୍ଧା ଚାଷୀଙ୍କ ତାଲିକା ପ୍ରସ୍ତୁତି ଶେଷ ହେବ ବୋଲି ସେ କହିଛନ୍ତି। ରେଲ୍ ଅଡିଟୋରିୟମ୍‌ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଏହା ଅଧୀନରେ ଥିବା ସମସ୍ତ ନିର୍ଦ୍ଦେଶାଳୟ ଏବଂ ନିଗମଗୁଡ଼ିକର ଅଧିକାରୀ ଓ କର୍ମଚାରୀମାନଙ୍କର ୫-ଟି' ଓ 'ମୋ ସରକାର' ସଂପର୍କିତ ଦକ୍ଷତା ବିକାଶ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଡ. ସାହୁ କହିଲେ ଯେ ୫-ଟି'କୁ ସର୍ବାନ୍ତକରଣରେ କାର୍ଯ୍ୟକାରୀ କରି ସାଧାରଣ ଜନତାଙ୍କ ପାଇଁ ଏକ ବିଶ୍ୱସ୍ତ ଓ ଉତରଦାୟୀ 'ମୋ ସରକାର' ସୃଷ୍ଟି କରିବା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଲକ୍ଷ୍ୟ। କୃଷକଙ୍କ ବିକାଶରେ ରାଜ୍ୟର ଅର୍ଥନୀତି ଓ ସାମାଜିକ ବିକାଶ ଜଡ଼ିତ। ଚାଷୀମାନଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ସଂପର୍କରେ ସଚେତନ କରି ସେମାନଙ୍କୁ ନୂତନ ଜ୍ଞାନକୌଶଳ ବ୍ୟବହାର ସଂପର୍କରେ ଉତ୍ସାହିତ କରିବାକୁ ପଡ଼ିବ। ରାଜ୍ୟ ସରକାର ଚାଷୀମାନଙ୍କୁ ଆୟକୁ ଦ୍ୱିଗୁଣିତ କରିବା ଦିଗରେ ଅନେକଗୁଡିଏ ପଦକ୍ଷେପ ନେଇଥିବାବେଳେ ସେଗୁଡ଼ିକର ସଫଳ ରୂପାୟନ ନିମନ୍ତେ ୫-ଟି'କୁ କଡ଼ାକଡ଼ି ପାଳନ କରାଯାଇଛି। ବିଗତ ଦୁଇଦଶନ୍ଧି ମଧ୍ୟରେ ରାଜ୍ୟ ବନ୍ୟା, ବାତ୍ୟା, ମରୁଡ଼ି, ରୋଗପୋକ ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଏବଂ କୃଷକମାନଙ୍କ କଠିନ ପରିଶ୍ରମ ଫଳରେ ରାଜ୍ୟ କୃଷି ଉତ୍ପାଦନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ସହିତ ଚାଉଳ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ରାଜ୍ୟ ହୋଇପାରିଛି। ତେବେ ଚାଷ କାର୍ଯ୍ୟରେ ବିବିଧତା ଆଣି ଡାଲି, ତୈଳବୀଜ ଓ ଅର୍ଥକାରୀ ଫସଲର ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ। ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି ଚାଷକାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱ ଦେଇଥିଲେ। ନୂଆ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି କୃଷି କ୍ଷେତ୍ରକୁ ସମୃଦ୍ଧ କରିବା ସହିତ କୃଷି ଅଭିବୃଦ୍ଧି ଏବଂ କୃଷକଙ୍କ ଆୟକୁ ନିଶ୍ଚିତ କରାଇବା ପାଇଁ କୃଷିନୀତି 'ସମୃଦ୍ଧି' ୨୦୨୦ରୁ ଲାଗୁ କରାଯିବ। ଏଥି ସହିତ 'ମୋ ସରକାର' ପ୍ରବର୍ତ୍ତନ ଫଳରେ ବିଭାଗର କର୍ମଚାରୀମାନଙ୍କର ବୃତିଗତ ଦକ୍ଷତା ବୃଦ୍ଧି ସହିତ କାର୍ଯ୍ୟଶୈଳିରେ ପାରଦର୍ଶିତା ଆସିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। କର୍ମଶାଳାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ନୂତନ କୃଷିନୀତିରେ ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟା, ସଂରକ୍ଷଣ ସହ ତାହାକୁ ମୂଲ୍ୟଯୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ବିଭାଗ ତରଫରୁ ପ୍ରଣୟନ କରାଯାଉଥିବା ଯୋଜନାଗୁଡ଼ିକ କିପରି ଚାଷୀମାନଙ୍କ ନିକଟରେ ପହଂଚିପାରିବ ସେ ଦିଗରେ ଅଧିକାରୀ ଓ କର୍ମଚାରୀମାନେ ତତ୍ପର ହେବା ପାଇଁ କହିଥିଲେ। କର୍ମଶାଳା ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର କର୍ମଶାଳାର ଆଭିମୁଖ୍ୟ ତଥା ୫-ଟି' ଓ 'ମୋ ସରକାର' ସଂପର୍କରେ ଆଲୋକପାତ କରିଥିବାବେଳେ ଉଦ୍ୟାନକୃଷି ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ।

## ଏଣିକି ଡିଗ୍ରୀ ସାର୍ଟିଫିକେଟ୍‌ରେ ରହିବ କ୍ୟୁଆର୍ କୋଡ

**ଭୁବନେଶ୍ୱର:** ରାଜ୍ୟରେ ନକଲି ଶିକ୍ଷକଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ଅନେକ ସଂସ୍ଥାରେ ମଧ୍ୟ ଜାଲ୍ ସାର୍ଟିଫିକେଟ୍ ଦର୍ଶାଇ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ରାଜ୍ୟ ବାହାରୁ ମିଳୁଥିବା ସାର୍ଟିଫିକେଟ୍ ଯାଞ୍ଚ କରାଯାଉନଥିବା ବେଳେ ଅନେକ ସମୟରେ ନକଲି ସାର୍ଟିଫିକେଟ୍ ପାଇଁ ଦଲାଲମାନେ ବହୁ ଅର୍ଥ ଆଦାୟ କରୁଛନ୍ତି। ଏପରିକି ଜାଲ ସାର୍ଟିଫିକେଟ୍ ଲାଗି ରାଜ୍ୟରେ କିଛି ର୍‍ୟାକେଟ୍ ସକ୍ରିୟ ହୋଇଥିବା ଅଭିଯୋଗ ହୋଇଛି। ଏହାବ୍ୟତୀତ ରାଜ୍ୟର କିଛି ବିଶ୍ୱବିଦ୍ୟାଳୟରେ ମଧ୍ୟ ଅନ୍ୟ ପିଲାଙ୍କର ରେଜିଷ୍ଟ୍ରେସନ୍ ମାଧ୍ୟମରେ ଜାଲ ସାର୍ଟିଫିକେଟ୍ ଦିଆଯାଉଛି। ଅନେକ ପ୍ରଚେଷ୍ଟା ସତ୍ତ୍ୱେ ଏହି ସମସ୍ୟାର ସମାଧାନ ହୋଇପାରୁ ନାହିଁ। ତେଣୁ ଏଣିକି ସବୁ ଡିଗ୍ରୀ ସାର୍ଟିଫିକେଟ୍‌ରେ କ୍ୟୁଆର୍‌କୋଡ ରଖାଯିବ। ସମ୍ପୃକ୍ତ କୋଡ ମାଧ୍ୟମରେ ସେହି ସାର୍ଟିଫିକେଟ୍‌ଧାରୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହୋଇଯିବ।

## କେଶବ ରାଓ ଏମ୍‌ସିଏଲ୍‌ର ନୂଆ କାର୍ମିକ ନିର୍ଦ୍ଦେଶକ

**ସମ୍ବଲପୁର, (ଦାମୋଦର ପଣ୍ଡା) :** ମିନିରତ୍ନ ମାନ୍ୟତା ପାଇଥିବା ମହାନଦୀ କୋଲ ଫିଲ୍ଡ ଲିମିଟେଡର ନୂତନ କାର୍ମିକ ନିର୍ଦ୍ଦେଶକ ରୂପେ କେଶବ ରାଓ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ବିଏସ୍‌ଏନ୍‌ଏଲ୍‌ର ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ଆଇଆଇଟି ବମ୍ବେରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଟେକ ଓ ଆଇଆଇଏମ୍ ଅହମ୍ମଦାବାଦରୁ ବାଣିଜ୍ୟ ପ୍ରବନ୍ଧରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଶ୍ରୀ ରାଓଙ୍କର ମାନବ ସମ୍ବଳ, ଦୁର୍ନୀତି ନିବାରଣ ସହିତ ଟେଲିକମ କ୍ଷେତ୍ରରେ ଯୋଜନା ଓ କାର୍ଯ୍ୟାନ୍ୱୟନରେ ୨୭ବର୍ଷର ଲମ୍ବା ଅଭିଜ୍ଞତା ରହିଛି।

# ବିଜେପି ଜିଲ୍ଲା ସଭାପତିଙ୍କ ନାମ ତାଲିକା ଘୋଷଣା

**ଭୁବନେଶ୍ୱର :** ଓଡିଶା ପ୍ରଦେଶର ଜିଲ୍ଲା ସଭାପତି ନିର୍ବାଚନ ଡିସେମ୍ବର ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହା ପୂର୍ବରୁ ରାଜ୍ୟସ୍ତରୀୟ ନେତୃବୃନ୍ଦମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ଜିଲ୍ଲା ଓ ମଣ୍ଡଳ ସ୍ତରର ନେତୃମଣ୍ଡଳୀଙ୍କ ସହ ଆଲୋଚନା କରି ମତାମତ ସଂଗ୍ରହ କରିଥିଲେ। ଡିସେମ୍ବର ୧୫ ଓ ୧୬ ଦୁଇ ଦିନ ଧରି ଅନୁଷ୍ଠିତ ଜିଲ୍ଲା ସଭାପତି ନିର୍ବାଚନର ଫଳାଫଳ ଆଜି ରାଜ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ରଂଜନ ପଟେଲଙ୍କ ଅନୁମୋଦନ କ୍ରମେ ରାଜ୍ୟ ସହ ନିର୍ବାଚନ ଅଧିକାରୀ ଓ ମୁଖପାତ୍ର ସୁଦୀପ୍ତ ରାୟ ଘୋଷଣା କରିଛନ୍ତି। ଜିଲ୍ଲା ସଭାପତିମାନେ ହେଲେ ଅନୁଗୁଳ – ଦିଲେଶ୍ୱର ପ୍ରଧାନ,ଢେଙ୍କାନାଳ- ନରେଶ ମହାପାତ୍ର, କଟକ ନଗର- ଲଲାଟେନ୍ଦୁ ବଡ଼୍,କଟକ ସଦର- ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା,ଜଗତସିଂହପୁର- ସତ୍ୟବର୍ତ ମହାପାତ୍ର, କେନ୍ଦ୍ରାପଡା- କିଶୋର ପଣ୍ଡା, ଯାଜପୁର- ଗୌତମ ରାୟ, ଭଦ୍ରକ- ହେମନ୍ତ ପାଢୀ, ବାଲେଶ୍ୱର- ଉମାକାନ୍ତ ମହାପାତ୍ର, ବାରିପଦା- ପୂର୍ବତନ ବିଧାୟକ କାନ୍ଦରା ସୋରେନ, ରାଇରଙ୍ଗପୁର- ବିଧାୟକ ନବଚରଣ ମାଝୀ, କେନ୍ଦୁଝର- ଅଂଶୁମାନ ସବୁଜ ମହନ୍ତ ବର୍ମା, ସୁନ୍ଦରଗଡ(ବଣାଇ)- ଅନୀଲ ବାର୍ଲା, ସୁନ୍ଦରଗଡ (ପାନପୋଷ)- ଲତିକା ପଟ୍ଟନାୟକ, ସୁନ୍ଦରଗଡ- ବିଧାୟକ ଭବାନୀ ଭୋଇ, ଝାରସୁଗୁଡା- ମଙ୍ଗଳ ସାହୁ, ଦେବଗଡ- ମୀନ କେତନ ପ୍ରଧାନ, ସମ୍ବଲପୁର- ଗିରିଶ ପଟେଲ, ବରଗଡ- ଅଶ୍ୱନୀ ଷଡଙ୍ଗୀ, ବୌଦ୍ଧ- ବିପ୍ର ଚରଣ ମହାନ୍ତି, ସୁବର୍ଣ୍ଣପୁର- ପ୍ରମୋଦ ମହାପାତ୍ର, ବଲାଙ୍ଗୀର- ଶିବାଜୀ ମହାନ୍ତି, ନୂଆପଡା- ସୁବ୍ରତ ଠାକୁର, କନ୍ଧମାଳ- ଜଗନ୍ନାଥ ସାହୁ, ନବରଙ୍ଗପୁର- ଜଗଦୀଶ ବିଶୋଇ, କୋରାପୁଟ- ସୁମନ୍ତ ପ୍ରଧାନ, ମାଲକାନଗିରି- ବିଧାୟକ ଆଦିତ୍ୟ ମାଢୀ, ରାୟଗଡା- ଶିବ ପଟ୍ଟନାୟକ, ଗଜପତି- ବିଧାୟକ କେ. ନାରାୟଣ ରାଓ, ଗଂଜାମ-ବିଭୂତି ଜେନା, ଗୁମୁସର- ଗୋକୁଳାନନ୍ଦ ମଲ୍ଲିକ୍, ନୟାଗଡ-ଲାଲା ମନୋଜ ରାୟ, ଖୋର୍ଦ୍ଧା- ରଶ୍ମି ରଂଜନ ମହାପାତ୍ର, ପୁରୀ- ଆଶ୍ରିତ ପଟ୍ଟନାୟକ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି।

# ବଡ଼ଦିନରେ ସାରା ରାତି ଖୋଲା ରହିବ ଶ୍ରୀମନ୍ଦିର

**ପୁରୀ :** ଆସନ୍ତା ୨୫ ତାରିଖରେ ସାରା ରାତି ଖୋଲା ରହିବ ଶ୍ରୀମନ୍ଦିର। ସେଦିନ ସୂର୍ଯ୍ୟ ପରାଗ ପଡୁଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଯାହାଫଳରେ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଆଜି ପୁରୀରେ ବସିଥିବା ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ମହାପ୍ରଭୁଙ୍କ ପହିଲି ଭୋଗ, ସୂର୍ଯ୍ୟ ପରାଗ ନୀତିକାନ୍ତି ନେଇ ଆଲୋଚନା ହୋଇଛି। ସୂର୍ଯ୍ୟପରାଗ ପୂର୍ବଦିନ ମନ୍ଦିର ରାତିସାରା ଖୋଲା ରହିବ। ଏହାସହ ପରାଗ ସ୍ପର୍ଶ ହେଲେ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହେବ। ସେହି ଅନୁସାରେ ନୀତିକାନ୍ତି ହେବ। ଆସନ୍ତା ୨୬ ତାରିଖ ଗୁରୁବାର ଖଣ୍ଡଗ୍ରାସ, କେତୁଗ୍ରସ୍ତ ସୂର୍ଯ୍ୟପରାଗ। କିଭଳି ସୂର୍ଯ୍ୟ ପରାଗରେ ନୀତିକାନ୍ତି ସୂଚାରୁରୂପେ କରାଯିବ, ତାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଛତିଶା ନିଯୋଗ ବୈଠକରେ ଆଲୋଚନା ହୋଇଛି। ସକାଳ ୮ଘଟିକା ୨୦ମିନିଟ୍ ୮ ସେକେଣ୍ଡରେ ପରାଗ ସ୍ପର୍ଶ ହେଉଥିବା ବେଳେ ସର୍ବ ମୋ' ୧୧ଟା ୧୯ମିନିଟ୍ ୧୦ ସେକେଣ୍ଡ ରହିଛି। ଗ୍ରହଣ ସ୍ପର୍ଶର ୧୨ଘଣ୍ଟା ପୂର୍ବରୁ ଅର୍ଥାତ୍ ବୁଧବାର ରାତି ୮ଘଣ୍ଟା ୨୦ମିନିଟ୍‌ରୁ ପାକତ୍ୟାଗ କରାଯିବ। ଅନ୍ନ ଭୋଜନ ଓ ଦେବନୀତି ନିଷେଧ ରହିଛି। ତେବେ ଡିସେମ୍ବର ୨୫ ତାରିଖ ସାରା ରାତି ମହାପ୍ରଭୁ ଉଜାଗର ରହିବେ। ଆଉ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଗ୍ରହଣ ସ୍ପର୍ଶଠାରୁ ଆରମ୍ଭ ହେବ ଦେବନୀତି। ସକାଳ ୮ଘଣ୍ଟା ୨୦ ମିନିଟ୍ ୮ ସେକେଣ୍ଡଠାରୁ ଗ୍ରହଣ ମହାସ୍ନାନ, ତଡପ, ମଇଲମ, ମଙ୍ଗଳଆଳତୀ, ଅବକାଶ, ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗ୍ରହଣ ଖଇକୋର ଭୋଗ, ଗୋପାଳ ବଲ୍ଲଭ, ପହିଲି ଭୋଗ, ସକାଳ ଧୂପ ନୀତି ଆଦି କରାଯିବ ବୋଲି ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ସେପଟେ ଏହି ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟପରାଗ ସବୁଠାରୁ ଅଧିକ ସମୟ ଦୃଶ୍ୟମାନ ହେବ। ପ୍ରାୟ ୩ଘଣ୍ଟା ୯ ମିନିଟ୍ ୨ ସେକେଣ୍ଡ ଧରି ଦୃଶ୍ୟମାନ ହେବ। ବୁଧବାର ରାତି ୮ଟା ୨୦ ଠାରୁ ପାକତ୍ୟାଗ କରାଯିବା ସହ ଅନ୍ନ ଭୋଜନ ଓ ଦେବନୀତି ନିଷେଧ ବୋଲି ଜ୍ୟୋତିର୍ବିଦ କହିଛନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ଗ୍ରହଣ ଅବସରରେ ସ୍ୱତନ୍ତ୍ର ନୀତିକାନ୍ତି କରାଯିବ। ସବୁ ପାକ୍ ତ୍ୟାଗଠାରୁ ଗ୍ରହଣ ସ୍ପର୍ଶ ଏବଂ ସର୍ବମୋକ୍ଷ ପର୍ଯ୍ୟନ୍ତ ପ୍ରତି ମନ୍ଦିରରେ ନୀତିକାନ୍ତି ବନ୍ଦ ରହିଥାଏ, କିନ୍ତୁ ଶ୍ରୀମନ୍ଦିର ନୀତିକାନ୍ତି କରାଯାଏ। ଏହି ସୂର୍ଯ୍ୟପରାଗ ମେଷ, ବୃଷ, ମିଥୁନ, ଧନୁ, ମକର, ମୀନ ରାଶି ପାଇଁ ଅଶୁଭ ହୋଇଥିବା ବେଳେ କର୍କଟ, ସିଂହ, ତୁଳା, ବିଛା, କନ୍ୟା କୁମ୍ଭ ରାଶି ପାଇଁ ଶୁଭଙ୍କର ହେବ ବୋଲି କହିଛନ୍ତି ଜ୍ୟୋତିର୍ବିଦ। ଗରାବଡୁ ନିଯୋଗ ସମ୍ପାଦକ ରଜତ କୁମାର ପ୍ରତିହାରୀ କହିଛନ୍ତି ଆସନ୍ତା ୨୬ ତାରିଖରେ ସୂର୍ଯ୍ୟ ପରାଗ ପଡୁଛି। ଏହା ପୂର୍ବଦିନ ରାତିତମାମ ଶ୍ରୀମନ୍ଦିର ଖୋଲା ରହିବ। ସେହି ହିସାବରେ ମହାପ୍ରଭୁଙ୍କ ନୀତିକାନ୍ତି ହେବ। ୩୧ ତାରିଖ ରାତି ୧୧ରେ ମହାପ୍ରଭୁଙ୍କର ପହୁଡ ପଡିବ। ନୂଆବର୍ଷ ଦିନ ରାତି ୨୨ଟାରେ ମହାପ୍ରଭୁଙ୍କ ପହୁଡ ଖୋଲିବ। ତା'ପରେ ଭକ୍ତମାନେ ଧାଡିରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି, ନୀତିକାନ୍ତି ଉପରେ ଆଲୋଚନା ହେଲା। ସମସ୍ତେ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି।



## ନୂଆ ମୋଟର ଯାନ ଆଇନ୍ ପରେ କମିଛି ଦୁର୍ଘଟଣା




**ଭୁବନେଶ୍ୱର :** ନୂତନ ମୋଟର ଯାନ ଆଇନ୍ ଲାଗୁ ହେବା ପରେ ଓଡିଶାରେ ସଡକ ଦୁର୍ଘଟଣା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ପାଇଛି। ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ସଡକ ସୁରକ୍ଷା ପରିଷଦ ବୈଠକରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏସମ୍ପର୍କିତ ଏକ ରିପୋର୍ଟ ପ୍ରକାଶ କରିଛନ୍ତି। ଉକ୍ତ ରିପୋର୍ଟର ଦର୍ଶାଯାଇଛି ଯେ ୨୦୧୯ ଆରମ୍ଭରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ୪,୧୧୫ ଜଣଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଗତବର୍ଷ ତୁଳନାରେ ଚଳିତ ବର୍ଷ ୪.୫% ଦୁର୍ଘଟଣା ହ୍ରାସ ପାଇଛି। ସେହିପରି ଦୁର୍ଘଟଣାଜନିତ ମୃତ୍ୟୁହାର ମଧ୍ୟ ୧୨% କମିଛି। ରିପୋର୍ଟ ଅନୁଯାୟୀ ରାଜ୍ୟର ବୌଦ୍ଧ, ରାୟଗଡା, ସୋନପୁର, କନ୍ଧମାଳ, ଦେବଗଡ଼, ମାଲକାନଗିରି ଆଦି ଜିଲା ସର୍ବାଧିକ ଦୁର୍ଘଟଣା ପ୍ରବଣ। ୨୦୧୮ରେ ସମଗ୍ର ଭାରତରେ ୧ ଲକ୍ଷ ୫୨ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହି ସମୟରେ ଆମ ରାଜ୍ୟରେ ୫ ହଜାର ୩୧୫ଜଣଙ୍କ ମୃତ୍ୟୁ ହୋଇଥିଲା। ଦେଶରେ ପ୍ରତି ଘଣ୍ଟାରେ ଦୁର୍ଘଟଣାରେ ୧୭ ଜଣଙ୍କ ଜୀବନ ଯାଉଛି। ଗତ ଦଶନ୍ଧିରେ ଓଡ଼ିଶାରେ ୩୮ ହଜାର ୨୦୪ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ମୃତକଙ୍କ ମଧ୍ୟରୁ ୭୦% ଯୁବପିଢି। ୨୦୧୪ରୁ ୨୦୧୮ ମଧ୍ୟରେ ଦୁର୍ଘଟଣାରେ ମୃତ୍ୟୁହାର ୩୫.୨ପ୍ରତିଶତ ବଢିଥିଲା। ଚଳିତ ବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ଦୁର୍ଘଟଣାରେ ୪ ହଜାର ୧୧୫ ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ସୁଦ୍ଧା ୮ ହଜାର ମଦ୍ୟପ ଡ୍ରାଇଭର ଗିରଫ ହୋଇଛନ୍ତି। ୭୫୦ ଜଣଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବୈଠକରୁ ସୂଚନା ମିଳିଛି।

**AFFIDAVIT**


By Virtue of an affidavit sworn before the notary B.C. Moharana at Rourkela, that, I GOLAK BIHARI SWAIN, aged about 48 yrs. S/o Padma Lochan Swain resident of House no – L/63, Phase – II, Basanti Colony, PS - Uditnagar, Rourkela – 12, Dist – Sundargarh, Odisha that the name is mentioned in the Aadhar Card and other documents as Golak Bihari Swain is correct, whereas in my High School Certificate bearing Sl. no – 8711013553, Roll no – 03H103 name is mentioned as Golak Behari Swain instead of Golak Bihari Swain consequently both the names Golak Bihari Swain & Golak Behari Swain stands for one and same person i.e. myself as per above declaration.

# ଏସ୍‌ଏଚ୍‌ଜିକୁ ପାଇପ୍ ଜଳଯୋଗାଣ ପରିଚାଳନା ଦାୟିତ୍ୱ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ରେଳବାଇ ଅଡିଟୋରିୟମରେ ଜଳସାଥୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ପରିବାରର ସ୍ୱାସ୍ଥ୍ୟ ପ୍ରତି ମା'ମାନେ ଅଧିକ ଯତ୍ନବାନ ଥାଆନ୍ତି ଏବଂ ଭଲ ପିଇବା ପାଣିର ଉତ୍ତମ ସ୍ୱାସ୍ଥ୍ୟ ସହିତ ସମ୍ପର୍କ ରହିଛି। ତେଣୁ ପିଇବା ପାଣିର ପରିଚାଳନା ଦାୟିତ୍ୱ ମା'ମାନଙ୍କୁ ଦିଆଯିବା ଏକ ପ୍ରଶଂସନୀୟ ପଦକ୍ଷେପ। ମହିଳା ମାନଙ୍କର ଅର୍ଥନୈତିକ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ଧାନ ସଂଗ୍ରହଠାରୁ ଆରମ୍ଭ କରି ଛତୁଆ ଯୋଗାଣ, ବିଦ୍ୟୁତ୍ ମିଟର ରିଡିଙ୍ଗ୍ ପରି ଅନେକ ଦାୟିତ୍ୱ ଦେଇଛନ୍ତି ଏବଂ ସେମାନେ ମଧ୍ୟ ସଫଳତାର ସହ ନିର୍ବାହ କରୁଛନ୍ତି। ତେଣୁ ଜଳସାଥୀ ଭାବରେ ମା'ମାନେ ଲୋକଙ୍କ ବିଶ୍ୱାସ ଓ ଭରସା ହାସଲ କରିବା ସହିତ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିବେ। ପ୍ରତି ପରିବାରକୁ ପାଇପ୍ ପାଣି ଯୋଗାଣ କାର୍ଯ୍ୟକ୍ରମକୁ ଜଳସାଥୀମାନେ ସଫଳତାର ସହ ଆଗେଇ ନେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଳସାଥୀମାନଙ୍କୁ ଜଳର ମାନ ପରୀକ୍ଷା କିଟ୍ ଓ ପିଓଏସ୍ ମେସିନ ବଣ୍ଟନ କରିଥିଲେ। ଜଳସାଥୀମାନେ ଘରକୁ ଘର ବୁଲି ଲୋକଙ୍କୁ ନୂତନ ଜଳ ସଂଯୋଗ ଦେବାରେ ସାହାଯ୍ୟ କରିବେ, ମାସକୁ ମାସ ଜଳ ଯୋଗାଣ ଦେୟ ଆଦାୟ କରିବେ ଏବଂ ନିଜ ଅଞ୍ଚଳରେ ନିୟମିତ ଭାବରେ ଜଳର ମାନ ପରୀକ୍ଷା କରିବା ସହିତ ଜନସାଧାରଣଙ୍କର ଅଭାବ ଅଭିଯୋଗକୁ ସରକାରଙ୍କ ନିକଟରେ ପହଞ୍ଚାଇବାକୁ ସହଯୋଗ କରିବେ। ଏହି କାର୍ଯ୍ୟକ୍ରମ ଆଜିଠାରୁ ଭୁବନେଶ୍ୱରର ଅଠଗୋଟି ୱାର୍ଡରେ ଆରମ୍ଭ କରାଗଲା। ଏଥିନିମନ୍ତେ ୱାଟକୋ ଓ ମହିଳା ସ୍ୱୟଂ ସହାୟକ ମହାସଂଘ ସହିତ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନେଶ୍ୱର ତଥା ରାଜ୍ୟର ସମସ୍ତ ସହରାଞ୍ଚଳରେ ସମ୍ପୂର୍ଣ୍ଣ ଭାବରେ ଏହା କାର୍ଯ୍ୟକାରୀ ହେବ। ଏହାଦ୍ୱାରା ୧୨ଲକ୍ଷରୁ ଅଧିକ ପରିବାରକୁ ଦୈନିକ ୯ଶହ ନିୟୁତ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ପ୍ରାୟ ୭୦ଲକ୍ଷ ଲୋକ ଏହି ଯୋଜନା ଦ୍ୱାରା ଉପକୃତ ହେବେ। ରାଜ୍ୟର ସହରାଞ୍ଚଳର ଲୋକମାନେ ସେମାନଙ୍କର ଜଳଯୋଗାଣ ଦେୟ ଘରେ ବସି ପଇଠ କରିବା ସହିତ ଯୋଗାଇ ଦିଆଯାଉଥିବା ଜଳର ମାନ ମଧ୍ୟ ଘରେ ପରୀକ୍ଷା କରିପାରିବେ। ସାରା ରାଜ୍ୟରେ ୫ ହଜାର ଜଳସାଥୀ ଏହି କାର୍ଯ୍ୟକ୍ରମରେ ନିୟୋଜିତ ହେବେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ନଗର ଉନ୍ନୟନ ପ୍ରମୁଖ ସଚିବ ଜି.ମାଥି ଭାତନାନ୍ ଓ ମିଶନ ଶକ୍ତିର ସଚିବ ସୁଜାତା କାର୍ତ୍ତିକେୟନ ମଧ୍ୟ ଉପସ୍ଥିତ ଥିଲେ।

ସୁଖ ପାଖରେ ଜ୍ଞାନ
ନଥାଏ। ଯିଏ ଜ୍ଞାନୀ
ସେ ସୁଖ ପଛରେ
ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୩ - ୨୯ ଡିସେମ୍ବର, ୨୦୧୯

# ସବୁ ଯଦି ଠିକ୍ ଆନ୍ଦୋଳନ କାହିଁକି

**ଜା**ତୀୟ ଜନଗଣନା ପଞ୍ଜୀକରଣ ଉପରେ ରୋକ ଲଗାଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପଶ୍ଚିମବଙ୍ଗରେ ଆରମ୍ଭ ହୋଇଥିବା ଜାତୀୟ ଜନଗଣନା ପଞ୍ଜୀକରଣ (ଏନ୍‌ପିଆର)କୁ ନେଇ ଏଠାରେ ଚାଲିଥିବା ସମସ୍ତ ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରିବାକୁ ଏକ ବିଜ୍ଞପ୍ତି ଜାରି କରିଛନ୍ତି ମମତା ସରକାର। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କୁ ପରବର୍ତ୍ତୀ ନୋଟିସ୍ ଦିଆଯିବା ପର୍ଯ୍ୟନ୍ତ ଏନ୍‌ପିଆର କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ କି, ରାଜ୍ୟର ଜନସଂଖ୍ୟା କେତେ ଓ କେଉଁମାନେ ଏଠାରେ ବସବାସ କରୁଛନ୍ତି ସେକଥା ଜାଣିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏନ୍‌ପିଆର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ସମ୍ପ୍ରତି ଆସାମ ଓ ଦିଲ୍ଲୀ ପର୍ଯ୍ୟନ୍ତ ବିରୋଧ ପ୍ରଦର୍ଶନ ସାଙ୍ଗକୁ ହିଂସାକାଣ୍ଡ ଘଟିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକୁ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହି ମାର୍ଗଦର୍ଶିକାରେ ଆଇନ ଶୃଙ୍ଖଳା ପରିସ୍ଥିତି, ଶାନ୍ତି ବଜାୟ ରଖିବା ସହ ଧନଜୀବନ ସୁରକ୍ଷା କରିବା ପାଇଁ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ସୂଚନାଯୋଗ୍ୟ କି, ସଂଶୋଧିତ ନଗରିକତା ଆଇନକୁ ବିରୋଧ କରି ଦେଶର ବିଭିନ୍ନ ରାଜ୍ୟରେ ଏବେ ପୋଡାଜଳା, ଭଙ୍ଗାରୁଜା ଏବଂ ହିଂସାକାଣ୍ଡ ଘଟିଛି। ଏଥିରେ ଦେଶର ଧନସମ୍ପତି ନଷ୍ଟ ହୋଇଛି। ତେଣୁ ଏହାର ସୁରକ୍ଷା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କଡା ପଦକ୍ଷେପ ନେବାକୁ ଉଦ୍ୟମ କରିଛି। ଏଥିସହିତ ଏହି ଆଇନ ସମ୍ପର୍କରେ ସୋସିଆଲ ମିଡିଆରେ ଭୁଲ ପ୍ରଚାର ଓ ଫେକ୍ ନ୍ୟୁଜ୍ କରାଯାଉଥିବାର ଅଭିଯୋଗ ମଧ୍ୟ ହେଉଛି। ସୋସିଆଲ ମିଡିଆରେ ଜାରି ହେଉଥିବା ମିଛ ପ୍ରଚାର ହିଂସା ପାଇଁ ଦାୟୀ ବୋଲି ମଧ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି। ଦିଲ୍ଲୀ ଓ ଉତ୍ତରପ୍ରଦେଶରେ ହିଂସାକାଣ୍ଡ ଉଗ୍ରରୂପ ଧାରଣ କରିବା ଯୋଗୁ ସେଠାରେ ପୋଲିସ ଲାଠିଚାର୍ଜ କରିବାକୁ ବାଧ୍ୟ ହୋଇଥିଲା ବୋଲି କୁହାଯାଉଛି। ଯେଉଁ ଯେଉଁ ସ୍ଥାନରେ ଆନ୍ଦୋଳନ ଓ ହିଂସାକାଣ୍ଡ ବଢ଼ିଚାଲିଛି ସେଠାରେ ଇଣ୍ଟରନେଟ୍ ଓ ମୋବାଇଲ ସେବାକୁ ବନ୍ଦ ରଖାଯାଇଥିଲା। ଅନ୍ୟ ଦିଗରେ ଆସାମରେ ବିକ୍ଷୋଭକାରୀଙ୍କ ଉପରେ ପୋଲିସର ଗୁଳିଚାଳନା ଯୋଗୁ ୪ଜଣଙ୍କ ମୃତ୍ୟୁ ହୋଇଛି। ଯଦିଓ ବେସରକାରୀ ଭାବରେ ମୃତ୍ୟୁସଂଖ୍ୟା ୫ ବୋଲି ଦାବି କରାଯାଉଛି। ନାଗରିକ ସଂଶୋଧନ ଆଇନକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିଲା ବେଳେ ଉତ୍ତରପ୍ରଦେଶର କେତେକ ଜିଲ୍ଲାରେ ଏହାକୁ ନେଇ ୧୪୪ଧାରା ଲାଗୁ କରାଯାଇଛି। ସିଏଏକୁ ନେଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧି ଅମିତ ଶାହାଙ୍କୁ ଖୋଲା ଆହ୍ୱାନ ଦେଇ କହିଛନ୍ତି ଯେ, ଯଦି ଶାହାଙ୍କ ସାହାସ ଅଛି ତା'ହେଲେ ସେ ଥରେ ଉତ୍ତର-ପୂର୍ବ ରାଜ୍ୟକୁ ଯାଆନ୍ତୁ। ନାଗରିକତା ସଂଶୋଧନ ଆଇନ ବାବଦରେ କଂଗ୍ରେସ, ତୃଣମୂଳ କଂଗ୍ରେସ ଏବଂ ବାମଦଳ ଗୁଡିକ ଗୁଜବ ପ୍ରଚାର କରୁଥିବା ଅଭିଯୋଗ ଆଣିଛି ବିଜେପି।



ତାରକ ମହାନ୍ତି

ଭାରତୀୟ ଜନତା ପାର୍ଟି ଏମାନଙ୍କ ବିରୋଧରେ ପାଲଟା ଆନ୍ଦୋଳନ କରିବ ବୋଲି ମଧ୍ୟ ନୂଆଦିଲ୍ଲୀରେ କହିଛି। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଜେପି ନେତୃତ୍ୱାଧୀନ ଆସାମ ସରକାରରେ ସହଯୋଗୀ ରହିଥିବା ଆସାମ ଗଣ ପରିଷଦ (ଏଜିପି) ସିଏଏକୁ ବିରୋଧ କରିବା ସହିତ ସୁପ୍ରିମ୍‌କୋର୍ଟ ଯିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡିଛି।

ସିଏଏ ବିରୋଧୀ ପ୍ରଦର୍ଶନ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଟ୍ୱିଟ୍‌ରେ ଲେଖାଯାଇଛି ଯେ, ଦେଶକୁ ବିଭାଜିତ ହେବାକୁ ଦିଆଯିବନି। ଏହି ଆଇନକୁ ନେଇ ଦେଖାଯାଇଥିବା ହିଂସାତ୍ମକ ଆନ୍ଦୋଳନ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଓ କଷ୍ଟଦାୟକ। ବାଦ-ବିବାଦ, ଚର୍ଚ୍ଚା ଓ ଅସହମତି ଗଣତନ୍ତ୍ରର ଅଂଶବିଶେଷ। ମାତ୍ର ଜନସାଧାରଣଙ୍କୁ ସମ୍ପତିକୁ କ୍ଷତି ଘଟାଇବା ଓ ସାଧାରଣ ଜୀବନରେ ବାଧା ସୃଷ୍ଟି କରିବା ପରମ୍ପରାର ବିରୋଧୀ ଅଟେ। ଏଥିସହ ମୋଦି ଟ୍ୱିଟ୍ କରିଛନ୍ତି, ଦେଶବାସୀଙ୍କୁ ସ୍ପଷ୍ଟ କରିବାକୁ ଚାହେଁ ଯେ, ନାଗରିକତା ସଂଶୋଧନ ଆଇନ କୌଣସି ଭାରତୀୟ କିମ୍ବା ଧର୍ମକୁ ପ୍ରଭାବିତ କରୁନାହିଁ। ଏହି ଆଇନକୁ ନେଇ ଦେଶର କୌଣସି ନାଗରିକ ଚିନ୍ତା କରିବାର ଆବଶ୍ୟକ ନାହିଁ। ଏହି ଆଇନ କେବଳ ସେହି ଲୋକଙ୍କ ଲାଗି ଉଦ୍ଦିଷ୍ଟ ଯେଉଁମାନେ ବର୍ଷବର୍ଷ ଧରି ପଡୋଶୀ ରାଷ୍ଟ୍ରରେ ନିର୍ଯାତନା ସହି ଭାରତକୁ ଚାଲି ଆସିଛନ୍ତି। କାରଣ ଭାରତ ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ରରେ ସେମାନଙ୍କୁ ସ୍ଥାନ ମିଳିବନାହିଁ। ବିଶେଷକରି ଗରିବ, ପ୍ରତାରିତ ଓ ବାଞ୍ଛିତଙ୍କ ଲାଗି ଏହି ଆଇନ ବିଶେଷଭାବେ କାର୍ଯ୍ୟ କରିବ। ସିଏଏକୁ ନେଇ ଦେଶରେ ଏବେ ବଡ଼ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକୁଥିବା ଦେଖାଯାଉଛି। କାରଣ ଗତ ସପ୍ତାହରେ ନୂଆଦିଲ୍ଲୀରେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ସାଙ୍ଗକୁ ଜେଏନ୍‌ୟୁ, ଆମ୍ବେଦକର ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସିଏଏକୁ ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏମାନଙ୍କ ସମର୍ଥନରେ ଲକ୍ଷ୍ନୌ, ହାଇଦ୍ରାବାଦ, ମୁମ୍ବାଇ, ମଦୁରାଇ, କୋଲକାତା ଏବଂ ଦେଶର ଅନ୍ୟଭାଗରେ ମଧ୍ୟ ଛାତ୍ରଛାତ୍ରୀ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କିଛି ହିଂସାକାଣ୍ଡ ଘଟାଇଛନ୍ତି। ସବୁଠୁ ଅଧିକ ଭୟଙ୍କର ଥିଲା ଦିଲ୍ଲୀ ଛାତ୍ରମାନଙ୍କ ଆନ୍ଦୋଳନ। ସେଠାରେ ରାସ୍ତାରେ ବସ୍ ଜାଳିଦେବା ସହିତ ଟେକାପଥର ମାଡ ଓ ପୋଲିସ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦିଲ୍ଲୀର ନିଆଁ ପରେ ଆଲିଗଡ ମୁସଲିମ୍ ବିଶ୍ୱବିଦ୍ୟାଳୟକୁ ମଧ୍ୟ ବ୍ୟାପିଥିଲା। ସିଏଏକୁ ନେଇ ସବୁଠୁ ଅଧିକ ବିରୋଧ ପ୍ରକଟ କରିଛନ୍ତି ମମତା ବାନାର୍ଜୀ। କୌଣସି ପରିସ୍ଥିତିରେ ପଶ୍ଚିମବଙ୍ଗରେ ଏନ୍‌ଆରସି ଲାଗୁ କରିବାକୁ ସେ ଦେବେନାହିଁ ବୋଲି ମଧ୍ୟ କହିଛନ୍ତି। ଏଥିସହ ଚେତାବନୀ ଦେଇ ମମତା କହିଛନ୍ତି ଯେ, ସେ ବଞ୍ଚିଥିବା ଯାଏ ଏନ୍‌ଆରସି ପଶ୍ଚିମବଙ୍ଗରେ ଲାଗୁ କରିବାକୁ ଦେବେନାହିଁ। ପଶ୍ଚିମବଙ୍ଗରେ କେନ୍ଦ୍ର ସରକାର ଏନ୍‌ଆରସି ଲାଗୁ କରାଇବାକୁ ହେଲେ ତାଙ୍କ ଶବ ଉପରେ ଯିବାକୁ ପଡିବ। ନାଗରିକତା ସଂଶୋଧନ ଆଇନ୍ (ସିଏଏ)ର ସାମ୍ବିଧାନିକ ବୈଧତା ସମ୍ପର୍କରେ ବିଚାର କରିବା ଲାଗି ସୁପ୍ରିମକୋର୍ଟ ସମ୍ମତି ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଆସନ୍ତା ଜାନୁଆରୀ ୨୨ ତାରିଖରେ ଶୁଣାଣି କରାଯିବ। ମାତ୍ର ଏହି ଆଇନ୍‌ର କାର୍ଯ୍ୟକାରିତା ଉପରେ ରହିତାଦେଶ ଜାରି କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍‌ଏ ବୋବଡ଼େ, ଜଷ୍ଟିସ୍ ବିଆର୍ ଗାଭାଇ ଓ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ଆବେଦନ ଉପରେ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହି ଆଇନ୍ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ଲାଗି ସରକାରଙ୍କ ପକ୍ଷରୁ ଗଣମାଧ୍ୟମରେ ସବିଶେଷ ବିବରଣୀ ପ୍ରକାଶ କରାଯିବାକୁ ଖଣ୍ଡପୀଠ ସଲିସିଟର୍ ଜେନେରାଲ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଏଏ ସମ୍ପର୍କରେ ଲୋକେ ଭଲଭାବରେ ଅବଗତ ନାହାନ୍ତି ବୋଲି ଜନୈକ ଓକିଲ ଅଶ୍ୱିନୀ କୁମାର ଉପାଧ୍ୟାୟ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଖଣ୍ଡପୀଠ ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ପ୍ରଣାମ ସଂସ୍କାରର ମହିମା



ପ୍ରତାପସିଂହ ମହାପାତ୍ର

ଆମ ଭାରତୀୟ ଧାର୍ମିକ ଗ୍ରନ୍ଥ ମାନଙ୍କରେ ପ୍ରଣାମ (ଅଭିବାଦନ)ର ମହତ୍ତ୍ୱ ବିଷୟରେ ବହୁ ସ୍ଥାନରେ ବର୍ଣ୍ଣନା କରାଯାଇଥିବା ଦେଖିବାକୁ ମିଳେ। ଅଭିବାଦନ, ପ୍ରଣାମ, ନମସ୍କାର ପ୍ରଭୃତି ଶବ୍ଦ ଗୁଡିକ ଏକାର୍ଥବୋଧକ ପର୍ଯ୍ୟାୟବାଚୀ ଅଟେ। ଆମର ଦୈନନ୍ଦିନ କଥୋପକଥନ ଭାଷାରେ ପ୍ରଣାମ, ନମସ୍କାର, ନମସ୍ତେ ଏବଂ ଚରଣସ୍ପର୍ଶ କରିବାର ପରମ୍ପରା ପ୍ରାଚୀନ କାଳରୁ ଚଳି ଆସୁଛି। ସମାଜରେ ବରିଷ୍ଠ ବ୍ୟକ୍ତି ବିଶେଷ, ଗୁରୁଜନବୃନ୍ଦ, ମାତା-ପିତା, ତଥା ସମସ୍ତ ପୂଜନୀୟ ବର୍ଗଙ୍କ ଚରଣ ସ୍ପର୍ଶ କରି ସେମାନଙ୍କୁ ପ୍ରଣାମ କରିବା, ସେବା ଦେବା ଭାରତୀୟ ସଂସ୍କୃତିର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଅଟେ। 'ମନୁ ସ୍ମୃତି' ଗ୍ରନ୍ଥରେ ଅଭିବାଦନର ମହତ୍ତ୍ୱ ବର୍ଣ୍ଣନା କରାଯାଇ ଯଥାର୍ଥରେ କୁହାଯାଇଛି:-

"ଅଭିବାଦନ ଶୀଳସ୍ୟ ନିତ୍ୟଠ ବୃଦ୍ଧୋପସେବିନଃ
ଚତ୍ୱାରି ତସ୍ୟ ବର୍ଦ୍ଧନ୍ତେ ଆୟୁର୍ବିଦ୍ୟା ଯଶୋବଳମ।"
(ମନୁସ୍ମୃତି-୨।୧୨୧)

ଅର୍ଥାତ୍, ଯେଉଁ ବ୍ୟକ୍ତି ନିତ୍ୟ ଗୁରୁଜନ, ମାତାପିତା ଏବଂ ବୃଦ୍ଧ ବ୍ୟକ୍ତିମାନଙ୍କୁ ପ୍ରଣାମ ବା ଅଭିବାଦନ କରେ ତଥା ସେମାନଙ୍କ ସେବାରେ ନିଜକୁ ନିୟୋଜିତ ରଖେ, ତା'ର ଆୟୁ, ବିଦ୍ୟା, ଯଶ ଓ ବଳ (ଶକ୍ତି), ଏହି ଚାରିଗୋଟି ଶକ୍ତି ବୃଦ୍ଧି ଲାଭ କରିଥାଏ।

ପ୍ରଣାମ ଓ ସେବାର ଫଳ ସ୍ୱରୂପ ବୟସ୍କ ବ୍ୟକ୍ତିବୃନ୍ଦଙ୍କ ଆତ୍ମିକ ଆଶୀର୍ବାଦ ମନୁଷ୍ୟକୁ ଦୀର୍ଘାୟୁ କରାଇବା ସହିତ ଜୀବନ କ୍ଷେତ୍ରରେ ସଫଳତା ପ୍ରଦାନ ତଥା ପ୍ରଣାମ କର୍ତ୍ତାଙ୍କୁ ଯଶସ୍ୱୀ କରାଇଥାଏ।

ତ୍ରେତୟା ଯୁଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ୍ ଶ୍ରୀରାମ ପ୍ରତ୍ୟହ ପ୍ରାତଃ କାଳରେ ଶଯ୍ୟାତ୍ୟାଗ କରି, ନିଜର ମାତାପିତା ତଥା ଗୁରୁଜନମାନଙ୍କୁ ପ୍ରଣାମ କରୁଥିଲେ। ତେଣୁ ସନ୍ଥ ତୁଳସୀଦାସ ରାମଚରିତ ମାନସ'ରେ ଯଥାର୍ଥରେ କହିଛନ୍ତି,

"ପ୍ରାତକାଳ ଉଠି କୈ ରଘୁନାଥ,
ମାତୃପିତାଗୁରୁ ନୱହିଁ ମଥା,"

ପ୍ରାଚୀନ କାଳରେ, ପ୍ରତ୍ୟେକ ଶୁଭ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ, ବରିଷ୍ଠ ମାନଙ୍କ ଚରଣ ସ୍ପର୍ଶ ପୂର୍ବକ ସେମାନଙ୍କୁ ପ୍ରଣାମ କରି ଆଶୀର୍ବାଦ ପ୍ରାପ୍ତ କରିବାର ପରମ୍ପରା ପାଳନ କରାଯାଉଥିଲା। ପରିବାରର ସଦସ୍ୟ ଘରୁ ଯିବା ସମୟରେ ଏବଂ ଘରକୁ ଫେରିବା ପରେ, କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟର ଶୁଭାରମ୍ଭ କରିବା ପୂର୍ବରୁ, ସମସ୍ତ ପର୍ବ ତଥା ଗୁରୁତ୍ୱପୂର୍ଣ୍ଣ ଅବସରରେ ପାରିବାରିକ ବରିଷ୍ଠ ଲୋକମାନଙ୍କ ଶ୍ରଦ୍ଧାପୂର୍ବକ ଚରଣ ସ୍ପର୍ଶ କରି, ସେମାନଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାନ୍ତି। ପରମ୍ପରା କ୍ରମେ ପାଳନ କରାଯାଉଥିବା ଅଭିବାଦନର, ସହଯୋଗ, ସେବା ଓ ସହିଷ୍ଣୁତାର ଭାବନା ଉତ୍ପନ୍ନ କରାଇଥାଏ। ନୀତି ଶାସ୍ତ୍ରରେ ତେଣୁ କୁହାଯାଇଛି, "ଦୈବାଃ କୁର୍ବନ୍ତି ସାହାଯ୍ୟଂ ଗୁରୁର୍ଯତ୍ର ପ୍ରଣମ୍ୟତେ"। ଅର୍ଥାତ୍ ଶ୍ରେଷ୍ଠ ଜନମାନଙ୍କୁ ପ୍ରଣାମ କରିବା ଦ୍ୱାରା ଦେବତାମାନଙ୍କ କୃପା ମଧ୍ୟ ପ୍ରାପ୍ତ ହୋଇଥାଏ। ମାତାପିତା ଏବଂ ଗୁରୁଙ୍କୁ ପ୍ରତ୍ୟକ୍ଷ ଦେବତା ବୋଲି କୁହାଯାଏ। ସେମାନଙ୍କ ସେବା କଲ୍ୟାଣ କାରକ ହୋଇଥାଏ। ଏ ସମ୍ବନ୍ଧରେ ଏକ ଆଖ୍ୟାନ ପ୍ରଣିଧାନ ଯୋଗ୍ୟ।

ମହାମୁନି ମାର୍କଣ୍ଡେୟଙ୍କ ଯେତେବେଳେ ମାତ୍ର ପାଞ୍ଚବର୍ଷ ବୟସ ହୋଇଥିଲା, ଦୈବଜ୍ଞଗଣ (ଜ୍ୟୋତିଷବୃନ୍ଦ) ତାଙ୍କ ପିତାଙ୍କୁ କହିଥିଲେ, ଆଜିଠାରୁ ଷଡମାସ ମଧ୍ୟରେ ଆପଣଙ୍କ ପୁତ୍ର ମାର୍କଣ୍ଡେର ଆୟୁଷ ଶେଷ ହୋଇଯିବ। ଏହାଶୁଣି ତାଙ୍କ ପିତା ଯଥାଶୀଘ୍ର ପୁତ୍ରର ଯଜ୍ଞୋପବୀତ ସଂସ୍କାର କରାଇଦେଇ ପୁତ୍ରକୁ କହିଥିଲେ, ପୁତ୍ର! ତୁ ଆଜିଠାରୁ ଯେଉଁଠି, ଯେଉଁ ସମୟରେ ଯେକୌଣସି ମୁନି, ଋଷି, ବ୍ରାହ୍ମଣ ଏବଂ ପୂଜ୍ୟ ଗୁରୁଜନ ବ୍ୟକ୍ତିଙ୍କୁ ଦେଖିବୁ, ସେମାନଙ୍କୁ ବିନୟ ପୂର୍ବକ ନିଶ୍ଚୟ ପ୍ରଣାମ କରିବୁ। ବାଳକ ମାର୍କଣ୍ଡେୟ ପିତାଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଅଭିବାଦନବ୍ରତ ଆରମ୍ଭ କରିଦେଇଥିଲେ। ସେ ଯେକୌଣସି ଶ୍ରେଷ୍ଠଜନଙ୍କୁ ଦେଖିବା ମାତ୍ରେ, ତାଙ୍କୁ ବିନୟ ପୂର୍ବକ ପ୍ରଣାମ କରି ତାଙ୍କ ଆଶୀର୍ବାଦ ଲାଭ କରୁଥିଲେ। ଏହିରୂପେ ସେ ବହୁ ସନ୍ଥ, ମହାତ୍ମା ଏବଂ ସପ୍ତର୍ଷିବୃନ୍ଦଙ୍କ ଆଶୀର୍ବାଦ ମଧ୍ୟ ପ୍ରାପ୍ତ ହୋଇ ପାରିଥିଲେ। ବ୍ରହ୍ମର୍ଷି ବଶିଷ୍ଠ ତାଙ୍କ ତାଙ୍କୁ ଦୀର୍ଘାୟୁ ହୁଅ ବୋଲି ଆଶୀର୍ବାଦ ପ୍ରଦାନ କରି, ସ୍ୱୟଂ ପ୍ରଜାପତି ବ୍ରହ୍ମାଙ୍କ ଆୟୁବୃଦ୍ଧି ନିମିତ୍ତ ନିବେଦନ କରିଥିଲେ। ବ୍ରହ୍ମଦେବ ପ୍ରୀତ ହୋଇ କହିଥିଲେ, ବାଳକ ମକଣ୍ଡପୁତ୍ର ନିଜର ବିନୟ ସ୍ୱଭାବ ଓ ଅଭିବାଦନ ବଳରେ କାଳକୁ ମଧ୍ୟ ଜୟ କରିସାରିଛନ୍ତି। ଆଜିଠାରୁ ସେ ଅଜୟ ଓ ଅମର ହୋଇପାରିଛନ୍ତି।

ଏହିରୂପେ ମହାମୁନି ମାର୍କଣ୍ଡେୟ ଅଭିବାଦନର ଫଳ ସ୍ୱରୂପ ଅମର ହୋଇ ଯାଇଥିଲେ। ପ୍ରଣାମର ମହତ୍ତ୍ୱ ପ୍ରଦର୍ଶନ କରୁଥିବା ଅନ୍ୟଏକ ଉପାଖ୍ୟାନ ଏହିପରି।

ମହାଭାରତ ଯୁଦ୍ଧ ପ୍ରାରମ୍ଭ ହେବା ପୂର୍ବରୁ ପଣ୍ଡୁ ପୁତ୍ର ଯୁଧିଷ୍ଠିର ନିଜର ଗୁରୁଦେବ ଦ୍ରୋଣାଚାର୍ଯ୍ୟଙ୍କ ଚରଣରେ ବିନୟ ପ୍ରଣାମ କରି ଯୁଦ୍ଧ କରିବାକୁ ଅନୁମତି ପ୍ରାର୍ଥନା କରିଥିଲେ ଏବଂ ଏହାଦ୍ୱାରା ସେ ଅତ୍ୟନ୍ତ ପ୍ରୀତ ହୋଇ ଯୁଧିଷ୍ଠିରଙ୍କୁ ବିଜୟର ଆଶୀର୍ବାଦ ପ୍ରଦାନ କରିଥିଲେ। ଗୁରୁଙ୍କ ଅମୋଘ ଆଶୀର୍ବାଦ ପ୍ରାପ୍ତ କରି ଯୁଧିଷ୍ଠିର ପିତାମହ ଭୀଷ୍ମଙ୍କ ନିକଟରେ ପହଞ୍ଚି ତାଙ୍କୁ ଅଭିବାଦନ ପୂର୍ବକ ଯୁଦ୍ଧ କରିବାକୁ ଅନୁମତି ପ୍ରାର୍ଥନା କରିଥିଲେ। ପିତାମହ ତାଙ୍କୁ ସେତେବେଳେ କହିଥିଲେ, ଯଦି ତୁ ବରିଷ୍ଠ ମାନଙ୍କ ଅନୁମତି ଓ ଆଶୀର୍ବାଦ ବିନା ଯୁଦ୍ଧ କରିଥାନ୍ତୁ, ତେବେ ମୁଁ ତୋତେ ଅଭିଶାପ ଦେଇଥାନ୍ତି। କିନ୍ତୁ ଏବେ ତୁ ନିଶ୍ଚିନ୍ତ ହୋଇ ଯୁଦ୍ଧ କର। ତୁମ୍ଭମାନଙ୍କର ବିଜୟ ଅବଶ୍ୟ ହେବ। ଏହିରୂପେ ଧର୍ମପୁତ୍ର ଯୁଧିଷ୍ଠିର କୁଳଗୁରୁ କୃପାଚାର୍ଯ୍ୟ ଏବଂ ମହାରାଜ ଶଲ୍ୟ ପ୍ରଭୃତିଙ୍କୁ ପ୍ରଣାମ କରି ଯୁଦ୍ଧ କରିବାକୁ ଅନୁମତି ପ୍ରାର୍ଥନା ଏବଂ ବିଜୟର ଆଶୀର୍ବାଦ ପ୍ରାପ୍ତ କରିଥିଲେ। ଅନ୍ତତଃ ପାଣ୍ଡବମାନଙ୍କ ବିଜୟ ହୋଇଥିଲା। ଏହାଥିଲା ଅଭିବାଦନ ବା ପ୍ରଣାମର ପ୍ରଭାବ।

'ନମନ୍', 'ପ୍ରଣାମ' ଅଥବା 'ନମସ୍କାର'ର ଅର୍ଥ ହେଲା, ବିନମ୍ରତା ପୂର୍ବକ ଅର୍ଥାତ୍ ମସ୍ତକ ଅବନତ କରି ସମ୍ମୁଖ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କରିବା। ଏ ସମ୍ବନ୍ଧରେ ସୋଭିଏତ୍ ସଂଘର ପ୍ରଥମ ରାଷ୍ଟ୍ରପତି ଲେନିନ୍‌ଙ୍କ ଉଦାହରଣ ନିଆଯାଇପାରେ। ଥରେ ସେ ରାସ୍ତାରେ ଯାଉଥିବା ସମୟରେ ଜଣେ ସାଧାରଣ ବ୍ୟକ୍ତି ତାଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କଲେ। ଲେନିନ୍ ଏହାପରେ ସେଠାରେ ଠିଆହୋଇପଡି ସେହି ବ୍ୟକ୍ତିଙ୍କୁ ଆହୁରି ଅଧିକ ମଥାନତ କରି ପ୍ରଣାମ କରିଥିଲେ। ଏହାଦେଖି ଲେନିନ୍‌ଙ୍କର ଜଣେ ମିତ୍ର ବିସ୍ମୟ ସହିତ ତାଙ୍କୁ ପଚାରିଥିଲେ, ଦେଶର ରାଷ୍ଟ୍ରପତି ହୋଇ ଆପଣଙ୍କୁ ଏତେ ଅଧିକ ମସ୍ତକ ଅବନତ କରିବାର କ'ଣ ଆବଶ୍ୟକତା ଥିଲା ? ଲେନିନ୍ ଉକ୍ତ ମିତ୍ରଙ୍କୁ ଉତ୍ତର ପ୍ରଦାନ କରି କହିଥିଲେ, ହଁ, ମୁଁ ରଷର ପ୍ରଥମ ପୁରୁଷ ବା ନାଗରିକ ଅଟେ। ତେଣୁ ମୁଁ ଚାହେଁନାହିଁ, ଅନ୍ୟ କେହି ବ୍ୟକ୍ତି ମୋ ଠାରୁ ଅଧିକ ହେଉ କିମ୍ବା ମୋତେ ବଳିଯାଉ। ଏଥିପାଇଁ ମୁଁ ସେହି ବ୍ୟକ୍ତିଙ୍କୁ ଅଧିକ ଅବନତ ହୋଇ ଅଭିବାଦନର ଉତ୍ତର ପ୍ରଦାନ କରିଥିଲି।

ବାସ୍ତବରେ ଯିଏ ଯେତେ ମହାନ୍ ହୋଇଥାନ୍ତି, ସିଏ ସେତେ ଅଧିକ ବିନମ୍ର ହୋଇଥାନ୍ତି। ଇଂରାଜୀ ଭାଷାରେ ଏକ ସୂକ୍ତି ଅଛି, A greatman always welling to be little, ଅର୍ଥାତ୍ ମହାନ୍ ପୁରୁଷ ସର୍ବଦୈବ ବିନମ୍ରତାର ସହିତ ସାମାନ୍ୟ ବ୍ୟକ୍ତି ସଦୃଶ ଆଚରଣ କରିଥାନ୍ତି। ତାଙ୍କର ଏତାଦୃଶ ବ୍ୟବହାର ଦ୍ୱାରା ପ୍ରତିଷ୍ଠା ଅଧିକ ବୃଦ୍ଧି ପ୍ରାପ୍ତ ହୋଇଥାଏ। ବୃକ୍ଷ ଯେପରି ଫଳ ଭାରତରେ ଅବନତ ହୋଇଯାଇଥାଏ ସେହିପରି ସତ୍‌ପୁରୁଷ ସମୃଦ୍ଧି ପାଇବା ପରେ ବିନମ୍ର ହୋଇଯାଇଥାନ୍ତି। ବିନମ୍ରତାଯୁକ୍ତ ବ୍ୟକ୍ତି ହିଁ ସର୍ବପ୍ରଥମେ ନମସ୍କାର ଅଥବା ଅଭିବାଦନ କରିବାରେ ଆଗ୍ରହୀ ହୋଇଥାଏ।

ନୀତି ସମ୍ରାଟ ଚାଣକ୍ୟ ତେଣୁ ଯଥାର୍ଥରେ କହିଛନ୍ତି, 'ସର୍ବସ୍ୟ ଭୂଷଣଂ ବିନୟଃ' ସବୁ ଗୁଣଥିରେ ମଧ୍ୟ ଯଦି ମନୁଷ୍ୟ ମଧ୍ୟରେ ବିନୟଭାବ ବା ନମ୍ରତାଗୁଣ ନଥାଏ, ତେବେ ସବୁ କିଛି ବ୍ୟର୍ଥ, ଏହି ଗୁଣ ସମସ୍ତଙ୍କର ଭୂଷଣ ଅଟେ।

ପ୍ରଣାମ ନ କରିବା ଦ୍ୱାରା କିପରି ଜଣେ ଦାରୁଣ ଅଭିଶାପଗ୍ରସ୍ତ ହୋଇଥିଲେ, ସେ ବିଷୟରେ ଏକ ସୁନ୍ଦର ଆଖ୍ୟାୟିକା ଏହିପରି। ମହାନ୍ ସୂର୍ଯ୍ୟବଂଶରେ ମହାରାଜା ଖଟାଙ୍ଗଙ୍କ ପୁତ୍ର ଦୀର୍ଘବାହୁ (ଦିଲୀପ) ଏକଦା ରାଜା ଥିଲେ। ମାତ୍ର ବିବାହର ବହୁବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ତାନ ହୋଇନଥିଲା। ତେଣୁ ସେ କୁଳଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଗଲେ। ମହର୍ଷି ତାଙ୍କୁ କହିଲେ, ରାଜନ୍! ତୁମେ ଥରେ ସ୍ୱର୍ଗରୁ ପୃଥିବୀକୁ ଫେରିଆସିବା ସମୟରେ ମାର୍ଗ ମଧ୍ୟରେ କାମଧେନୁଙ୍କୁ ଦେଖିଥିଲେ ମଧ୍ୟ, ତୁମେ ତାଙ୍କୁ ପ୍ରଣାମ କରି ନଥିଲ। କାରଣ ସେତେବେଳେ ତୁମର ଧ୍ୟାନ ଅନ୍ୟ ଆଡେ ଥିଲା। ଫଳସ୍ୱରୂପ କାମଧେନୁ ତୁମକୁ ଶାପ ଦେଇ କହିଥିଲେ ଯେ, ତାଙ୍କ ସନ୍ତାନଙ୍କ ବିନା ଆରାଧନାରେ ତୁମର ପୁତ୍ର ହେବନାହିଁ। ଆଶ୍ରମରେ ଥିବା ଗାଭୀ ନନ୍ଦିନୀ କାମଧେନୁଙ୍କ ପୁତ୍ରୀ ଅଟେ। ତାଙ୍କର ସେବା କରିବା ଦ୍ୱାରା ତୁମ ପତ୍ନୀଙ୍କର ସନ୍ତନ ହେବ। ଗୁରୁଙ୍କ ଆଜ୍ଞାକ୍ରମେ ରାଜା ଓ ରାଣୀ ନିଷ୍ଠାର ସହିତ ନନ୍ଦିନୀଙ୍କ ସେବା କଲେ। ନିଜ ପ୍ରାଣକୁ ବାଜି ରଖି ସେ ନନ୍ଦିନୀଙ୍କୁ ରକ୍ଷା କରିଥିଲେ। ଏକନିଷ୍ଠ ଚିତ୍ତରେ ନନ୍ଦିନୀଙ୍କ ସେବାର ଫଳସ୍ୱରୂପ ମହାରାଜ ଦିଲୀପଙ୍କର ଗୋଟିଏ ପୁତ୍ର ହୋଇଥିଲା। ଯାହାଙ୍କ ନାମ ରଖାଯାଇଥିଲା ରଘୁ। ମହାରାଜା ରଘୁ ଅତ୍ୟନ୍ତ ପ୍ରତାପୀ ଏବଂ ଜଣେ ମହାଦାନୀ ରାଜା ଭାବରେ ଅଶେଷ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ନାମାନୁସାରେ ସମଗ୍ର ବଂଶର ନାମ ରଘୁବଂଶ ହୋଇଥିଲା।

ଅଭିବାଦନ ବା ପ୍ରଣାମ କରିବାରେ ସର୍ବଦୈବ ଅଗ୍ରଣୀ ହୋଇ ରହିଲେ, ବ୍ୟକ୍ତିଙ୍କୁ ଯେକୌଣସି ବୟସ୍କ ଲୋକ, ସାଧୁ, ସନ୍ଥ, ଗୁରୁଜନ ତଥା ପିତାମାତାଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଆମର ଧାର୍ମିକ ଗ୍ରନ୍ଥାନୁସାରେ ଅଭିବାଦନ ମୂଳତଃ ସ୍ଥୂଳ ଦେହର ନୁହେଁ, ବରଂ ବ୍ୟକ୍ତିର ଅନ୍ତରାତ୍ମାରେ ରହିଥିବା ପରମେଶ୍ୱରଙ୍କୁ ହିଁ କରାଯାଇଥାଏ। ଏଣୁ ପ୍ରତ୍ୟେକ ଗୃହସ୍ଥ ଅଭିବାଦନର ଏହି ପରମ୍ପରାକୁ ନିଜ ପରିବାର ମଧ୍ୟରେ ନିରବଚ୍ଛିନ୍ନ ଭାବେ ପାଳନ କରିବା ଆବଶ୍ୟକ ଏବଂ ସ୍ୱୟଂ ଏହାକୁ ପାଳନ କରିବା ସହିତ ଆଗାମୀ ବଂଶଧରମାନଙ୍କ ନିମିତ୍ତ ପ୍ରେରଣାର ଉତ୍ସବ ହେବା ଉଚିତ୍।

ସମୟର ପରିବର୍ତ୍ତନ ସହିତ ଆଜି ଏହି ମହାନ୍ ସଂସ୍କାରକୁ ସ୍ୱୟଂ ପାଳନ କରିବା ଏବଂ କରାଇବାର ପ୍ରବୃତ୍ତି କ୍ରମଶଃ ହ୍ରାସ ପାଇବା ଦୃଷ୍ଟିଗୋଚର ହେଉଛି। ପ୍ରକୃତ ପକ୍ଷରେ କହିବାକୁ ଗଲେ, ପରିବାର ହିଁ ଭଲ ବା ମନ୍ଦ ସଂସ୍କାରର ଜନ୍ମଦାତା। ପ୍ରତ୍ୟେକ ପରିବାରରେ ଏବେ ବିଘଟନ ଆରମ୍ଭ ହୋଇଗଲାଣି। ସମ୍ଭବତଃ ଏହାହିଁ କାରଣ ହୋଇପାରେ ଯେ, ପରିବାର ମଧ୍ୟରେ ଥିବା ବରିଷ୍ଠ ବ୍ୟକ୍ତି, ପିତାମାତା ପ୍ରଭୃତି ଉପେକ୍ଷିତ ହୋଇ ଚାଲିଛନ୍ତି, ସେମାନଙ୍କ ମତାମତ କନିଷ୍ଠମାନେ ଗ୍ରହଣ କରିବାକୁ କୁଣ୍ଠାବୋଧ କରୁଛନ୍ତି। ଆଜିର ଯୁଗରେ ବୃଦ୍ଧାଶ୍ରମ ବା ଜରାନିବାସର ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା ଏହି କଥାର ସତ୍ୟତା ପ୍ରତିପାଦିତ ହେଉଛି। ବରିଷ୍ଠ ବ୍ୟକ୍ତିଙ୍କ ପ୍ରତି ସେବା ଭାବନା ଲୋପ ପାଇବାକୁ ବସିଲାଣି। ବାସ୍ତବରେ ଏପରି ମନୋଦଶା ଆଦୌ ଶୁଭଙ୍କର ନୁହେଁ।

ଏଣୁ ପ୍ରତ୍ୟେକ ଗୃହସ୍ଥ 'ମନୁସ୍ମୃତି'ର ସେହି ପୂର୍ବୋକ୍ତ ଶ୍ଳୋକ, 'ଅଭିବାଦନ ଶୀଳସ୍ୟ...'ର ଭାବନାକୁ ଆଦର କରିବା ତଥା ନିଜ ପରିବାର ମଧ୍ୟରେ ଏହାକୁ ପାଳନ କରିବା ଉଚିତ୍। ଏପରି ହୋଇପାରିଲେ, ସମାଜରେ ଘଟୁଥିବା ବହୁ ବ୍ୟଭିଚାର, ଅନାଚାର ଅଥବା ବହୁ ଜଘନ୍ୟ ପ୍ରବୃତ୍ତି ହ୍ରାସ ପାଇ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରନ୍ତା। ନିବେଦନ, ପ୍ରତ୍ୟେକ ଗୃହସ୍ଥ ନିଜ ପରିବାର ମଧ୍ୟରେ ଏହି ଲୁପ୍ତମାନ ପବିତ୍ର ସଂସ୍କାର ପ୍ରଚଳନ କରିବାର ଆଗ୍ରହୀ ହୁଅନ୍ତୁ।

*ପ୍ଲଟ ନଂ-୨୭୬/ଏ*
*ଶହୀଦ୍ ନଗର, ଭୁବନେଶ୍ୱର-୭*
*ଦୂରଭାଷ : ୯୪୩୮୫୫୯୮୧୭*

# କବି ଅଟଳ ବିହାରୀ ବାଜପେୟୀ : ସ୍ୱୀକାରୋକ୍ତି



ଦାମୋଦର ପଣ୍ଡା

**ମୁଁ ରାଜନୀତିକୁ ଆସି ନଥିଲେ**

କିଛି ବନ୍ଧୁ କହନ୍ତି, ମୁଁ ରାଜନୀତିକୁ ଆସି ନଥିଲେ, ଜଣେ ଶୀର୍ଷ ସ୍ଥାନର କବି ହୋଇଥାନ୍ତି। ଏସବୁ ମୁଁ ଜାଣେ ନାହିଁ, ଏତିକି ଜାଣିଛି, ରାଜନୀତି ମୋର କାବ୍ୟଧାରାକୁ ଅବରୁଦ୍ଧ କରିଛି। ତଥାପି ମୋର ଉଦୀୟମାନ କବିପଣକୁ ମ୍ରିୟମାଣ କରିବାରେ ପୁରା ଦୋଷ ଦେବି ନାହିଁ।

ସାପ୍ତାହିକ ଓ ଦୈନିକ ସମ୍ବାଦପତ୍ରର ସମ୍ପାଦନା ଯୋଗୁଁ କବିତା ମୋଠୁ ଦୂରେଇଗଲା। ମନର ଭାବକୁ ଲେଖାରେ ବ୍ୟକ୍ତ କରୁଥିଲି। ରାଜନୀତିକୁ ଆସିଲା ପରେ, କବିତା କ'ଣ, ଗଦ୍ୟ ଲେଖିବା ବି' ସମ୍ଭବ ହେଲାନାହିଁ। ସମସ୍ତ ସୃଜନ ଶକ୍ତି ଭାଷଣରେ ନିୟୋଜିତ ହେଉଥିଲା।

***କବିତା ଓ ରାଜନୀତି***

ଏହା ସତ୍ୟ ଯେ, କବିତା ଓ ରାଜନୀତି ଏକା ସାଥୀରେ ଚାଲି ପାରିବ ନାହିଁ। ଏଭଳି ରାଜନୀତି, ଯେଉଁଠି ପ୍ରତିଦିନ ଭାଷଣ ଦେବା ଜରୁରୀ, ପୁଣି ଏମିତି ଭାଷଣ, ଯାହା ଶ୍ରୋତାଙ୍କୁ ପ୍ରଭାବିତ କରିବ, ଏଭଳି ସ୍ଥିତିରେ କବିତାର ଏକାନ୍ତ ସାଧନା ପାଇଁ ସମୟ ଓ ବାତାବରଣ ମିଳିବ ବା କେଉଁଠି ? ମୁଁ ଯାହା ବି କିଛି କବିତା ଲେଖିଛି, ତାହା ପରିସ୍ଥିତି ସାପେକ୍ଷ ଓ ମୋର ଆଖପାଖ ଦୁନିଆଁର ପ୍ରତିବିମ୍ବ। ମୋର କାବ୍ୟଜୀବନ ପ୍ରତି ନିଷ୍ଠାବାନ୍ ରହିବା ନିମନ୍ତେ ବହୁମୂଲ୍ୟ ଦେବାକୁ ପଡିଛି। କବି ଓ ରାଜନେତା ଭିତରେ ସମନ୍ୱୟ ରଖିବା ପାଇଁ ମୁଁ ନିରନ୍ତର ପ୍ରୟାସ କରିଛି। ବେଳେ ବେଳେ ଇଚ୍ଛାହୁଏ, ସବୁଛାଡି ଏକାନ୍ତରେ ପଢ଼ାଲେଖା ଓ ଚିନ୍ତନରେ ବୁଡି ରହିବାକୁ, ମାତ୍ର ତାହା ସମ୍ଭବ ନୁହେଁ। ଦ୍ୱିଧାଗ୍ରସ୍ତ ଜୀବନରେ ଏତେବର୍ଷ ବିତିଗଲା, ବାକି ଜୀବନ ବି' ଏମିତି ବିତିଯିବ।

***ରାଜନୀତି ଉପରେ ସ୍ପଷ୍ଟୋକ୍ତି***


ଆଜିର ରାଜନୀତି ବିବେକ ନୁହେଁ, ବାକ୍ ଚତୁରୀ ଖୋଜୁଛି। ସହିଷ୍ଣୁତା ନୁହେଁ, ଅସହିଷ୍ଣୁତାକୁ ପ୍ରୋତ୍ସାହନ ଦେଉଛି, ଶ୍ରେୟ ନୁହେଁ, ପ୍ରିୟ ଓ ପ୍ରଚ୍ଚର ପଛରେ ପାଗଳ ହେଉଛି, ମନାନ୍ତରର ଆଦର କରିବା ତ' ଦୂରର କଥା, ସହିବାର ପ୍ରବୃତ୍ତି ମଧ୍ୟ ଲୋପ ପାଉଛି। ଆଦର୍ଶବାଦର ସ୍ଥାନ ଅବସରବାଦ ନେଉଛି। ବାମ ଓ ଡାହାଣର ଭେଦ ବ୍ୟକ୍ତିଗତ ଅଧିକ, ବିଚାରଗତ କମ। ସଭିଏଁ ନିଜନିଜର ଗୋଟି ଚାଳନାରେ ବ୍ୟସ୍ତ।

***ମୁଁ ଜିଇଁବି ତ' ଭାରତ ପାଇଁ, ମରିବି ତ' ଭାରତ ପାଇଁ***

ଭାରତ ଏକ ଭୂଖଣ୍ଡ ନୁହେଁ, ଜୀବନ୍ତ ରାଷ୍ଟ୍ର ପୁରୁଷ। ଦର୍ପଣର ଭୂମି, ଅର୍ପଣର ଭୂମି। ଏହାର ଗୋଡି ମାଟି ସ୍ୱୟଂ ଈଶ୍ୱର, ବିନ୍ଦୁ ବିନ୍ଦୁ ଗଙ୍ଗାଜଳ, ମୁଁ ଜୀଇବି ତ' ଭାରତ ପାଇଁ, ମରିବି ତ' ଭାରତ ପାଇଁ।

*ବାଜପେୟୀଜୀଙ୍କ କବିତା*

## ଆସ ପୁଣିଥରେ ଦୀପ ଜାଳିବା



ଆସ ପୁଣିଥରେ ଦୀପ ଜାଳିବା
ମଧ୍ୟାହ୍ନର ଦ୍ୱିପ୍ରହରରେ
ଘନ ଅନ୍ଧାର,
ସୂର୍ଯ୍ୟ ଛାଇ ଅଡୁଆଳରେ,
ଅନ୍ତରତମ ରସ ଶୋଷି
ଲଭି ଯାଉଥିବା ବତୀ ଜଳିବା
ଆସ, ପୁଣିଥରେ ଦୀପ ଜାଳିବା।

କିଛି କ୍ଷଣର ବିରତିକୁ
ଲକ୍ଷ୍ୟ ବୋଲି ଧରାଯାଉ
କାରଣ ଲକ୍ଷ୍ୟ ବହୁଦୂରେ
ଆଜିର ମାୟାରେ
ଆଗାମୀ କାଲିକୁ ଭୁଲି ନଯିବା
ଆସ, ପୁଣିଥରେ ଦୀପ ଜାଳିବା।

ଆହୁତି ଏବେ ବି' ବାକି
ଯଜ୍ଞ ଅଧୁରା
ନିଜନିଜର ବିଘ୍ନ ବି' ନିଆରା

ଶେଷ ବିଜୟର ବ୍ରହ୍ମାସ୍ତ୍ର ପାଇଁ
ନୂଆ ଦଧୀଚିର
ଅସ୍ଥି ଜାଳିବା,
ଆସ, ପୁଣିଥରେ ଦୀପ ଜାଳିବା।

*ମର୍ମାନୁବାଦ : ଦାମୋଦର ପଣ୍ଡା*

**ତପ –**


ପୁରାଣରେ ବର୍ଣ୍ଣନା ଅଛି ଯେ, ଅନନ୍ତଶୟନ କରିଥିବା ଭଗବାନଙ୍କ ନାଭି କମଳରୁ ବ୍ରହ୍ମାଙ୍କର ଉତ୍ପନ୍ନ ହେଲା। ବ୍ରହ୍ମା ଦେଖିଲେ ଜଳ ହିଁ ଜଳ ଅନ୍ୟ କିଛି ନାହିଁ। ବ୍ରହ୍ମା ନିଜର ଆଖି ବନ୍ଦକରି ମନକୁ ଏକାଗ୍ର କଲେ। କ୍ଷୀର ସାଗରରୁ ଉଚ୍ଛୁଳୁଥିବା ଜଳରାଶିରୁ ଏକ ଧ୍ୱନି ତାଙ୍କର କାନରେ ପ୍ରବେଶ କଲା। ବ୍ରହ୍ମାଙ୍କୁ ତ...ପ, ତ....ପ ଏହି ପ୍ରକାର ଶୁଣା ଯାଇଥିଲା। ଏହା କ'ଣ? କିଏ? ମୋର କ'ଣ କର୍ତ୍ତବ୍ୟ? ଏସବୁ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ବ୍ରହ୍ମା ତପରେ ତଦ୍ରୂପ ହୋଇ ଯାଇଥିଲେ। ତପକରି କଳ୍ପ ବିତି ଯାଉଥିଲା। ପରେ ସେ ମନୁ ଓ ଶତରୂପାଙ୍କୁ ଉତ୍ପନ୍ନ କରିଥିଲେ ଓ ସୃଷ୍ଟିର ବିସ୍ତାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କ୍ଷମତା, ନାମ, ଯଶ, କୀର୍ତ୍ତି, ଧନ ସମ୍ପଦା, ପୁତ୍ର, ପରା, ଅପରା ତତ୍ତ୍ୱ ପ୍ରାପ୍ତି ପାଇଁ ଦେବତା, ଦାନବଙ୍କ ଦ୍ୱାରା କରାଯାଇଥିବା ତପ କଥା ଆମେ ଶୁଣିଛେ ବା ଜାଣିଛେ। ରାଜା ସଗରଙ୍କ ପୁତ୍ର ଭସ୍ମିଭୂତ ହୋଇଯାଇଥିଲେ। ତେବେ ପରେ ତାଙ୍କର ବଂଶଜ କେଶିନୀ, ଅସମଂଜସ, ଅଂଶୁମାନ, ଦିଲ୍ଲିପ ଏବଂ ରାଜା ଭାଗୀରଥ ସତତ ତପ ଦ୍ୱାରା ଭଗବତୀ ଗଙ୍ଗାଙ୍କୁ ପୃଥିବୀ ଉପରକୁ ଆଣିଥିଲେ। ଭଗବାନ ସଦାଶିବ ଚିର ତପସ୍ୱୀ ଥିଲେ।

ଏହି ତପ ଏକ ଦୈବୀସମ୍ପଦା ଅଟେ।



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**



ଅନୁବାଦ- ଉପାଲୀ ଦାଶ

ସତ୍ୟରେ ପ୍ରତିଷ୍ଠିତ ହେବା ସବୁଠାରୁ ବଡ ତପ ଅଟେ। ଯଦି ମାଘସ୍ନାନ, ଗଙ୍ଗାସ୍ନାନ ଇତ୍ୟାଦିରେ ଆମର କଲ୍ୟାଣ ହୋଇପାରୁଥାନ୍ତା ତେବେ ଗଙ୍ଗାରେ ଥିବା ସମସ୍ତ ମାଛମାନେ ପ୍ରଥମେ ସ୍ୱର୍ଗରେ ପହଞ୍ଚି ଯାଇଥାନ୍ତେ। ତପ ଏକ ପ୍ରକାର ଆତ୍ମ ସଂଯମ ଅଟେ। ଖରାପ ନ ଦେଖିବା, ଖରାପ ନ କହିବା, ଖରାପ ନ ଶୁଣିବା, ଅଭକ୍ଷର ଭକ୍ଷଣ ନ କରିବା ଇତ୍ୟାଦି ଅନୁଚିତ କାର୍ଯ୍ୟ ନ କରିବା ହେଉଛି ତପ। ମହର୍ଷି ପତଞ୍ଜଳି ଏହାକୁ ପ୍ରତ୍ୟାହାର ବୋଲି ମଧ୍ୟ କହିଛନ୍ତି। ଶ୍ରୀକୃଷ୍ଣ ଗୋଟିଏ ସୁନ୍ଦର ଉପମା ଦେଇଛନ୍ତି :-


'କୁମୋଣ୍ଡଗାନୀବସର୍ବଶ'। ଯେମିତି କଇଁଛ ନିଜର ଅଙ୍ଗକୁ ବାହାର ଶତ୍ରୁଙ୍କ ଠାରୁ ବଞ୍ଚିବା ପାଇଁ ଛୁପାଇ ରଖିଥାଏ ଓ ଦରକାର ବେଳେ ଉପଯୋଗ କରିଥାଏ, ସେହିପରି ମନୁଷ୍ୟ ମଧ୍ୟ ଇନ୍ଦ୍ରିୟ ନିଗ୍ରହ କରି ଏହାର ଉପଯୁକ୍ତ ଉପଯୋଗ କରିବା ଦରକାର। ଇନ୍ଦ୍ରିୟ ମାନଙ୍କର ଯେତେବେଳେ ବିଷୟ ମାନଙ୍କ ସହ ସମ୍ବନ୍ଧ ହୁଏନାହିଁ ସେତେବେଳେ ହୃଦୟ ସହିତ ସମ୍ବନ୍ଧ ସୃଷ୍ଟି ହୋଇଥାଏ। ଏହା ହିଁ ପ୍ରତ୍ୟାହାର ଅଟେ। ଅର୍ଥାତ ମନକୁ ଚିତ୍ତରେ ସ୍ଥିର ରଖିବା ହିଁ ତପ। ଶାରୀରିକ ସହନଶକ୍ତି ବଢ଼ାଇବାରେ ତପ ସାଧନା ହୋଇପାରିଥାଏ। ପ୍ରାଣାୟମ ଦ୍ୱାରା ପ୍ରାଣର ସଂଯମ, ପ୍ରାଣର ସଂଯମରେ ଇନ୍ଦ୍ରିୟ ସଂଯମ ଓ ଇନ୍ଦ୍ରିୟ ସଂଯମ ପୂର୍ବରୁ ମନ ବୃଦ୍ଧିର ସଂଯମ।

(କ୍ରମଶଃ)

# ମିଛ ସିନ୍ଦୁର

ରଞ୍ଜନ ମିଶ୍ର





ଅଙ୍ଗାରକୁ ଯେତେ ସମୟ ଦୁଗ୍ଧରେ ବୁଡାଇ ରଖିଲେ, ସେ କ'ଣ ତାର କଳା ରଙ୍ଗ ଛାଡିବ । ପତ୍ନୀ ପୂଜା ଗୋଟିଏ କଥା କହିଛି ମାନେ, ତାହା ପୂରଣ ନହେବା ପର୍ଯ୍ୟନ୍ତ ସେ ତାଙ୍କ ଜିଦ୍‌ରେ ଅଟଳ। ନିରୁପାୟ ଅଜୟ। ଇଚ୍ଛା ନଥିଲେ ବି ପତ୍ନୀଙ୍କ କଥାକୁ ସମ୍ମାନ ଦେବାକୁ ଯାଇ ନିଜ ଅନିଚ୍ଛା ସତ୍ତ୍ୱେ ଶାଳୀ ପାଇଁ ଚାକିରୀ ଯୋଗାଡ କରିବାକୁ ରାଜି ହୋଇଗଲେ। ଅଜୟ ରାଉରକେଲାରେ ଗୋଟିଏ ବ୍ୟାଟେରୀ ଫ୍ୟାକ୍ଟ୍ରିରେ ମେନେଜର ଭାବେ କାମ କରେ। ଫ୍ୟାକ୍ଟ୍ରି ମାଲିକଙ୍କୁ ଫୋନ କରି ଶାଳୀକୁ ଚାକିରି ଦେବା ପାଇଁ ଯୋଗାଯୋଗ କଲେ ଅଜୟ। ଏକାଉଣ୍ଟିଂ ପୋଷ୍ଟ ଖାଲି ଥିବାରୁ ଶାଳୀର ଶିକ୍ଷା ଦୀକ୍ଷା ଯୋଗ୍ୟତାକୁ ଲକ୍ଷ୍ୟ କରି ସଙ୍ଗେ ସଙ୍ଗେ ଚାକିରୀ ଦେବାକୁ ରାଜି ହୋଇଗଲେ ଫ୍ୟାକ୍ଟ୍ରି ମାଲିକ । ସାନ ଭଉଣୀର ଚାକିରି ମିଳିଯିବାର ଖୁସିରେ ପୂଜାର ପାଦ ତଳେ ଲାଗୁ ନଥିଲା। ସଙ୍ଗେ ସଙ୍ଗେ ଫୋନ୍ କରି ସାନ ଭଉଣୀ ଶଶିକୁ ଡାକି ଆଣିଲେ। କେବଳ ଅପେକ୍ଷା କେବଳ ସାନ ଭଉଣୀଟି ଚାକିରି କରି ନିଜ ଗୋଡରେ ନିଜେ ଛିଡା ହେବ।

ନିର୍ଦ୍ଧାରିତ ଛୁଟି ସରିବା ପରେ ଅଜୟ ଓ ଶଶି ବାହାରିଲେ ରାଉରକେଲା ଅଭିମୁଖେ। ପତ୍ନୀ ପୂଜା ଭଦ୍ରକ ବସ୍‌ଷ୍ଟାଣ୍ଡରେ ନାଇଟ୍ କୋଚ୍ ବସ୍‌ରେ ଦୁଇଟି ଟିକେଟ୍ କାଟିଦେଇ ଦୁଇଜଣଙ୍କୁ ବିଦାୟ ଜଣେଇ ଫେରିଆସିଲେ ଘରକୁ। ରାତି ପ୍ରାୟ ବାରଟାରେ ଗାଡି ଛାଡିଲା। ପହଞ୍ଚିଲା ବେଳକୁ ସଖାଳ ହୋଇଯିବ। ଅଜୟକୁ ମାଡି ମାଡି ପଡୁଥାଏ। ନାଇଟ୍ କୋଚ୍ ବସ୍‌ରେ ପୁଣି ପାଖ ସିଟ୍‌ରେ ଗୋଟେ ବଢିଲା ଝିଅର ଉପସ୍ଥିତିକୁ ସେ ଆଦୌ ଗ୍ରହଣ କରିପାରୁ ନଥିଲା। ଗାଡିରେ ଯାତ୍ରା କରୁଥିବା ପ୍ରାୟ ସମସ୍ତ ଯାତ୍ରୀମାନେ ଶୋଇପଡିଥିଲେ ନିଜ ସିଟ୍‌ରେ। କିନ୍ତୁ ନିଦ ନଥିଲା ଅଜୟଙ୍କୁ। ଜଙ୍ଗଲ ରାସ୍ତାଦେଇ ଗାଡି ଅତିକ୍ରମ କରୁଥାଏ। ହଠାତ ଏକ ଛୋଟ ବଜାର ନିକଟରେ ଗାଡି ରହିଲା। ବସ୍ କଣ୍ଡକ୍ଟର ଭିତରକୁ ଆସି କହିଲେ, "ଆଗ ଛକରେ ଲୁଟେରାମାନେ ଗାଡି ଲୁଟ୍ କରୁଛନ୍ତି, ଯାତ୍ରୀମାନଙ୍କୁ ମଧ୍ୟ ହଇରାଣ କରୁଛନ୍ତି। ବସ୍‌ରେ ଥିବା ଝିଅ ବୋହୂମାନଙ୍କୁ ଜଙ୍ଗଲକୁ ଟେକି ନେଉଛନ୍ତି। ତେଣୁ ଭଲ ହେବ ଏଇଠାରେ ରାତି କାଟିଦେଇ ସକାଳୁ ଯିବା ।" ସମସ୍ତେ ପ୍ରାୟ ଏହି ପ୍ରସ୍ତାବରେ ରାଜି ହୋଇଗଲେ। କାରଣ ସେହି ଛକରେ ରହିବା ପାଇଁ ଏକ ହୋଟେଲ୍‌ର ସୁବିଧା ଥିଲା। ପ୍ରାୟ ସମସ୍ତଙ୍କର ରହିବାରେ କୌଣସି ଅସୁବିଧା ନଥିଲା। କାରଣ ସେମାନେ ସମସ୍ତେ ପରିବାର ସହିତ ଥିଲେ କେବଳ ଅଜୟଙ୍କୁ ଛାଡି।

ଅଜୟ ଏକୁଟିଆ କେମିତି ଶାଳୀ ଶଶିକୁ ସୁରକ୍ଷା ଦେଇପାରିବ ? ଏମିତି ଚିନ୍ତାରେ ବ୍ୟତିବ୍ୟସ୍ତ ହେଉଥିବା ବେଳେ ଗାଡି ଡ୍ରାଇଭର ତାଙ୍କୁ ମିଛ ସ୍ୱାମୀ ସ୍ତ୍ରୀର ନାଟକ କରି ଆଜି ରାତିକ ପାଇଁ ହୋଟେଲ୍‌ରେ ରହିଯିବା ପାଇଁ ପ୍ରସ୍ତାବ ଦେଲେ। ଶଙ୍ଖା ସିନ୍ଦୁର ଆଣି ମଧ୍ୟ ଯୋଗାଇ ଦେଲେ। ପରିସ୍ଥିତିକୁ ଲକ୍ଷ୍ୟ କରି ଶଶି ମଧ ମଉନେ ସମ୍ମତି ପ୍ରକାଶ କଲା । ତାପରେ ଉଭୟ ସ୍ୱାମୀ ସ୍ତ୍ରୀର ପରିଚୟ ଦେଇ ହୋଟେଲ୍ ଭିତରକୁ ପ୍ରବେଶ କଲେ।

ଡବଲ୍ ବେଡ୍‌କୁ ଲାଟିନ୍ ବାଥରୁମ ଆଟେଚ୍। ଅଜୟ ବାଥରୁମ୍‌ରୁ ଟିକେ ଫ୍ରେସ୍ ହୋଇ ଫେରୁ ଫେରୁ ଶଶି ପ୍ରାୟ ଶୋଇ ପଡିଥିଲା । ଶଶିକୁ ପିଠି କରି ଶୋଇପଡିଲେ ଅଜୟ । ପ୍ରକୃତରେ ସେମାନଙ୍କ ଆଖିକୁ ନିଦ ଆସୁ ନଥାଏ । ଏମିତି କିଛି ସମୟ ଗଲା । ଶଶି କହିଲା, "ଶୋଇ ପଡିଲଣିକି ଅଜୟ ଭାଇ ?" ଅଜୟ ମନାକଲା । ଶଶି କହିଲା, ଏପଟକୁ ମୁହଁ କର, ମୁଁ ମୁଣ୍ଡ ଚିପି ଦେବି ନିଦ ଆସିଯିବ। ଅଜୟ କଡ ଲେଉଟାଇଲା । ଶଶି ତା ମୁଣ୍ଡରେ ହାତ ବୁଲାଇଲା। ତା କୋମଳ ଆଙ୍ଗୁଳିରେ ଧୀରେ ଧୀରେ ମୁଣ୍ଡକୁ ଦାବି ଦେଲା। ଅଜୟ କିଛି କହୁ ନଥାଏ । ଶଶି କିନ୍ତୁ ପାଖକୁ ଘୁଞ୍ଚି ଆସିଲା । ଶଶିର ଗରମ ନିଶ୍ୱାସ ବାଜିଲା ଅଜୟର ଓଠ ଉପରେ। ସେ ଟିକେ ଆଖି ଖୋଲି ପୁଣି ବୁଜିଦେଲା। ଶଶି ଆହୁରି ନିକଟକୁ ଘୁଞ୍ଚିଯାଇ ଅଜୟ ଓଠରେ ଚୁମ୍ବନ ଆଙ୍କିଦେଲା।

ଅଜୟ ଏଥର ଆଖି ଖୋଲି କହିଲା, ଆରେ ଆରେ ଏ କ'ଣ କରୁଛୁ ? ତାଙ୍କ ପାଟିରେ ହାତ ଦେଇଦେଲା ଶଶି ଏବଂ କହିଲା, ଚୁପ୍ ରୁହ କିଛି କୁହନି । ମୁଁ ଯାହା କରୁଛି ମୋତେ କରିବାକୁ ଦିଅ । କୁଆଁରୀ ଜୀବନର ସତୀତ୍ୱ ବନ୍ଧା ପଡିଥାଏ ସିନ୍ଦୁର ପାଖରେ । ମିଛରେ ହେଲେ ବି ତୁମେ ମୋତେ ସିନ୍ଦୁର ପିନ୍ଧେଇଛ । ଅଭିନୟରେ ହେଲେ ବି ଆମେ ଦି'ଜଣ ହୋଇ ହୋଟେଲ୍‌କୁ ଆସିଛେ । ଗୋଟିଏ ରୁମ୍‌ରେ ରହୁଛେ । ସତ କହିବାକୁ ଗଲେ ତୁମେ ମୋତେ ସିନ୍ଦୁର ପିନ୍ଧାଇବା ପରଠାରୁ ମୋ ଦେହ ଭିତରେ କେମିତି ଏକ ଉନ୍ମାଦନା ସୃଷ୍ଟି ହୋଇଛି । ଗୋଟିଏ ରାତିପାଇଁ ହେଉ ପଛେ ମୋ ସାଇତା ଯୌବନକୁ ତୁମ ପାଦତଳେ ଅର୍ପଣ କରୁଛି । ତୁମେ ଗ୍ରହଣ କର ।"

ଶଶିର ଯୁକ୍ତିକୁ ଆଡେଇ ଦେବାପାଇଁ ଅଜୟ ପାଖରେ ଆଉ କୌଣସି ବାଟ ନଥାଏ । ଶଶି ଅଜୟ ଦେହରେ ଯେମିତି ନିଆଁ ଲଗାଇ ଦେଇଥାଏ । ତଥାପି ନିଜକୁ ଯଥା ସମ୍ଭବ ସଞ୍ଜତ କରି କହିଲା, " ଦେଖ, ତୁମେ ମୋ ଶାଳୀ, ମୋ ସ୍ତ୍ରୀର ସାନ ଭଉଣୀ । ତୁମସହ ଏମିତି ସଂପର୍କ ରଖିବା ପାପ, ଅନ୍ୟାୟ ।" କାମନା ନିଆଁରେ ଜଳୁଥିବା ଶଶି ଏସବୁ କଥାକୁ ପ୍ରତ୍ୟାଖ୍ୟାନ କରି ତା' ସହିତ ସଂପର୍କ ରଖିବାକୁ ବାଧକଲା ଅଜୟକୁ । ଶଶି ଏଥର ଜାବୁଡି ଧରିଲା ଅଜୟକୁ । ତା ନିଶ୍ୱାସ ପ୍ରଶ୍ୱାସ ଦ୍ରୁତ ଗତିରେ ଚାଲୁଥାଏ । ଅଜୟ ନିଜକୁ ଆଉ ସମ୍ଭାଳି ପାରିଲାନି । ପଦ୍ମ ପାଖୁଡା ଓଠକୁ, ଭିକଟ୍ ପିଚା, ତିରିଶ୍ ସାଇଜ ଛାତିରେ ରାଜ୍ କଲା ଅଜୟ । ମହାଆନନ୍ଦରେ ରାତି ପାହିଲା । ଫ୍ରେସ୍ ହୋଇ ସମସ୍ତେ ଗାଡି ପାଖକୁ ଆସିଲେ । ରାଉରକେଲାରେ ପହଞ୍ଚିଲା ବେଳକୁ ପ୍ରାୟ ଦିନ ୧୨ଟା ହୋଇଗଲା ।

ଶଶି ପାଇଁ ଆଉ ଅନ୍ୟତ୍ର ଘର ଭଡା ନେବାକୁ ପଡିଲାନି । ଅଜୟଙ୍କ ରୁମ୍‌ରେ ଦୁଇଜଣ ଆଡ୍‌ଜଷ୍ଟ ହୋଇଗଲେ । ତାପରେ ଅଜୟ ଶଶିକୁ ନେଇ ପବନରେ ଘର ତୋଳୁଛି, ଆକାଶରୁ ଜହ୍ନକୁ ଛିଡାଇ ଆଣି ଶଶି ହାତରେ ଧରାଇ ଦେଇଛି । ଅନେକ ହୋଟେଲ୍, ରେଷ୍ଟୁରାଣ୍ଟ, ସି ବିଚ୍‌ର ଲୁଣିଆ ପବନରେ ଯୌବନକୁ ସିଝାଇ ଦେଇଛି ଅନେକ ଥର... ଅନେକ ବାର୍.... । ପତ୍ନୀ ପୂଜାକୁ ଏ ସଂପର୍କ ବାବଦରେ ଗୋପନ ରଖି ମାସକୁ ମାସ ଘର ଖର୍ଚ୍ଚ ବାବଦକୁ ପାଞ୍ଚ ହଜାର ଟଙ୍କା ପଠାଇ ଦିଅନ୍ତି ଅଜୟ।


ଦୀର୍ଘ ଦୁଇବର୍ଷ ସ୍ୱାମୀ ଅଜୟ ଗାଁକୁ ନଆସିବାରୁ ପୂଜା ମନରେ ସନ୍ଦେହ ସୃଷ୍ଟି ହେଲା । ସେ କାହାରିକୁ କିଛି ନକହି ହଠାତ ଆସି ପହଞ୍ଚିଗଲା ଅଜୟଙ୍କ ରୁମ ପାଖରେ । ସେଠାରେ ସେ ଯାହା ଦେଖିଲା ନିଜେ ବିଶ୍ୱାସ କରି ପାରିଲା ନାହିଁ । ତାର ଅତି ପ୍ରିୟ ସାନ ଭଉଣୀ ଗୋଟେ ଛୋଟ ପିଲାକୁ ନିଜ ସ୍ତନ ଭାଙ୍ଗି କ୍ଷୀର ପିଇବାକୁ ଦେଉଛି। ତା' ସିନ୍ଦୁର ସୁରକ୍ଷୀତ ଅଛି କି ନାହିଁ ଜାଣିବା ପାଇଁ ନିଜ ମଥାରେ ହାତ ମାରିବାରୁ ତାକୁ ଲାଗିଲା ସେତେବେଳକୁ ତା' ସିନ୍ଦୁର ଦୁଇ ଭାଗ ହୋଇ ସାରିଥିଲା।

*ଦକ୍ଷିଣ ଦୌଲତପୁର, ପୀରହାଟ, ଭଦ୍ରକ*
*ଦୂରଭାଷ: ୯୪୩୭୬୯୭୨୯୨*

# ଶୀତ ଓ ଜହ୍ନରାତି ଗୀତ

ଅକ୍ଷୟ ସ୍ୱାଇଁ





ଜହ୍ନ ଖେଳେ ଏ ନଦୀରେ
ମାଛଟିଏ ହେଇ, ଅଥଚ
ତୁମ ମୁହଁ ଚହଲିଯାଏ
ପ୍ରତି ମୁହୂର୍ତ୍ତରେ
ମୁଁ ମନେପକାଏ ତୁମକୁ
ଚାନ୍ଦ ମୁହିଁ ବୋଲି
ଏ ବେଳକୁ ଜହ୍ନରାତି ଗୀତ ସବୁ
ପକାଏ ପାଶୋରି।

ଦୂରରୁ ଭାସି ଆସୁଥିବା
ସ୍ପିନିଂ ମିଲ୍‌ର ସାଇରନ୍
ରାମଧୂନ୍
ବୌଦ୍ଧ ବାଦ୍ୟ
ଅବା କେଉଁ ଅଜଣା ପକ୍ଷୀର ଗୀତ
ମୁଁ କାନ ବନ୍ଦ କରି
ଶୁଣେ ମନଭରି
କୁହୁଡିରେ ଭିଜୁଥାଏ ତୁମ ଦେହ
ଘାସର ଗାଲିଚାଟେ ପରି।

ଏବେ ତ ସେ ଶୀତ ନାହିଁ
ତୁମେ ବା କୋଉ ଅଛ ତୁମ ପରି
ମୁଁ ଥରାଉଛି ମୋ କଣ୍ଠ
କେଉଁ ଏକ କୃତ୍ରିମ ରାଗରେ
ସତେ ଅବା ମୁଁ ଲୋଡୁଛି ତୁମକୁ
ଶୀତେ ଥରି ଥରି।

ପୁଣିଥରେ ତୁମେ ଚହଲିଗଲ
ଆଉଥରେ ... ଆଉଥରେ...
ଏମିତି ବାରବାର
ମୋ ଆଞ୍ଜୁଳାଏ ପାଣିରେ ବି
ମୁଁ ଚହଲୁଥିଲି
ଆଉ ଢାଳି ଯାଉଥିଲି
ତଥାପି ଯା ଯା କହିଲେ ବି
ଫେରୁଥିବା ମୁହୂର୍ତ୍ତମାନଙ୍କ କଅଁଳ ଖରାର
ଉଷୁମ ଟାଣୁଥିଲି।

*ଜୟପୁର, ଇଟିପୁର*
*ଭୁବନେଶ୍ୱର-୨*

# ଆ-କା-ମା-ବୈ



ଦିଲିପ୍ କୁମାର ତ୍ରିପାଠୀ



ଆ-କା-ମା-ବୈ
ହେ ରାଶି ରାଶି ଶୁଭ୍ରତାର ମାଲିକ୍
ହେ ସବୁ ପାପ-ପୁଣ୍ୟକୁ କ୍ଷଣକେ ବାଷ୍ପୀଭୂତ
କରିପାରୁଥିବା ସର୍ବ ଶକ୍ତିମାନ
ତୁମ ପରା-ଅପରା ଶକତିର ଦିବ୍ୟତା କି ମାଧୁରିତା
ଅବା କେତେ ଶକ୍ତିଶାଳୀ ସେ ଦୁହେଁ,
ମୋତେ ଜଣାନାହିଁ।

ଜଣାନାହିଁ ବୋଲି ତ' ସବୁଥର ଧରାପଡେ ତୁମ ଆଖିରେ
ତଳକୁ ମୁଣ୍ଡପୋତି ଠିଆ ହେବାରେ ଏତେ ଅଭ୍ୟସ୍ତ ଯେ
ଲାଜ ନାହିଁ ମୋ ମୁହଁରେ
ମୋ ଅଦମ୍ୟ ଇଚ୍ଛା ମାନଙ୍କର ମୋହ ଏତେ ପ୍ରବଳ ଯେ
ଗୋଟେ ପାପର ଋଣ ଶୁଝିଲା ପରେ
ମୁଁ ଆଉ ଗୋଟେ କରେ।

ପୁଣ୍ୟ ଟିକେ ବାସି ହେଲେ
ମୁଁ ସାଉଁଟେ ଆଉ ଗୋଟେ ପାପ,
ରାତି ଟିକେ ବେଶି ହେଲେ
ମୁଁ ନିଏ ଆଉ ଗୋଟେ ରୂପ।

ମଳ ମାସର ମଳ, ମୂତ୍ରରେ ଗୋଳେଇ ହୋଇ
ବିଷ୍ଠା କୃମି ହେଲେବି
ପୁଣ୍ୟ ମାସର ଉପବାସ ମୋତେ କରେ ଦେବତୁଲ୍ୟ
ମୋ ଦେହରୁ ପାପ ଝାଡିବାକୁ
ଆସି ଧାଡି ବାନ୍ଧି ଠିଆ ହେଇଯାଆନ୍ତି
ମୋ ଦୁଆର ପାଖେ : ପାରାୟଣର ଧର୍ମ,
ଗଙ୍ଗା, ତୁଳସୀ ଆଉ ନିର୍ମାଲ୍ୟ।

ହେ ଦତ୍ତାତ୍ରେୟ ତ୍ରାଣ କର ମୋ ଉଦ୍ଧତ ପଣକୁ
ରକ୍ଷା କର ପ୍ରତିଟି ଦୁର୍ବାଚ୍ୟାକୁ
ବହନ କର ମୋର ଯୋଗ-କ୍ଷେମ
ସବୁ ତୁମେ କର
କିନ୍ତୁ କର ମୋତେ ମାଧ୍ୟମ।

ନା', ଆଉ ବିଷ୍ଠା କୃମି ନୁହେଁ!

ହୁଅ ସାରଥୀ, ଧର ପଞ୍ଚଡୋର
କର ମୋତେ ଦୁର୍ଲଭ ସାଧବ ପୋକ ଟିଏ
ହେଉ ପଛେ ମୋ ଜୀବନ ଗୋଟିଏ ଋତୁ ପାଇଁ
ହେଲେ, ଆଦର ତ ହେଉ !
ମହକ ତ' ଥାଉ !
ନହେଉ ମୋ ଶ୍ୱାସରୁଦ୍ଧ
ନିଏ ତ'ଟିକେ ଜୀବନର ସ୍ୱାଦ
ଦୂର ହେଉ ଅଯଥା ପ୍ରମାଦ
ଆଉ କିଛି ହେଉ କି ନହେଉ
ହେ ମହାବାହୁ,
ଆତ୍ମା ମୋର ଶାନ୍ତି ତ' ପାଉ !

*କୁନ୍ଦନଦେଇପୁର ଶାସନ*
*ପର୍ଜଙ୍ଗ, ଢେଙ୍କାନାଳ*
*ଦୂରଭାଷ : ୯୭୭୮୧୦୬୧୦୫*

# ତ୍ରସ୍ତ ସୁତ୍ରଧର



ବିନୟ ଭୂଷଣ ପାଣିଗ୍ରାହୀ



ଗଦ ନ ମାନିଲେ ଗୁଣ୍ଡାଗର୍ଦ୍ଦି କରି
ଗଣମାଧ୍ୟମର ଗର୍ଦ୍ଦନ ଭାଙ୍ଗିଲେ
ନିଷ୍କଣ୍ଟକ ହେବ ଆସନ-ଶାସନ,
ଐଶ୍ୱର୍ଯ୍ୟ ପ୍ରାପ୍ତି, ବିଳାସବ୍ୟସନ,
ଭୋକିଲା ଜନତା ଭକୁଆ ବନିବେ
ଅମୃତ ମଣିବେ ତୁଚ୍ଛା ଭାଷଣକୁ
କରିବେ ଆମରି ଜୟ-ଜୟଗାନ।

ଇତିହାସକାର ପୋଷା ମନେଇବୁ
ଆମ ନିର୍ଦ୍ଦେଶକୁ ଗୁରୁ ଜ୍ଞାନ ମଣି
ରାବଣକୁ ରାମ ରୂପ ଦେଇଦେବେ,
କଳଙ୍କର ରଙ୍ଗ ସୁନେଲି ଦର୍ଶାଇ
ସମୟର ଛାତି ଚିରି ସ୍ୱର୍ଣ୍ଣାକ୍ଷରେ
ଯୁଗଯୁଗ ପାଇଁ ଲେଖି ଆମ ନାମ
କରିଦେବେ କାଳ କାଳକୁ ମହାନ।


ସେଦିନ କେଶବ ପଞ୍ଚଜନ୍ୟ ତାନେ
କୌରବ ଶିବିର ହେଉଥିଲା ତ୍ରସ୍ତ
ପାଣ୍ଡବଙ୍କ ପଣ ହେଉଥିଲା ଟାଣ
କୁରୁକ୍ଷେତ୍ରେ ତେଣୁ ହାରିଲେ କୌରବ
ଧର୍ମର ବିଜୟ ଥିଲା ବୋଲି ତୟ
ମିଛ ମହାମାନୀ ଦୁଷ୍ଟ ଦୁର୍ଯ୍ୟୋଧନ
ଭୀମ ଗଦାଘାତେ ହାରିଲା ପରାଣ
ଧର୍ମଣ ହେଲା ପୁନଃ ସଂସ୍ଥାପନ।


କୁରୁକ୍ଷେତ୍ର ଏବେ ଅଧର୍ମର କ୍ଷେତ୍ର
ଯୁଧିଷ୍ଠିର ମୁକ, ଅର୍ଜ୍ଜୁନ ବିବଶ,
ଦୁର୍ଯ୍ୟୋଧନ କରେ ଶୋଭେ ପଞ୍ଚଜନ୍ୟ
ନିଷ୍ଫଳ ଏଣିକି ପାଞ୍ଚାଳି ରୋଦନ,
ମହାଭାରତର ସୂତ୍ରଧର କୃଷ୍ଣ
ଗଣମାଧ୍ୟମର ନୂଆ ଅବତାରେ
ଆତ୍ମରକ୍ଷା ନେଇ ନିଜେ ସନ୍ଦିହାନ।

*ହରସିଂହ ପୁର, ପିରହାଟ ବଜାର*
*ଭଦ୍ରକ, ଓଡ଼ିଶା*
*ଦୂରଭାଷ : ୯୯୩୭୫୪୮୪୩୧*

# ଅନୁତପ୍ତ

ପ୍ରିୟଦର୍ଶିନୀ ମହାନ୍ତି





ଭଲ ପାଇବାର ମଣିଷକୁ ଆଜି
ଖୋଜି ପାଇଯିବା ପରେ,
ମୋ ପାଇଁକି ତାଙ୍କ ନୟନରୁ ଲୁହ
ଲୁହ ହୋଇ ଆଜି ଝରେ।

କେତେ ସରଳିଆ କେତେ ନିରିମଳ
ହୃଦୟକୁ ତୁମ ସାଥି,
ଆଘାତ ଦେଇ ମୁଁ କି ସୁଖ ପାଇଲି
ଭାବେ ଏକାନ୍ତରେ ବସି।
ଦିନ ଯାଏ ବିତି ରାତି ଯାଏ ପାହି
ଓଠରେ ମୋ ଦେଇ ହସ,
ହେଲେ ମୁଁ ନିଷ୍ଠୁର ବୁଝିପାରୁନାହିଁ
ଦେଉଅଛି ଖାଲି ଦୋଷ।

ଆତତାୟୀ ପରି ରକ୍ତାକ୍ତ କରିଛି
ପ୍ରେମର ତୀକ୍ଷ୍ଣ ଅସ୍ତ୍ରରେ,
ହୃଦୟକୁ ତୁମ ଖଣ୍ଡଖଣ୍ଡ କରି
ଜାଳିଛି ପ୍ରେମ ଜୁଇରେ।

ଗୋଲାପ ସଦୃଶ ହୃଦୟକୁ ତୁମ
କ୍ଷତାକ୍ତ କରିଛି ଚାଲି,
ଭାବିବନି ମୁଁ ଯେ ଶାନ୍ତିରେ ରହିଛି
ପାରିବିନି କେବେ ଭୁଲି।

କ୍ଷମା ଭିକ୍ଷା ମୁହିଁ କରିବିନି ଆଜି
ମୋର ଏଇ ଭୁଲ ପାଇଁ,
ସାରା ଜୀବନ ଏଇ ଭୁଲ ମୋର
ରହିଥିବ ଦାଗ ହୋଇ।


ହୃଦୟରୁ ଆଜି କରୁଛି ସଂକଳ୍ପ
ଛାଡିବିନି ତୁମ ହାତ,
ମରିବି ତୋ ସାଥେ ବଞ୍ଚିବି ତୋ ପାଇଁ
ତୁମେ ସାତ ଜନ୍ମର ମିତ।

*ଶିକ୍ଷୟିତ୍ରୀ*
*ଏସ୍‌ଆର-୭, ଟଙ୍କପାଣି ରୋଡ-୪*
*ପାଣ୍ଡବନଗର, ଭୁବନେଶ୍ୱର*
*ଦୂରଭାଷ : ୯୩୩୭୫୧୫୮୫୩*









ସାନ୍‌ଭି ସାହୁ
ଷ୍ଟାଣ୍ଡାର୍ଡ- ୩
କେମ୍ବ୍ରିଜ୍ ସ୍କୁଲ, ମୁମ୍ବାଇ



# ୯୯,୬୩୦ହେକ୍ଟର ଜମିରେ ରବି ଫସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ



**ବାରିପଦା, (ସଦାନନ୍ଦ ସାହୁ) :** ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୧୯-୨୦ ରବି ଫସଲ ଚାଷ ପାଇଁ ଜିଲ୍ଲା କୃଷିନିତୀ ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲପାଳ ବିନୀତ୍ ଭରଦ୍ୱାଜାଙ୍କ ଅଧକ୍ଷତାରେ ଜିଲ୍ଲା ମୁଖ୍ୟ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଥିଲା । ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦାମୋଦର ସେଠୀ, ଡିଡିଏମ୍ ନାବାର୍ଡ, ମୟୂରଭଞ୍ଜ ସ୍ମୃତି ରଞ୍ଜନ ପଟ୍ଟନାୟକ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଲଡିଏମ୍, ମୟୂରଭଞ୍ଜ ଦିଲ୍ଲିପ କୁମାର ସାହୁ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଏସ୍ କେ ଦାସ ପ୍ରମୁଖ ସମେତ ଜିଲ୍ଲାର ସମସ୍ତ କୃଷି ଅଧିକାରୀ, ସଂପୃକ୍ତ ଲାଇନ ବିଭାଗପଦାଧିକାରୀ ଓ ଚାଷୀ ପ୍ରତିନିଧି ଯୋଗ ଦେଇ ଜିଲ୍ଲାର କୃଷି ଭିତ୍ତିକ ଯୋଜନା କାର୍ଯ୍ୟାକ୍ରମ ଅନ୍ତର୍ଗତ ଚଳିତ ଖରିଫ୍ ଫସଲ ୨୦୧୯ ଏବଂ ରବି ଫସଲ ୨୦୧୯-୨୦ କାର୍ଯ୍ୟଖସଡା ସଂପର୍କରେ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବୈଠକରେ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ଶ୍ରୀ ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲା କୃଷିବିଭାଗ ଯୋଜନା କାର୍ଯ୍ୟସୂଚୀ ଉପରେ ପ୍ରଥମେ ଚଳିତ ୨୦୧୯ ଖରିଫ୍ ଫସଲ ଚାଷ ସଂପର୍କୀତ ଯଥା ଜିଲ୍ଲାର ବୃଷ୍ଟିପାତ, ବଭିନ୍ନ ଫସଲଚାଷ ଓ ଉତ୍ପାଦନର ସ୍ଥିତି, ବିଭିନ୍ନ ପ୍ରକାର ସାର ବ୍ୟବହାର, ବିଭିନ୍ନ କୃଷିଯନ୍ତ୍ରର ଉପଯୋ, କୃଷିଋଣ ସହାୟତା, ରାଷ୍ଟ୍ରିୟ କୃଷିବିକାଶ ଆଦି ଯୋଜନା କାର୍ଯ୍ୟାନ୍ନୟନ ଉପରେ ସମୀକ୍ଷା ମୂଳକ ଆଲୋଚନା କରାଯାଇଥିଲା । ସମୀକ୍ଷାରେ ଚଳିତ ଖରିଫ ଋତୁରେ ଜିଲ୍ଲାର ମୌସୁମୀ ବୃଷ୍ଟିପାତର ପରିମାଣ ୧୦୭୫.୨୮ମିମି ହୋଇଥିବା ବେଳେ ଏହା ଜିଲ୍ଲାର ସ୍ୱାଭାବିକ ବୃଷ୍ଟିପାତର ୧୨୨୫.୦୦ମି.ମି. ପରିମାଣରୁ ୧୨.୨୨% କମ୍ ବୃଷ୍ଟିପାତ ହୋଇଥିବାର ଜଣାଯାଇଛି । ଜିଲ୍ଲାରେ ୪୩୭୦୦ ହେକ୍ଟର ଜମିରେ ବିଭିନ୍ନ ଖରିଫ ଫସଲ ଲକ୍ଷ୍ୟଧାର୍ଯ୍ୟରୁ ୪୨୮୬୪୬ ହେକ୍ଟର ଜମିରେ ଖରିଫ ଫସଲ କରାଯାଇଛି ଯାହା କି ଫସଲ ଉତ୍ପାଦନ ପରିମାଣ ବେଶ ଆଶାଜନକ ହେବ ବୋଲି କୃଷି ବିଭାଗ ପକ୍ଷରୁ ସୂଚିତ କରାଯାଇଛି । ତତ୍ପରେ ଚଳିତ ୨୦୧୯-୨୦ ରବି ଫସଲ କାର୍ଯ୍ୟଖସଡା ଉପରେ ବୈଠକରେ ସବିଶେଷ ଆଲୋଚନା କରାଯାଇ ଜିଲ୍ଲାରେ ଥିବା ବିଭିନ୍ନ ଜଳ ସେଚନ ପ୍ରକଳ୍ପ ଉତ୍ସର ଉପଯୋଗିତାକୁ ଆଧାର କରି ମୋଟ୯୯୬୩୦ ହେକ୍ଟର ଜମିରେ ବିଭିନ୍ନ ରବି ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିରେ ଧାନ ୭୦୦୦ ହେକ୍ଟର, ଗହମ-୬୦୦ ହେକ୍ଟର, ଉନ୍ନତମାନର ମକା-୨୫୦୦ ହେକ୍ଟର, ମୁଗ-୧୧୦୦୦ହେକ୍ଟର, ବିରି-୩୦୦୦ହେକ୍ଟର, କୁଳଥ-୪୦୦୦ହେକ୍ଟର ଓ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ୧୬୫୦୦ହେକ୍ଟର, ଚିନାବାଦାମ-୪୦୦୦ହେକ୍ଟର, ସୂର୍ଯ୍ୟମୁଖୀ-୪୦୦ହେକ୍ଟର, ସୋରିଷ-୭୦୦ହେକ୍ଟର ଓ ଅନ୍ୟାନ୍ୟ ତୈଳବୀଜ ଜାତୀୟ ୧୫୭୦୦ହେକ୍ଟର, ଆଳୁ ୧୦୦୦-ହେକ୍ଟର, ପିଆଜ-୨୦୦୦ ହେ. ଓ ଅନ୍ୟାନ୍ୟ ପନିପରିବା ଜାତୀୟ ଫସଲ ୨୬୨୦୦ହେକ୍ଟର ଏବଂ ମସଲା ଜାତୀୟ ଫସଲ ୭୧୩୦ହେକ୍ଟର ଜମିରେ ଫସଲ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଚଳିତ ରବି ଋତୁରେ ବିଭିନ୍ନ ଫସଲ ଚାଷ ପାଇଁ ମୋଟ୪୩୦୧କ୍ୱିଣ୍ଟାଲ ବିହନ, ୬୬୮୦ ମେଟ୍ରିକ ଟନ ରାସାୟନିକ ସାର ଓ ୨୩୦୦୦ ହେକ୍ଟର ଜମିରେ ଜୈବିକ ସାର ଉପଯୋଗ ପାଇଁ ଯୋଗାଇଦେବାର ଲକ୍ଷ୍ୟଧାର୍ଯ୍ୟ ଥିବା ବେଳେ ନାବାର୍ଡ କୃଷିସମବାୟ ଓ ରାଷ୍ଟ୍ରାୟତ ବାଣିଜ୍ୟ ବ୍ୟାଙ୍କ ଜରିଆରେ ଆବଶ୍ୟକୀୟ କୃଷି ଋଣ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି । ବୈଠକରେ ଜିଲ୍ଲାପାଳ ଶ୍ରୀଭରଦ୍ୱାଜ ଜିଲ୍ଲାର ସମସ୍ତ କୃଷିଭିତ୍ତିକ କାର୍ଯ୍ୟକ୍ରମରେ ଚାଷୀମାନଙ୍କ ଜ୍ଞାନ ଦକ୍ଷତା ବୃଦ୍ଧି ପାଇଁ କ୍ଷେତ୍ର ପ୍ରଦର୍ଶନୀ ଫସଲ ଚାଷ ଓ କୃଷି ଭିତିକ ବିଭିନ୍ନ ସୁବିଧା ସୁଯୋଗ ଦିଗରେ ଦୃଷ୍ଟି ଦେଇ ସମସ୍ତ ତାଲିମ କର୍ମଶାଳା ଗ୍ରାମପଞ୍ଚାୟତ ଅଞ୍ଚଳର ଆୟୋଜନ କରିବାକୁ ସମସ୍ତ କୃଷି ଓ ସଂପୃକ୍ତ ଲାଇନ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ସଫଳ ରୁପାୟନ ଦିଗରେ ବିଶେଷ ଧ୍ୟାନ ଦେଇ ସମସ୍ତ କାର୍ଯ୍ୟକ୍ରମ ତରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରାଯଇଥିଲା । ଏଥିସହିତ ବୈଠକରେ ୨୫ତମ କୃଷି ବୈଷୟୀକ ପରିଚାଳନା ସଂସ୍ଥା (ଆତ୍ମା) ଯୋଜନା କର୍ଯ୍ୟକ୍ରମ ଉପରେ ଉପସ୍ଥାପିତ କାର୍ଯ୍ୟ ଖସଡା ସଂପର୍କରେ ସବିଶେଷ ଆଲୋଚନା କରାଯାଇ ୨୦୧୯-୨୦ ବର୍ଷର ବିଭିନ୍ନ ଖରିଫ ଫସଲ ଚାଷ କାର୍ଯ୍ୟକ୍ରମରେ ନଭେମ୍ବର ପର୍ଯ୍ୟନ୍ତ ହୋଇଥିବା ଖର୍ଚ୍ଚ ଏବଂ ରବି ଫସଲ ଚାଷ କାର୍ଯ୍ୟକ୍ରମର ପ୍ରସ୍ତାବିତ ଯୋଜନା ଅଟକଳ ଅନୁମୋଦନ ନିମନ୍ତେ ନିଷ୍ପତି ନିଆଯାଇଥିଲା ।

# ମିଳୁନି କାଳିଆ ଟଙ୍କା; ଚାଷୀ ନିରାଶ

**ସୋନପୁର :** ନିର୍ଦ୍ଧିଷ୍ଟ ସମୟ ଭିତରେ କାଳିଆ ଯୋଜନାରେ ଟଙ୍କା ନ ପାଇ ଚାଷୀମାନେ ନିରାଷ ହୋଇଛନ୍ତି । ସରକାରଙ୍କ ଘୋଷଣା ମୁତାବକ କାଳିଆ ଟଙ୍କାକୁ ଆଶାକରି ଚାଷୀମାନେ ଆବେଦନ କଲେ ମାତ୍ର ସୋନପୁର ଜିଲ୍ଲାର ହଜାର ହଜାର ଚାଷି ଏଯାଏଁ ଟଙ୍କା ପାଇଲେ ନାହିଁ । ଏବେ ଖରିବ ଚାଷ ଅମଳ ସରିଲାଣି ।ଆଉ କିଛି ଦିନ ପରେ ପୁଣି ରବି ଚାଷ ଆରମ୍ଭ ହେବା ତଥାପି ଟଙ୍କା ନ ମିଳିବା ନେଇ ଚାଷୀ ମହଲରେ ଅସୋନ୍ତଷ ଦେଖାଯାଇଛି । ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜୀବିକା ଚିନ୍ତାରେ ବାଉଁଶ କାରିଗର



**ସୋନପୁର :** ପୂର୍ବ ପୁରୁଷଙ୍କ ଜୀବିକାଙ୍କୁ ଧରି ଚଳି ଆସୁଥିବା ପରିବାର ଆଧୁନିକତାର ଚାପରେ ଜୀବିକା ହରାଇବା ନେଇ ନାହିଁନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି । ସମୟ ଥିଲା କୃଷି କାର୍ଯ୍ୟ ଠାରୁ ଆରମ୍ଭ କରି ସାମାଜିକ ଚଳଣିରେ ପାତିକାର ମାନଙ୍କ ଦ୍ୱାରା ବାଉଁଶରୁ ତିଆରି ଜିନିଷିର ବେଶ ଚାହିଦା ରହିଥିଲା । ଏହା ସମାଜର ଚଳଣିର ଅଙ୍ଗ ହୋଇ ରହିଥିଲା । ଚାଷ କାମ ପାଇଁ ପାତିକାର ବାଉଁଶରେ ମୋଟା ପାତିଆରେ ତିଆରି କରୁଥିଲେ 'ଗୁରଲ୍' । ଏହା ଶଗଡ ଗାଡିରେ ରଖି ଚାଷୀ ବିଲକୁ ଗୋବର ଖତ ନେବାରେ ବ୍ୟବହାର କରୁଥିଲେ । ସେହିପରି ଆଉ ଏକ ଜିନିଷର ନାମ ହେଉଛି 'ଲୁଦର' । ଏହା ସାହାଯ୍ୟରେ ଚାଷୀ ଅମଳ କରିଥିବା ଧାନକୁ ଘରକୁ ଆଣିଥାଏ । କିନ୍ତୁ ବର୍ତ୍ତମାନର ଯୁଗରେ ଏ ସବୁର ଦେଖା ନାହିଁ । ପରବର୍ତ୍ତି ପିଢି ପାଇଁ ମ୍ୟୁଜିୟମ ଗୁଡିକରେ ଏହା ଦେଖିବାକୁ ପାଇପାରିବେ । ଏହାର ସ୍ଥାନକୁ ଟ୍ରାକ୍ଟର ଏବଂ ଧାନ ବସ୍ତା ମାଡି ବସିଛି । ଲୋକେ ଆଉ ଲୁଦର ସାହାଯ୍ୟରେ ଶଗଡ ଗାଡିରେ ଗୋବର ଖତ ନେଉ ନାହାନ୍ତି । ଟ୍ରାକ୍ଟର ଏବଂ ପାୱାରଟିଲର ସାହାଯ୍ୟରେ ଅମଳ ଧାନକୁ ବସ୍ତା ଦ୍ୱାରା ସିଧାସଳଖ ମିଲ୍‌କୁ ନିଆଯାଉଛି । ଏଣୁ ପାତିକାର ମାନଙ୍କ ଉପରେ ଚାଷୀ ଲୁଦର ଓ ଗୁରଲ ପାଇଁ ନିର୍ଭର କରୁନାହାନ୍ତି । ଝିଅ ବାହାଘର ପାଇଁ ବାଉଁଶ ପାତିଆରେ ତିଆରି ଭୋଗେଇ, କୁଲା, ଡାଲା ଇତ୍ୟାଦି ବିଭିନ୍ନ ପ୍ରକାର ଜିନିଷ ବ୍ୟବହାର ହୋଇଥାଏ । କିନ୍ତୁ ବର୍ତ୍ତମାନ ପ୍ଲାଷ୍ଟିକ କୁଲା ବ୍ୟବହାର ଏବଂ ଟୋକେଇ ଭୋଗେଇର ବ୍ୟବହାର କମି ଯାଇଛି । ଫଳରେ ପୂର୍ବରି ଏମାନଙ୍କ ବେଉସା ଆଉ ଚଲୁ ନାହିଁ । ଆଧୁନିକତାର ଛାପରେ ଝିଅମାନେ ମଧ୍ୟ ଭୋଗେଇ ଟୋକେଇ ନେବାକୁ ଚାହୁଁ ନାହାନ୍ତି । ପ୍ରତ୍ୟେକ କାର୍ଯ୍ୟରେ ବ୍ୟବହୃତ ହେଉଥିବା ବାଉଁଶ ତିଆରି ଜିନିଷ ଆଜି ବଜାରରେ ଅଲୋଡା ହୋଇଯାଉଛି । ଫଳରେ ଅନେକ ପାତିକାର ପରିବାର ଜୀବିକା ହରାଇ ସଙ୍କଟରେ ପଡିଛନ୍ତି । ଆଗଭଳି ଆଉ ବେହାର ନାହିଁ । ନକଲେ ଚଳିବ ନାହିଁ ବୋଲି ବାଧବାଧକତାରେ କରୁଛୁ । ଗ୍ରାହକ ମଧ୍ୟ କମି ଯାଉଛନ୍ତି । ନୀତି ନିୟମ ଅନୁସାରେ ବାହାଘର ପାଇଁ ଗୋଟେ ଦିଟା ଭୋଗେଇ କିଣୁଛନ୍ତି । ସରକାରୀ କ୍ଷେତ୍ରରେ ମଧ୍ୟ ପ୍ରୋତ୍ସାହନ ନାହିଁ । ଆଗକୁ ବେପାର ବନ୍ଦ ହୋଇଯାଇପାରେ । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପ୍ରୋତ୍ସାହନ ହେବାକୁ ବାଉଁଶ କାରିଗର ସଞ୍ଜିତ ଗୁରୁ କହିଛନ୍ତି ।

# ପାରାଦୀପରେ ବାୟୁ ପ୍ରଦୂଷଣ ସ୍ଥିତି ସଙ୍ଗୀନ



**ପାରାଦୀପ :** ପାରାଦୀପରେ ବାୟୁ ପ୍ରଦୂଷଣ ସ୍ଥିତି ସଙ୍ଗୀନ ରହିଛି । ପାରାଦ୍ୱୀପ ରେ ବାୟୁ ପ୍ରଦୂଷଣ ଦିଲ୍ଲୀ ପ୍ରଦୂଷଣକୁ ଟପିଯିବା ଭଳି ପ୍ରତୀୟମାନ ହେଉଛି । ଏହି ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ନିଆଯାଇଥିବା ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ ଏଠାରେ କହିବା ବାହୁଲ୍ୟ ଯେ ଧର୍ମକୁ ଆଖିଠାର ସଦୃଶ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟକମାସରେ ନଦୀନାଳ ଓ ବାୟୁ ପ୍ରଦୂଷଣ ମପାଯିବ ଏହା ଏକ ନିର୍ଦ୍ଧିଷ୍ଟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବାର ନିୟମକୁ କର୍ତ୍ତୃପକ୍ଷ ଠିକ୍ ଭାବରେ ପାଳନ କରୁନାହାଁନ୍ତି । ବର୍ତ୍ତମାନ ପାରାଦ୍ୱୀପ ରେ ପ୍ରଦୂଷଣ ସ୍ଥିତି କଣ ଏହାର ଖବର କାହା ପାଖରେ ନାହିଁ । ଏଠାରେ ସୂଚନା ଯୋଗ୍ୟ ଗତ ସେପ୍ଟେମ୍ବର ମାସ ୧୯ ତାରିଖ ଦିନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଚିବ ଡଃ ମୋନା ଶର୍ମା ବିଜ୍ଞପ୍ତି ନଂ ( ୧୭୬୭୪ ) ରେ ପାରାଦ୍ୱୀପ ବନ୍ଦରକୁ ଏକ କ୍ରିଟିକାଲ ଏରିଆ ଘୋଷଣା କରିଛନ୍ତି ଯାହାକି ଅତ୍ୟନ୍ତ ଚିନ୍ତାର ବିଷୟ । ଏଠାରେ ଜଳ ଓ ବାୟୁର ପ୍ରଦୂଷଣ ମାତ୍ରା ମାରାତ୍ମକ ଏଣୁ ପାରାଦ୍ୱୀପରେ ପ୍ରଦୂଷଣକୁ ନିୟମିତ ସମୀକ୍ଷା କରିବା ପାଇଁ ସଚିବ ମୋନା ଶର୍ମା ଜଗତ୍‌ସିଂହପୁର ଜିଲ୍ଲାପାଳଙ୍କୁ ଚିଠି ଲେଖି ଘୋର ଉଦ୍‌ବେଗ ବ୍ୟକ୍ତ କରିଛନ୍ତି । ପାରାଦ୍ୱୀପରେ କେବଳ ଧୂଳି ନୁହେଁ ବନ୍ଦରାଞ୍ଚଳରୁ ଉଡୁଥିବା କୋଇଲା, ଲୁହାପଥର ଗୁଣ୍ଡ ଘନ କୁହୁଡିର ଭ୍ରମ ସୃଷ୍ଟି କରୁଛି । ସେହିଭଳି ବିଭିନ୍ନ କଳକାରଖାନାରୁ ନିର୍ଗତ ପ୍ରଦୂଷଣ ଓ ବନ୍ଦର ପରିସରରେ ପ୍ରଦୁଷଣ ରୋକିବାକୁ ଲଗାଯାଇଥିବା ପ୍ରୋଟେକ୍ଟର ୱାଲ ପାରାଦ୍ୱୀପରେ ପ୍ରଦୂଷଣ ରୋକିବାକୁ ଯଥେଷ୍ଟ ହେଉ ନାହିଁ । ଏପରି ଧୂଳି ଉଡୁଛି ଯେ ବନ୍ଦର ଭିତରକୁ ପ୍ରବେଶ କରିବାକୁ ଲୋକେ ଭୟଭୀତ ହେଲେଣି ଏତେ ଧୂଳି ଯେ ଯୁଆଡେ ଦେଖିବ ଖାଲି କଳା, ଆଉ କଳା ବସ୍ ସିଟ୍ କଳା ଟ୍ରେନ୍‌ସିଟ୍ କଳା, ବସ୍ ଗାଡି, କାର, ଟ୍ରକ୍, ସବୁଆଡେ ମେଞ୍ଚେ ମେଞ୍ଚେ କଳା ଖାଲି ବୋଳା ହେଲା ଭଳି ଦେଖାଯାଉଛି ଅତ୍ୟନ୍ତ ଦୟନୀୟ ପରିବେଶ ରେ ପାରାଦ୍ୱୀପ ବାସିନ୍ଦା ନିଜ ଜୀବନ ଅତିବାହିତ କରୁଛନ୍ତି । ଏତେ ଜୋରରେ ଧୂଳି ଉଡୁଛି ଯେ ପାରାଦ୍ୱୀପର ଜନସାଧାରଣ ଚଳ ପ୍ରଚଳ ହେବା ମୁସ୍କିଲ୍ ହୋଇ ପଡୁଛି । ସ୍ୱାସ୍ଥ୍ୟ ଅଧିକାରୀଙ୍କ କହିବା ଅନୁଯାୟୀ ବାୟୁ ମଣ୍ଡଳରେ ପ୍ରଦୂଷଣ ମାତ୍ରା ବଢିଲେ ଲୋକମାନେ ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଓ ବିଭିନ୍ନ ପ୍ରକାର ଚର୍ମ ରୋଗରେ ପିଡିତ ହୁଅନ୍ତି । ଏହି ସମସ୍ୟାକୁ କିପରି ସମାଧାନ କରାଯିବ ଏବଂ ପାରାଦ୍ୱୀପ ବାସିନ୍ଦା କିଭଳି ଏହି ପ୍ରଦୂଷଣ ଜନିସତ ସମସ୍ୟାରୁ ମୁକ୍ତି ପାଇବେ ଏବଂ ଆଗମୀ ଦିନରେ କଣ କଣ ସବୁ ଉପାୟ ଅବଲମ୍ବନ କରାଯାଉଛି ତାକୁ ଚାତକ ପରି ଅନାଇ ବସିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଯୋଗ ଅପେକ୍ଷାରେ ...

ଆଜି କଂଗ୍ରେସର ଅବସ୍ଥା ଏଭଳି ନଥାନ୍ତା ବୋଲି ଲୁଲୁପ୍ରେମୀମାନେ କହୁଛନ୍ତି । ଯଦିଓ ଓଡ଼ିଶାରେ କଂଗ୍ରେସକୁ ଭଲ ପାଉଥିବା ଓ ଭୋଟ ଦେଇ ନେତାଙ୍କୁ ଚୟନ କରିବା ଭୋଟରଙ୍କ ସଂଖ୍ୟା କିଛି କମ ନୁହଁ, ହେଲେ ରାଜ୍ୟରେ କଂଗ୍ରେସ ନିଜ ସହ ନିଜେ ଲଢ଼ିଲା ଭଳି ପରିସ୍ଥିତି ହେଉଥିବାରୁ ଦଳ ଆଗକୁ ବଢ଼ିପାରୁନାହିଁ । ଯେକୌଣସି ବରିଷ୍ଠ ନେତା ପିସିସି ସଭାପତି ପଦ ମଣ୍ଡନ କଲା ପରେ ଦଳ ଭିତରେ ଗୋଷ୍ଠୀକନ୍ଦଳ ଆରମ୍ଭ ହୋଇଯାଉଛି । ଯେଉଁଥିପାଇଁ ଦଳ ଆଗକୁ ବଢ଼ିବା ବଦଳରେ ପଛୁଆ ରହୁଛି । ଏଭଳି ସ୍ଥିତିରେ ଆଗାମୀ ୨୦୨୦ ଆରମ୍ଭରେ କଂଗ୍ରେସର ନବକଳେବର ହେବ କେମିତି ?

ଉଲ୍ଲେଖଯୋଗ୍ୟ, ଜୟଦେବ ଜେନାଙ୍କ ସମୟରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ସବୁବେଳେ ଗଣମାଧ୍ୟମରେ କହୁଥିଲେ ଯେ, ସୌମ୍ୟରଞ୍ଜନ ପଟ୍ଟନାୟକ କଂଗ୍ରେସରେ ଥାଇ 'ଆମ ଓଡ଼ିଶା' ସଂଗଠନ କରି ସମାନ୍ତରାଳ ଭାବେ କାର୍ଯ୍ୟ କରିବା ଦ୍ୱାରା କଂଗ୍ରେସର କ୍ଷତି ହେଉଛି । ଏଥିପାଇଁ ସୌମ୍ୟରଞ୍ଜନଙ୍କୁ ମଧ୍ୟ ଦଳରୁ ବହିଷ୍କୃତ ହେବାକୁ ପଡିଥିଲା । ସୂଚନାଯୋଗ୍ୟ, ସୌମ୍ୟରଞ୍ଜନ ଏବେ ଆଉ କଂଗ୍ରେସରେ ନାହାନ୍ତି । ସେ ବିଜେଡି ବିଧାୟକ । ସମୟଚକ୍ରରେ ନିରଞ୍ଜନ ପଟ୍ଟନାୟକ ଯେତେବେଳେ ପିସିସିର ମୁଖିଆ ହେଲେ ସେହି ସମାନ ଢଙ୍ଗରେ ଶ୍ରୀକାନ୍ତଙ୍କୁ ବହିଷ୍କୃତ ହେବାକୁ ପଡିଥିଲା । ଶ୍ରୀକାନ୍ତ ଦଳରୁ ବାହାରିଯାଇ ନିରଞ୍ଜନ ବିରୋଧୀ ଗୋଷ୍ଠୀଙ୍କୁ ଏକାଠି କରି ତାଙ୍କୁ କିଭଳି ଗାଦିରୁ ହଟାଇ ହେବ ଓ ନିଜର ରାଗ ଶାନ୍ତ ହେବ ସେଥିପାଇଁ ସବୁବେଳେ ଗୋଟିଚାଳନା କରୁଛନ୍ତି । ଏଥିପାଇଁ ସୂର୍ଯ୍ୟନଗର ବାସଭବନ ଠାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ମନ୍ତ୍ରଣା ଚାଲିଛି । ଏଥିରେ ନିରଞ୍ଜନ ବିରୋଧୀଙ୍କ ବ୍ୟତିରେକ ଶାସକ ଦଳର କିଛି ବିଧାୟକ ସାମିଲ ଥିବା ମଧ୍ୟ ଚର୍ଚ୍ଚା ହେଉଛି । କାରଣ କଂଗ୍ରେସର ଉତ୍ଥାନ ହେଲେ ବିଜେଡିକୁ କ୍ଷତି । ତେଣୁ ନିରଞ୍ଜନଙ୍କୁ ଗାଦିରୁ ହଟାଇବା ପାଇଁ ଗୋଟିଏ ଗୋଷ୍ଠୀ ଜୋରଦାର ପ୍ରୟାସ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି । କୁହାଯାଉଛି ଯେ, ନିରଞ୍ଜନଙ୍କ ନେତୃତ୍ୱରେ ଦଳରେ ବହୁ ନେତା ଓ କର୍ମୀ ଅସନ୍ତୁଷ୍ଟ ରହୁଛନ୍ତି । ତେବେ ପ୍ରକୃତରେ ଏହି ଅସନ୍ତୋଷର କାରଣ ନିରଞ୍ଜନ ନା ଆଉ କିଏ ? କିନ୍ତୁ ଯାହା ଶୁଣିବାକୁ ମିଳେ ନିରଞ୍ଜନଙ୍କୁ ପିସିସି ପଦରୁ ହଟାଇବାକୁ ନେଇ ଶ୍ରୀ ଜେନା ଜୋରଦାର ଉଦ୍ୟମ କରୁଛନ୍ତି । ଏଥିରେ ତାଙ୍କୁ ଦଳର ବହୁ ବରିଷ୍ଠ ନେତା ମଧ୍ୟ ସହଯୋଗ କରୁଥିବା ସୂଚନା ସାମ୍ନାକୁ ଆସୁଛି । ପୂର୍ବରୁ ପିସିସି ଦାୟିତ୍ୱରେ ଥିବା ଏହି ନେତାମାନେ ଏନେଇ କଂଗ୍ରେସ ହାଇକମାଣ୍ଡ ସୋନିଆ ଗାନ୍ଧିଙ୍କ ନିକଟରେ ବାରମ୍ବାର ଫେରାଦ ହେଉଛନ୍ତି । ନିରଞ୍ଜନ ଦଳ ମୁଖିଆ ରହିବାକୁ ନେଇ ଶ୍ରୀ ଜେନା ସବୁଠୁ ବେଶୀ ଅସନ୍ତୁଷ୍ଟ ବୋଲି କେହି କେହି କହୁଛନ୍ତି । ତେଣୁ ଦଳ ଭିତରେ କନ୍ଦଳ ପୂରାଇ ନିଜେ କିଭଳି ଛାମୁଆ ନେତା ହୋଇପରିବେ ଏଥିପାଇଁ ଚକ୍ରାନ୍ତ କରୁଛନ୍ତି । ତେଣୁ ଶ୍ରୀ ଜେନା ପ୍ରଚ୍ଛଦପଟ୍ଟରେ ରହି ନିରଞ୍ଜନ ହଟାଅ ଅଭିଯାନକୁ ଆଗକୁ ନେବାକୁ କୁଆଡେ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ଅସ୍ତ୍ର କରିଛନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି । ଯେହେତୁ ମୋକିମ୍‌ଙ୍କର ଲୋକପ୍ରିୟତା ରହିଛି ଏବଂ ତାଙ୍କ ସଂଗଠନ ବେଶ୍ ସୁଦୃଢ଼ ତେଣୁ ତାଙ୍କୁ ସାମ୍ନାରେ ରଖି ନିରଞ୍ଜନଙ୍କୁ ହଟାଇବା ସହଜ ହେବ ବୋଲି ପ୍ରୟାସ ଚଳାଇଛନ୍ତି । କଂଗ୍ରେସର ଏଭଳି ପରିସ୍ଥିତିରେ ଦଳର ବହୁ ତୁଙ୍ଗ ନେତା ଯଥା :- କାହ୍ନୁଚରଣ ଲେଙ୍କା, ହେମାନନ୍ଦ ବିଶ୍ୱାଳ, ଶରତ ରାଉତ, ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଦଳ ପାଇଁ ଯେଭଳି ସାମ୍ନାକୁ ଆସିବା କଥା ସେମାନେ ଆସୁନାହାନ୍ତି । ତେବେ ବରିଷ୍ଠ ନେତା ନରସିଂହ ମିଶ୍ର, ବିଧାୟକ ସୁରେଶ ରାଉତରାଏ ଓ ତାରାପ୍ରସାଦ ବାହିନୀପତି ପ୍ରମୁଖ ଦଳ କିଭଳି ସୁଦୃଢ଼ ରହିବ ଓ ଆଗକୁ ବିଜେଡି ଏବଂ ବିଜେପିକୁ ଟକ୍କର ଦେବ ସେଥିପାଇଁ ନିରଞ୍ଜନଙ୍କ ନେତୃତ୍ୱକୁ ବେଶ୍ ପସନ୍ଦ କରୁଛନ୍ତି ।

### ସିଏଏ ବିରୋଧୀ ...

କରିବାରୁ ତାଜୁବ୍ ଭଳି ତଥ୍ୟ ପୋଲିସକୁ ହସ୍ତଗତ ହୋଇଛି । ତେବେ ଲକ୍ଷ୍ନୌ ହିଂସାକାଣ୍ଡରେ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୦ଜଣ ଉତ୍ତରପ୍ରଦେଶର ବାସିନ୍ଦା ନଥିବା ଜଣାପଡିଛି । ହିଂସାକାଣ୍ଡର ୫ଦିନ ପୂର୍ବରୁ ଏହି ୧୦ଜଣ ଲକ୍ଷ୍ନୌକୁ ଆସିଥିଲେ । ବିଭିନ୍ନ ଯୁବକ ସଂଗଠନ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ହିଂସାରେ ସାମିଲ ହେବା ପାଇଁ ଅତ୍ୟନ୍ତ ଚତୁରତାର ସହ ଉସୁକାଇଥିଲେ । ସେହିପରି ବିକ୍ଷୋଭ ସମୟରେ ପୋଲିସକୁ ଆକ୍ରମଣ ଓ ଯାନବାହନ ପୋଡିବା ପାଇଁ ଏମାନେ ପୂର୍ବ ପ୍ରସ୍ତୁତି କରି ଆନ୍ଦୋଳନରେ ସାମିଲ ହୋଇଥିଲେ । ସେହିପରି ଏହି ୧୦ଜଣ ବଙ୍ଗଳାରେ କଥା ହେଉଥିବା ମଧ୍ୟ ଜଣାପଡିଛି । ଅନ୍ୟପକ୍ଷରେ ଅନେକ ବିକ୍ଷୋଭକାରୀ କାହିଁକି ବିକ୍ଷୋଭ କରୁଛନ୍ତି ତାହାର କାରଣ ମଧ୍ୟ ଜାଣିନାହାନ୍ତି । ଏଭଳି ପରିସ୍ଥିତିରେ ସେମାନଙ୍କୁ କିଏ ଏଥିପାଇଁ ନିୟୋଜିତ କରିଛି ଏବଂ କେଉଁ ଶକ୍ତି ଏହା ପଛରେ ରହିଛି ତାହା ଚିନ୍ତାର କାରଣ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆନ୍ଦୋଳନ ବେଳେ ନଷ୍ଟ ହୋଇଥିବା ସରକାରୀ ସମ୍ପତ୍ତିର ଆକଳନ କରି ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଆଦିତ୍ୟନାଥ କହିଛନ୍ତି ଯେ, ଭିଡିଓଗ୍ରାଫିରୁ ଯେଉଁମାନଙ୍କ ଚିତ୍ର ସାମ୍ନାକୁ ଆସୁଛି ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯିବା ସହିତ ଏହି ଅର୍ଥରେ ରାଜକୋଷର କ୍ଷତି ଭରଣା କରାଯିବ । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟ ସିଏଏ ବିରୋଧରେ ପ୍ରଦର୍ଶନ ଥମିବାର ନା' ଧରୁନି । ସାଲେପୁର ହେଉ କି ସମ୍ବଲପୁର, ନବରଙ୍ଗପୁର ହେଉ କିମ୍ବା ଭଦ୍ରକ ସବୁଠି ସିଏଏକୁ ବିରୋଧ କରି ଆନ୍ଦୋଳନକାରୀମାନେ ରାସ୍ତାକୁ ଓହ୍ଲାଉଛନ୍ତି । ଅନ୍ୟପଟେ ଗୁଇନ୍ଦା ବିଭାଗ ଯେଉଁ ରିପୋର୍ଟ ଦେଇଛି ସେଥିରେ ସ୍ପଷ୍ଟ ହୋଇଛି ଯେ, ଦେଶର ବିଭିନ୍ନ ସ୍ଥାନରେ ଯେଉଁ ହିଂସାକାଣ୍ଡମାନ ଘଟୁଛି, ସେଥିରେ ସୀମାପାର ଅର୍ଥାତ୍ ବିଦେଶୀ ଶକ୍ତି ଗୁଡିକର ହାତ ରହିଛି । ଗୁଇନ୍ଦା ରିପୋର୍ଟରୁ ଜଣାପଡିଛି ଯେ, ଭାରତର ବିଭିନ୍ନ ସହରରେ ସିଏଏକୁ ବିରୋଧ କରି ହିଂସାକାଣ୍ଡ ସୃଷ୍ଟି କରିବା ପାଇଁ ୧୦୦ରୁ ଉର୍ଦ୍ଧ୍ୱ ବିଦେଶୀ ସାମାଜିକ ଗଣମାଧ୍ୟମ ଏକାଉଣ୍ଟ ଗତ ୧୦ଦିନ ଧରି ବିଭିନ୍ନ ଭ୍ରମାତ୍ମକ ଓ ଗୁଜବ ସୃଷ୍ଟିକାରୀ ଭିଡିଓ ଓ ଫଟୋ ଓ ମେସେଜ୍ ପୋଷ୍ଟ କରି ସାଧାରଣ ଜନତାଙ୍କୁ ଉସୁକାଉଥିଲେ । ଗୁଇନ୍ଦା ବିଭାଗ ଏହି ବିଦେଶୀ ସୋସିଆଲ ଏକାଉଣ୍ଟ ଗୁଡିକୁ ବନ୍ଦ କରିଦେଇଛି । ଅନ୍ୟପଟେ ସମ୍ଭାବ୍ୟ ଏନ୍‌ଆର୍‌ସି ନେଇ କେତେକଙ୍କ ମଧ୍ୟରେ ଯେଉଁ ଆଶଙ୍କା ସୃଷ୍ଟି ହୋଇଛି ଏନେଇ ଗୃହ ମନ୍ତ୍ରଣାଳୟ ଆନ୍ଦୋଳନକାରୀଙ୍କ ଠାରୁ ମତାମତ ଗ୍ରହଣ କରିବା ସହ ଏନ୍‌ଆରସିରେ କୌଣସି ଭାରତୀୟ ନାଗରିକ ପ୍ରଭାବିତ ହେବେନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

### ୫ ଟ୍ରିଲିୟନ ...

କଲୁ ଏବଂ ଆମେ ଦେଶକୁ ୫ ଲକ୍ଷ କୋଟି ଡଲାର ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ଦୃଢ଼ ମୂଳଦୁଆ ପ୍ରତିଷ୍ଠା କରିଛୁ । ସେ କହିଥିଲେ, 'ଆମେ ଔପଚାରିକତା ଏବଂ ଆଧୁନିକୀକରଣର ଦୁଇଟି ଦୃଢ଼ ସ୍ତମ୍ଭ ଉପରେ ଭାରତୀୟ ଅର୍ଥବ୍ୟବସ୍ଥା ନିର୍ମାଣ କରୁଛୁ । ଆମେ ଅଧିକରୁ ଅଧିକ କ୍ଷେତ୍ରକୁ ଔପଚାରିକ ଅର୍ଥବ୍ୟବସ୍ଥା ପରିଧି ମଧ୍ୟକୁ ଆଣିବା ଲାଗି ପ୍ରୟାସ କରୁଛୁ । ଏଥିସହିତ ଆମେ ଦେଶର ଅର୍ଥବ୍ୟବସ୍ଥାକୁ ନବୀନତମ ପ୍ରଯୁକ୍ତି ସହ ଯୋଡୁଛୁ, ଯାହାଦ୍ୱାରା ଆମେ ଆଧୁନିକୀକରଣର ଗତିକୁ ଆହୁରି ଦ୍ରୁତ କରିପାରିବୁ । ପ୍ରଧାନମନ୍ତ୍ରୀ କହିଥିଲେ, ଏବେ କୌଣସି କମ୍ପାନୀର ପଞ୍ଜିକରଣରେ ଅନେକ ସପ୍ତାହ ସମୟ ଲାଗିବା ବଦଳରେ ମାତ୍ର କିଛି ଘଂଟା ଲାଗୁଛି । ସ୍ୱୟଂଚାଳିତ ପ୍ରକ୍ରିୟା ଫଳରେ ସୀମାପାର ବାଣିଜ୍ୟ ଖୁବ ଦ୍ରୁତ ଗତିରେ କରିବାରେ ସହାୟତା ମିଳୁଛି । ମୌଳିକ ଢାଂଚାଗତ ସୁବିଧା ପରସ୍ପର ସହ ଯୋଡ଼ି ହେବା ଫଳରେ ବନ୍ଦର ଓ ବିମାନ ବନ୍ଦରରେ ଜାହାଜ ଓ ବିମାନର ଆଗମନ ଓ ପ୍ରସ୍ଥାନରେ ଲାଗୁଥିବା ମୋଟ ସମୟ ନିରନ୍ତର ହ୍ରାସ ପାଉଛି । ଏସବୁ ଏକ ଆଧୁନିକ ଅର୍ଥବ୍ୟବସ୍ଥାର ଉଦାହରଣ ।

### ନାକ୍ ଲାଗି ...

ଯେପରି ସର୍ବଭାରତୀୟ ସ୍ତରରେ ଆଗୁଆ ରହିବ ଏବଂ ସବୁ କଲେଜର ସମାନ ର୍ୟାଙ୍କ୍ ରହିବ ସେଥି ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ସେହିପରି ଭିତ୍ତିଭୂମି, ରେଜଲ୍ଟ, ଅଧ୍ୟାପକ, ଅଧ୍ୟାପିକାଙ୍କ ସଂଖ୍ୟା, ପିଲାଙ୍କ ଲାଗି ସୁବିଧା ସୁଯୋଗ ଆଦି ସମସ୍ତ ବ୍ୟବସ୍ଥାକୁ ଅନୁଧ୍ୟାନ କରି ଡିଗ୍ରୀ କଲେଜଗୁଡିକୁ ଏକ ତାଲିକାଭୁକ୍ତ କରିବା ଲାଗି ନିଷ୍ପତ୍ତି ହୋଇଛି । ଏହାବ୍ୟତୀତ ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଉଥିବା ବେଳେ କେଉଁ ସବୁ ଡିଗ୍ରୀ କଲେଜଗୁଡ଼ିକର ନିଜସ୍ୱ ଛାତ୍ରାବାସ ରହିଛି ଏବଂ କେତେ ଛାତ୍ରଛାତ୍ରୀ ରହୁଛନ୍ତି ତାହାର ଯାଞ୍ଚ ମଧ୍ୟ ଆସନ୍ତା ଶେଷ ସପ୍ତାହରୁ ଆରମ୍ଭ ହେବ । ତେବେ ନାକ୍ ଲାଗି ସବୁ କଲେଜକୁ ପ୍ରସ୍ତୁତ କରିବା ଲାଗି ପ୍ରକ୍ରିୟା ଜାନୁଆରୀ ପ୍ରଥମ ସପ୍ତାହରୁ ଆରମ୍ଭ ହେବ । ଉଚ୍ଚଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଅନଲାଇନ୍ ବ୍ୟବସ୍ଥା ଆରମ୍ଭ ହେବା ପରେ ରାଜ୍ୟର ସବୁ ଅଞ୍ଚଳର ପିଲାମାନେ ରାଜଧାନୀ ଏବଂ କଟକରେ ଥିବା ପ୍ରତିଷ୍ଠିତ କଲେଜରେ ନାମଲେଖାଇବାକୁ ଅଧିକ ପସନ୍ଦ କରୁଛନ୍ତି । ଯଦି ରାଜ୍ୟର ସବୁ କଲେଜକୁ ସମାନ ଭାବେ ପ୍ରସ୍ତୁତ କରାଯାଏ ତେବେ ରାଜ୍ୟର କୌଣସି କଲେଜ ମଧ୍ୟରେ ବ୍ୟବଧାନ ରହିବ ନାହିଁ । ନାକ୍ ପାଇବା ପରେ କଲେଜର ମାନ ବୃଦ୍ଧି ହେବା ସହ ପିଲାଙ୍କ ଚାହିଦା ମଧ୍ୟ ବଢ଼ିବ । ତେଣୁ ସବୁ କଲେଜର ଯାଞ୍ଚ କରାଯିବା ପରେ ୬୦ ପ୍ରତିଶତ ଭିତ୍ତିଭୂମି ଥିବା କଲେଜଗୁଡ଼ିକର ବିକାଶ ଲାଗି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅନୁଦାନ ମଧ୍ୟ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୨୯୦ କଲେଜକୁ ପ୍ରାୟ ୧୪କୋଟି ୫୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯିବ ।

### ଅବହେଳା ...

ଖଣିଜ ଦ୍ରବ୍ୟର ଆବଶ୍ୟକତାକୁ ପୂରଣ କରିବା ପାଇଁ କେତେଗୁଡ଼ିଏ ପଦକ୍ଷେପ ନେବାକୁ ସ୍ଥିର କରିଛନ୍ତି । ବିଶେଷ କରି ରାଜ୍ୟରେ ଚାଲିଥିବା ନୂଆ ଖଣିଜ ଦ୍ରବ୍ୟ ସନ୍ଧାନ କାର୍ଯ୍ୟରେ ଜିଲ୍ଲା ସ୍ତରରେ ଜିଲ୍ଲାପାଳମାନେ ପ୍ରତ୍ୟକ୍ଷ ପରିଚାଳନା କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଖୋର୍ଦ୍ଧା, ଯାଜପୁର, ବାଲେଶ୍ୱର, ଗଞ୍ଜାମ, କଟକ, ବଲାଙ୍ଗିର ଓ ସୁନ୍ଦରଗଡ଼ ପରି ଲଘୁ ଖଣିଜ ଦ୍ରବ୍ୟ ସମୃଦ୍ଧି ଜିଲ୍ଲାରେ ଖଣିଜ ଦ୍ରବ୍ୟର ରକ୍ଷଣାବେକ୍ଷଣର ଦାୟିତ୍ୱ ଉପ ଜିଲ୍ଲାପାଳମାନଙ୍କ ଅଧୀନରେ ରଖାଯାଇଛି । ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ଦୃଷ୍ଟିରୁ ସମ୍ବେଦନଶୀଳ ୧୪୪ ଗୋଟି ତହସିଲରେ ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ ଏନଫୋର୍ସମେଣ୍ଟ ସେଲ୍ ଗଠନ କରାଯାଇଛି । ଆସନ୍ତା ଜାନୁଆରୀ ମାସରେ ହେବାକୁ ଥିବା ସମୀକ୍ଷା ବୈଠକ ପୂର୍ବରୁ ଯଦି କୌଣସି ଅଧିକାରୀ ନୂଆ ଖଣିଜ ସମ୍ପଦ ସନ୍ଧାନ ସହ ତାକୁ କାର୍ଯ୍ୟକ୍ଷମ କରିବାରେ ବିଫଳ ହେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ । ସେହିପରି ଲଘୁ ଖଣିଜ ସମ୍ପନ୍ନ ଖଣିଗୁଡ଼ିକର ଲିଜ୍ ଅବଧ ବଢାଇବା ପାଇଁ ମଧ୍ୟ ସରକାର ବିଚାର କରୁଥିବା ଜଣାପଡିଛି ।

### ପ୍ରତିଷ୍ଠା ହେବ ...


ମୋବାଇଲ, ବେଲ୍ଟ, ବ୍ୟାଗ୍ ରଖିବା ପାଇଁ ସ୍ଥାୟୀ ରଖିବା ସ୍ଥାନ ନିର୍ମିତ ହେବ । ଗୋଡ ଧୋଇବା ପାଇଁ ସୁବିଧା ଓ ଥଣ୍ଡା ପାନୀୟଜଳ ଭକ୍ତମାନଙ୍କୁ ଯୋଗାଇ ଦିଆଯିବ । ଧାଡି ଦର୍ଶନ ବ୍ୟବସ୍ଥାକୁ ସୁରୁଖୁରୁରେ ଚଳାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଶ୍ରୀମନ୍ଦିର ଚାରିପଟ ସୁରକ୍ଷା ଜୋନ୍‌ରେ ସୌନ୍ଦର୍ଯ୍ୟକରଣ ପାଇଁ ସ୍ୱତନ୍ତ୍ର ଆର୍ଚିଟେକ୍ ନିଯୁକ୍ତ କରାଯାଇ ଡିଜାଇନ୍ ପ୍ରସ୍ତୁତ କରାଯିବ । ଭକ୍ତମାନଙ୍କ ରହଣୀ ପାଇଁ ସହର ଭିତରେ ଓ ସହରର ତଳି ଅଂଚଳରେ ୬ଟି ଭକ୍ତ ନିବାସ ନିର୍ମାଣ କରାଯିବ । ପ୍ରତି ଭକ୍ତ ନିବାସରେ ହଜାରେ କୋଠରୀ ନିର୍ମାଣ କରାଯିବ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀକ୍ଷେତ୍ରରେ ୬୦ ହଜାର ଭକ୍ତଙ୍କ ରହଣି ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯିବାକୁ ବୈଠକରେ ନିଷ୍ପତି ହୋଇଥିଲା । ସେହିପରି ରୋଷଘର ଓ ଆନନ୍ଦବଜାର ଉନ୍ନତିକରଣ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଛି । ରୋଷଘରର କିଛି ସ୍ଥାନରେ ପାଣି ଗଳୁଛି । ତାହାକୁ ମରାମତି କରିବା ପାଇଁ ଏଏସଆଇକୁ ଜଣାଇ ଦିଆଯିବ । ପରିଚାଳନା କମିଟି ସେବାୟତମାନଙ୍କ ପାଇଁ ପରିଚୟପତ୍ର ପ୍ରଦାନ କରିବ । ଆନନ୍ଦ ବଜାରରେ ମହାପ୍ରସାଦ ଦର ତାଲିକା ଟଙ୍ଗା ଯିବ । ବ୍ୟାଙ୍କରେ ଥିବା ଶ୍ରୀମନ୍ଦିରର ସୁନା ଓ ରୂପାରୁ ମିଳୁଥିବା ସୁଧରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବ । ସୁନା ଉପରେ ୩ ପ୍ରତିଶତ ସୁଧ ମିଳୁଛି । ଶ୍ରୀମନ୍ଦିର ପ୍ରଶାସନର ୩୬ହଜାର ଏକରର ଜମିପଟା ରହିଛି । ୬୦ ହଜାର ଏକର ଜମିର ପଟ୍ଟା ସଂଗ୍ରହ କରାଯାଉଛି । ଶ୍ରୀମନ୍ଦିରର ସମସ୍ତ ଜମିଜମାକୁ ଲ୍ୟାଣ୍ଡ ସବକମିଟି ଜରିଆରେ ରେକର୍ଡଭୁକ୍ତ କରାଯିବ । ଶ୍ରୀମନ୍ଦିର ସଂସ୍କାର ପାଇଁ ଅନେକଗୁଡିଏ ଯୋଜନା କାର୍ଯ୍ୟ ଚାଲୁରହିଛି । ଚୂଡ଼ାନ୍ତ ତାଲିକା ଜାନୁଆରୀ ମାସରେ ପ୍ରକାଶ କରାଯିବ । ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନଙ୍କ ଗାଡି ପାର୍କିଂ ପାଇଁ ଶ୍ରୀଜଗନ୍ନାଥ ବଲ୍ଲଭ ଓ ପୁରୁଣା ଜେଲରେ ବ୍ୟବସ୍ଥା କରାଯାଇଛି । ଏ ସଂପର୍କରେ ମାନ୍ୟବର କୋର୍ଟଙ୍କୁ ଜଣାଇ ଦିଆଯିବ । ଶ୍ରୀମନ୍ଦିରରୁ ବାହରୁଥିବା ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଶ୍ରୀମନ୍ଦିର ଚାରିପଟେ ସୁରକ୍ଷା ଜୋନ୍ ପାଇଁ ଉଚ୍ଛେଦ ହେଉଥିବା ମଠ ସମ୍ପତି ଗୁଡିକ ଶ୍ରୀଜଗନ୍ନାଥଙ୍କର । ଏହାସହ ଘରୋଇ ଜମିଗୁଡିକ ଦଖଲ କରାଯିବା ପରେ ସେଗୁଡିକ ଶ୍ରୀମନ୍ଦିର ନାମରେ ରେକର୍ଡଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କୁ ଓ କୋର୍ଟକୁ ଜଣାଇ ଦିଆଯିବ । ଶ୍ରୀଜଗନ୍ନାଥ ମନ୍ଦିରର ସୁରକ୍ଷା ପାଇଁ ଏହି ଜମି ଅଧିଗ୍ରହଣ ହେଉଥିବାରୁ ଏହାର ରେକର୍ଡ ଶ୍ରୀଜଗନ୍ନାଥଙ୍କ ନାମରେ ରହିବା ଉଚିତ୍ ବୋଲି ମୁଖ୍ୟପ୍ରଶାସକ କହିଥିଲେ । ଏହାସହ ମନ୍ଦିର ଭିତରେ ଓ ବାହାରେ ଭକ୍ତମାନଙ୍କ ସୁବିଧା ପାଇଁ ଅନେକ ବ୍ୟବସ୍ଥା କରାଯାଉଛି । ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରି ଫେରିବେ ସେ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଶ୍ରୀମନ୍ଦିର କାର୍ଯ୍ୟକାରୀ ସଭାପତି ସୁରେଶ ମହାପାତ୍ର, ଜିଲ୍ଲାପାଳ ବଳବନ୍ତ ସିଂ, ଏସପି ଡା. ଉମାଶଙ୍କର ଦାଶ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

### ଫେରିଯିବ ...

କମିବାରେ ଲାଗିଛି । ଏପରି ଅବସ୍ଥାରେ ସୁନ୍ଦରୀକୁ ସ୍ଥାନାନ୍ତର କରିବା ଅବସମ୍ଭାବୀ ହୋଇପଡ଼ିଥିବା ଏଟିସିଏ ଚିଠିରେ ଉଲ୍ଲେଖ କରିଛି । ଫଳରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ମଧ୍ୟ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଭାଗ୍ୟ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଗଲା ଭଳି ମନେ ହେଉଛି । କୌଣସି ନା କୌଣସି ବାଟ ବାହାର କରିକବାକୁ ବନ ବିଭାଗ ଓ ଏନ୍‌ଟିସିଏ ବିଗତ ଦିନରେ ବାରମ୍ବାର ଉଦ୍ୟମ ଜାରି ରଖିଥିଲେ । ଗତ ୨୦୧୮ ଜୁଲାଇ ୧୫ ତାରିଖରେ ଭୁବନେଶ୍ୱର ଅରଣ୍ୟ ଭବନରେ ଏକ ଉଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଏନ.ଟି.ସି.ଏ. ର ସଦସ୍ୟ ସଚିବ ଅନୁପ ନାୟକ ଓ ପିସିସିଏଫ୍ ବନ୍ୟପ୍ରାଣୀ ଅଜୟ ମହାପାତ୍ରଙ୍କ ସମେତ ବହୁ ଉଚ୍ଚ ଅଧିକାରୀ ଉପସ୍ଥିତ ଥିଲେ । ବ୍ୟାଘ୍ର ପ୍ରକଳ୍ପର ଭବିଷ୍ୟତ ଓ ସୁନ୍ଦରୀର ଅବସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏକବର୍ଷ ମଧ୍ୟରେ ସୁନ୍ଦରୀର ଚଳପ୍ରଚଳକୁ ସ୍ୱାଭାବିକ କରିବାକୁ ବିଭିନ୍ନ ପଦକ୍ଷେପ ନେବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ହେଲେ ସୁନ୍ଦରୀ ଫେରିଯିବା ନିଷ୍ପତ୍ତି ପରେ ଏତେ ସବୁ ଯୋଜନା ବିଫଳ ହୋଇଥିବା ଜଣାପଡ଼ିଛି । ବ୍ୟାଘ୍ର ପ୍ରକଳ୍ପ ପାଇଁ ରାଇଗୁଡ଼ା ଗାଁ ସ୍ଥାନାନ୍ତର ହେଲା । ଏବେ ଆଉ ୩ଟି ଗାଁ ସ୍ଥାନାନ୍ତର ପାଇଁ ଯୋଜନା ଚାଲିଛି । କୋଟି କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ତେବେ ବନ ବିଭାଗ ଏହି ପ୍ରକଳ୍ପରେ ସ୍ଥାନୀୟ ଲୋକଙ୍କୁ ସାମିଲ ନକରିବା ଏବଂ ସଠିକ୍ ପରିଚାଳନା ନକରିବା କାରଣରୁ ବିଫଳ ହେଲା ବୋଲି ପରିବେଶପ୍ରେମୀ ଅଭିଯୋଗ କରିଛନ୍ତି ।

# ବେଲୁର ମଠ ଓ ଶ୍ରୀ ରାମକୃଷ୍ଣ

ସନାତନ ଧର୍ମର ଅର୍ଥ ସମସ୍ତଙ୍କୁ ଧାରଣ କରିବା। ହିନ୍ଦୁଧର୍ମର ସମସ୍ତ ପୁରାଣରେ କୁହାଯାଇଛି ଯେ ଏକ ବ୍ରହ୍ମଙ୍କ ଠାରୁ ସମସ୍ତ ବସ୍ତୁ ଉତ୍ପନ୍ନ।




ଭାରତୀୟ ସଂସ୍କୃତିର ମହାନ ସନ୍ଥମାନେ ଶିକ୍ଷା ଦିଅନ୍ତି ଯେ, ମନୁଷ୍ୟ ହିଁ ବ୍ରହ୍ମଙ୍କ ଅଂଶବିଶେଷ ଓ ତା ଭିତରେ ଦୈବୀଶକ୍ତି ସୁପ୍ତ ଅବସ୍ଥାରେ ବିରାଜମାନ। ସେହି ଦିବ୍ୟଚେତନାକୁ ଜାଗ୍ରତ କରାଇବା ଓ ଉପଲବ୍ଧି କରିବା ପ୍ରତ୍ୟେକ ମନୁଷ୍ୟର ପରମ ଲକ୍ଷ୍ୟ ହେବା ଆବଶ୍ୟକ। ସେଥିପାଇଁ ମନୁଷ୍ୟ ନିଜର ଅନ୍ତଃ ଓ ବାହ୍ୟ ଆଚରଣକୁ ଶୁଦ୍ଧ କରିବା ଏବଂ ଇନ୍ଦ୍ରିୟ ମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଆୟତ କରିବା ବାଞ୍ଛନୀୟ। ସବୁଧର୍ମରେ ଈଶ୍ୱର ଏକ ଓ ସେ ସର୍ବଶକ୍ତିମାନ, ସର୍ବଜ୍ଞାତା ଓ ସର୍ବତ୍ର ବିଦ୍ୟମାନ ବୋଲି ଗ୍ରହଣ କରାଯାଏ। ସେହି ଈଶ୍ୱରୀୟ ସତ୍ତା ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ପଦାର୍ଥ ଓ ଜୀବ ମଧ୍ୟରେ ବିରାଜମାନ। ଏହାକୁ ପ୍ରାଚୀନ ଭାରତର ମୁନି, ଋଷି, ତପସ୍ୱୀ ଓ ମହାନ ଅବତାର ପୁରୁଷମାନେ ଉପଲବ୍ଧି କରିପାରୁଥିଲେ ଓ ସ୍ୱଚକ୍ଷୁରେ ସେହି ପରମସତ୍ତାଙ୍କୁ ଦର୍ଶନ କରିବାକୁ ସକ୍ଷମ ହେଉଥିଲେ। ରାମକୃଷ୍ଣଙ୍କର ସ୍ଥାପନା ଓ ପଞ୍ଜିକରଣ ୧୯୦୧ ମସିହାରେ ଓ ରାମକୃଷ୍ଣ ମିଶନର ପଞ୍ଜିକରଣ ୧୯୦୯ ମସିହାରେ ହୋଇଥିଲେ ମଧ୍ୟ ଏହାର ବାରବର୍ଷ ପୂର୍ବରୁ ୧୮୯୭ ମସିହା ମେ ମାସ ୧ ତାରିଖରେ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ଏହି ମିଶନ ଆରମ୍ଭ ହୋଇଥିଲା। ମଠର ସଦସ୍ୟମାନେ ଆଧ୍ୟାତ୍ମିକ ସାଧନା, ଧର୍ମ ପ୍ରଚାର ଓ ସଂଘୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଥିବା ବେଳେ ମିଶନ ସଦସ୍ୟମାନେ ସମାଜର ଉନ୍ନତି ଯଥା ଶିକ୍ଷା, ବିଦ୍ୟାଳୟ ପରିଚାଳନା, ସ୍ୱାସ୍ଥ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ଲୋକହିତକର କାମକୁ ଅଧିକ ଗୁରୁତ୍ୱ ପ୍ରଦାନ କରନ୍ତି। ଦୀର୍ଘ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏହି ସଂଘ କ୍ରମାଗତ ଭାବରେ ରାଜନୀତି ଓ ପଦପଦବୀର ଊର୍ଦ୍ଧ୍ୱରେ ରହି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଜନସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଅଛି। ମାନବ ଦେହରେ ସେହି ଦିବ୍ୟ ସତ୍ତାକୁ ଅନୁଭବ କରି ଉଭୟ ଅନୁଷ୍ଠାନର ଲକ୍ଷ୍ୟ 'ଆତ୍ମାନୋ ମୋକ୍ଷାର୍ଥଂ ଜଗତ ହିତାୟଚ' ଓ 'ଈଶ୍ୱର ଏକ' ବୋଲି ହୃଦୟଙ୍ଗମ କରି ସେବାକାର୍ଯ୍ୟ କରିବା ଏହି ଅନୁଷ୍ଠାନ ଶିକ୍ଷା ଦିଏ।

ରାମକୃଷ୍ଣ ମଠର ମୁଖ୍ୟ କାର୍ଯ୍ୟାଳୟ ପଶ୍ଚିମବଙ୍ଗର ହାୱଡ଼ା ଜିଲ୍ଲାର ବେଲୁରମଠରେ ଅବସ୍ଥିତ। ଗଙ୍ଗାନଦୀର ପଶ୍ଚିମତଟରେ ୪୦ ଏକର ପରିମିତ ଜମି ଉପରେ ଏହା ବେଲୁର ମଠ ନାମରେ ପ୍ରତିଷ୍ଠା ଲାଭ କରିଛି। ହାୱଡ଼ା ରେଲଷ୍ଟେସନରୁ ମାତ୍ର ୪କି.ମି. ଦୂରରେ ଅବସ୍ଥିତ ବେଲୁର ମଠକୁ ଟ୍ୟାକ୍ସି, ବସ କିମ୍ବା ଅଟୋ ସାହାଯ୍ୟରେ ଆସିବା ପାଇଁ ମାତ୍ର ୩୦ ମିନିଟ ସମୟ ଲାଗେ। ସାରା ବିଶ୍ୱରୁ ଲୋକମାନେ ଏହି ପବିତ୍ର କ୍ଷେତ୍ରକୁ ଶାନ୍ତି ଓ ଆନନ୍ଦ ଲାଭ କରିବା ପାଇଁ ଆଗମନ କରନ୍ତି। ଏହାଛଡ଼ା ଏଠାକାର ଆଧ୍ୟାତ୍ମିକ ପରିବେଶ, ଶାନ୍ତ ସୁନ୍ଦର ବାତାବରଣ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଅନେକ ପର୍ଯ୍ୟଟକ ଏଠାକୁ ଆସି ପରିଶେଷରେ ଆନନ୍ଦ ହିଁ ଆନନ୍ଦ ନେଇ ପ୍ରତ୍ୟାବର୍ତ୍ତନ କରନ୍ତି। ଅନୁଭବ ଓ ଅନୁଭୂତି ବର୍ଣ୍ଣନା କରିବା ଏକ କଷ୍ଟସାଧ୍ୟ ବ୍ୟାପାର। ଏହା



ସମ୍ପୂର୍ଣ୍ଣ ନିଜସ୍ୱ କଥାରେ ଅଛି ଯିଏ ରସଗୋଲା ଖାଇଛି ସେ ତାର ସ୍ୱାଦ ଜାଣିଛି। ବହୁତ ଦିନରୁ ବେଲୁର ମଠ ଓ ମା'ଦକ୍ଷିଣେଶ୍ୱରୀ କାଳୀଙ୍କୁ ଦର୍ଶନ କରିବାର ଅଭିଳାଷ ଥିଲା। ପରିଶେଷରେ ମା'କାଳୀଙ୍କ ଡାକରାରେ ସ୍ୱାମୀ କୁଞ୍ଜବିହାରୀ ଜେନାଙ୍କ ସହିତ ଯାତ୍ରା କରିବାର ସୁଯୋଗ ମିଳିଲା। ଆମେ କଟକରୁ ହାୱଡ଼ା ଯାତ୍ରା କରି ପୂର୍ବ ନିର୍ଦ୍ଧାରିତ ହୋଟେଲରେ ଅବସ୍ଥାନ କଲୁ। ତାପରଦିନ ସକାଳୁ ମା' ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ଦର୍ଶନ କରିବାକୁ ଏକ ଟ୍ୟାକ୍ସି ଯୋଗେ ଯାତ୍ରାକଲୁ। ଏହା ହାୱଡ଼ା ରେଳ ଜଙ୍କସନ ଠାରୁ ୧୨ କିମି. ଦୂରରେ ଉତ୍ତର ୨୪ ପ୍ରଗଣା ଜିଲ୍ଲାରେ ଦକ୍ଷିଣେଶ୍ୱର ଠାରେ ହୁଗୁଳି ନଦୀ ତୀରରେ ଅବସ୍ଥିତ। ବେଲୁର ମଠର ମୁଖ୍ୟ ମନ୍ଦିରର ଗଠନ ପ୍ରଣାଳୀ ହିନ୍ଦୁ, ଖ୍ରୀଷ୍ଟିଆନ, ଇସଲାମ ଓ ବୌଦ୍ଧ ଧର୍ମର ମିଶ୍ରିତ କଳାଭାସ୍କର୍ଯ୍ୟ ବହନ କରେ। ଶ୍ରୀରାମକୃଷ୍ଣଙ୍କର ପ୍ରଧାନ ଭକ୍ତ ସ୍ୱାମୀ ବିବେକାନନ୍ଦ ଗୁରୁଜୀଙ୍କ ପାଇଁ ଏହି ମନ୍ଦିରର ପରିକଳ୍ପନା ଓ ସ୍ଥାପନା କରିଥିଲେ। ୧୮୯୭ ମସିହାରେ କଲମ୍ବୋରୁ ପ୍ରତ୍ୟାବର୍ତ୍ତନ କରି ଅଳ୍ପ କିଛି ଭକ୍ତମାନଙ୍କ ସହ ଆଲୋଚନା କରି ଏହାର ଶୁଭାରମ୍ଭ କରିଥିଲେ। ଉଦ୍ଦେଶ୍ୟ ଥିଲା ଯୁବଗୋଷ୍ଠୀଙ୍କୁ ଏଠାରେ ତାଲିମ ପ୍ରଦାନ କରିବା ଓ ଏହି ଯୁବ ସନ୍ନ୍ୟାସୀ ମାନଙ୍କୁ ରାମକୃଷ୍ଣ ମିଶନର ପ୍ରଚାର କାର୍ଯ୍ୟରେ ବିନିଯୋଗ କରିବା। ମନ୍ଦିରର ନିର୍ମାଣ ଶୈଳୀ ଏପରି ହୋଇଛି ଯେ, ଏଥିରେ ଭାରତର ସବୁଧର୍ମର ଏକତ୍ରୀକରଣ ଅନୁଭବ କରିହେବ। ଏହାର ବିଭିନ୍ନ ଦିଗରୁ ଲକ୍ଷ୍ୟ କଲେ ଏହା ଏକ ମନ୍ଦିର, ଚର୍ଚ୍ଚ, ମସଜିଦ୍ ପରି ପ୍ରତୀୟମାନ ହୁଏ। ମନ୍ଦିରର ମୁଖ୍ୟଦ୍ୱାରର ଗଠନ ବୌଦ୍ଧଧର୍ମର କଳାକୃତିର ସୂଚନା ଦିଏ। ଏହା ବିହାରର ସାଞ୍ଚି ସ୍ତୁପ ଓ ଅଜନ୍ତା ଗୁମ୍ଫାର ପ୍ରବେଶ ଦ୍ୱାର ଗଠନ ପ୍ରଣାଳୀରେ ନିର୍ମିତ। ଏହାର ଗବାକ୍ଷମାନ ରାଜପୁତ ଓ ବାଲକେନି ସବୁ ମୋଗଲ ଡିଜାଇନରେ ଅତି ସୁନ୍ଦର ଭାବରେ ନିର୍ମାଣ କରାଯାଇଛି। ମନ୍ଦିରର ମୁଖ୍ୟ ଗମ୍ବୁଜ ୟୁରୋପୀୟ ଶୈଳୀରେ ଗଠିତ। ତଳ ମହଲାରେ ସ୍ଥାନେ ସ୍ଥାନେ ଖ୍ରୀଷ୍ଟିୟାନ ଧର୍ମର କ୍ରସମାନ ଦେଖିବାକୁ ମିଳେ। ଏହି ମନ୍ଦିର ଚୁନପଥରରେ ନିର୍ମିତ। ଏହାର ଉଚ୍ଚତା ୧୧୨.୫ ଫୁଟ। ପ୍ରବେଶ ପଥରେ ଜ୍ଞାନର ପ୍ରତୀକ ସିଦ୍ଧିଦାତା ଶ୍ରୀ ଗଣେଶ ଏବଂ ସାହାସ ଓ ଶକ୍ତିର ପ୍ରତୀକ ହନୁମାନ ଦୁଇ ପିଲାରର ଉପରିଭାଗରେ ବିରାଜମାନ କରିଛନ୍ତି। ବେଲୁରମଠ ପରିସରରେ ଶ୍ରୀରାମକୃଷ୍ଣ, ମା ଶାରଦା ଦେବୀ ଓ ସ୍ୱାମୀ ବିବେକାନନ୍ଦଙ୍କର



ମନ୍ଦିର ଅବସ୍ଥିତ। ସମଗ୍ର ପୃଥିବୀର ରାମକୃଷ୍ଣ ମଠ ଓ ରାମକୃଷ୍ଣ ମିଶନର କେନ୍ଦ୍ରୀୟ କାର୍ଯ୍ୟାଳୟ ଏହି ଠାରେ ଅବସ୍ଥିତ। ପର୍ଯ୍ୟଟକ ମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହେଲା ବେଲୁରମଠରେ ପ୍ରତିଷ୍ଠିତ ଏକ ବିରାଟ ସଂଗ୍ରହାଳୟ। ଏଠାରେ ଶ୍ରୀ ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦଙ୍କର ଅନେକ ବିରଳ ପୁସ୍ତକ, ବ୍ୟବହାର୍ଯ୍ୟ ସାମଗ୍ରୀ, ଫଟୋ ଓ ସ୍ମୃତି ସନ୍ତକମାନ ଖୁବ୍ ସୁନ୍ଦର ଭାବରେ ସୁସଜ୍ଜିତ କରି ରଖାଯାଇଛି।



ବେଲୁରମଠସ୍ଥିତ ରାମକୃଷ୍ଣ ମିଶନ ଖାଲି ଆଧ୍ୟାତ୍ମିକ କାର୍ଯ୍ୟରେ ସୀମିତ ନୁହେଁ। ଏହି ମିଶନ ଅଧୀନରେ କାର୍ଯ୍ୟରତ ଶାଖାମାନ ପୃଥିବୀଯାକ ଅନେକ ଲୋକହିତକର କାର୍ଯ୍ୟରେ ନିୟୋଜିତ। ସ୍ୱାସ୍ଥ୍ୟ ସେବା ପାଇଁ ଏହା ଅଧୀନରେ ସମୁଦାୟ ୨୦୬୧ ଶଯ୍ୟା ଥିବା ୧୪ଟି ହସ୍ପିଟାଲ, ୫୭ଟି ଭ୍ରାମ୍ୟମାଣ ଚିକିତ୍ସାଳୟ ଓ ୧୧୬ଟି ମାଗଣା ଚିକିତ୍ସାଳୟ ଓ ମାଗଣା ଔଷଧାଳୟ କାର୍ଯ୍ୟରତ। ଯକ୍ଷ୍ମାରୋଗୀଙ୍କ ଚିକିତ୍ସା ପାଇଁ ରାଞ୍ଚି ଓ ଦିଲ୍ଲୀ ଠାରେ ମିଶନ ତରଫରୁ ଚିକିତ୍ସାଳୟ ସ୍ଥାପନ କରାଯାଇଛି। ସ୍ୱାମୀ ବିବେକାନନ୍ଦ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ତେଣୁ ରାମକୃଷ୍ଣ ମିଶନ ଦେଶର ସର୍ବବିଧ ଉନ୍ନତିକଳ୍ପେ ଭବିଷ୍ୟତ ବଂଶଧର ମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବାରେ ବ୍ରତୀ ହୋଇଥିଲା। ଏଥିପାଇଁ ମିଶନର ସର୍ବମୋଟ ପାଞ୍ଚଟି ଡିଗ୍ରୀ କଲେଜ, ପାଞ୍ଚଟି ଶିକ୍ଷକ ତାଲିମ କେନ୍ଦ୍ର, ଏଗାରଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ୩୪ଟି ମାଧ୍ୟମିକ ବିଦ୍ୟାଳୟ, ୧୩୭ଟି ପ୍ରାଥମିକ ବିଦ୍ୟାଳୟ, ୭ଟି ଶିଳ୍ପଭିତ୍ତିକ ବିଦ୍ୟାଳୟ, ଦୁଇଟି କୃଷିଭିତ୍ତିକ ଶିକ୍ଷାନୁଷ୍ଠାନ, ଦୁଇଟି ଭାଷାଭିତ୍ତିକ ଶିକ୍ଷାନୁଷ୍ଠାନ, ଗୋଟିଏ ସଂସ୍କୃତ ମହାବିଦ୍ୟାଳୟ, ଦୁଇଟି ସଂସ୍କୃତ ବିଦ୍ୟାଳୟ, ଚାରିଗୋଟି ପଲିଟେକ୍‌ନିକ୍ ଓ କମ୍ପ୍ୟୁଟର ସେଣ୍ଟର କାର୍ଯ୍ୟ କରୁଛି। ସର୍ବମୋଟ ୧୨୦୦ ଶିକ୍ଷାନୁଷ୍ଠାନ ମିଶନ ଅଧୀନରେ କାର୍ଯ୍ୟରତ। ଏହାଛଡ଼ା ୯୭ଟି ଛାତ୍ରାବାସ ଓ ଅନାଥାଶ୍ରମରେ ପିଲାମାନେ ମାଗଣା ଶିକ୍ଷା ଓ ରହିବାର ସୁଯୋଗ ପାଆନ୍ତି। ଦୃଷ୍ଟିହୀନ ଛାତ୍ରମାନଙ୍କ ପାଇଁ ମଧ୍ୟ ଏକ ଛାତ୍ରାବାସ କାର୍ଯ୍ୟ କରୁଛି। ଏହାଛଡ଼ା ଶ୍ରୀରାମକୃଷ୍ଣଙ୍କ ଜନ୍ମ ଦିନ। ମା'ଶାରଦା ଦେବୀଙ୍କ ଜନ୍ମଦିନ ଓ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ମଧ୍ୟ ପାଳନ କରାଯାଏ। ଜନ୍ମାଷ୍ଟମୀ, ବୁଦ୍ଧଜୟନ୍ତୀ, ବଡ଼ଦିନ, ଶ୍ରୀ ଚୈତନ୍ୟ ଜୟନ୍ତୀ (ଫାଲଗୁନ ପୂର୍ଣ୍ଣିମା) ମଧ୍ୟ ଯଥାବିଧି ପାଳନ କରାଯାଏ। ବଡ଼ଦିନ ପାଳନ ଅବସରରେ ଏଠାରେ କାରୋଲ ଗାନ କରାଯାଏ ଓ ଯୀଶୁଙ୍କ ବାଣୀ ପଠନ କରାଯାଏ। ମୋଟ ଉପରେ ସବୁଧର୍ମକୁ ଏଠାରେ ସମାନ ଭାବରେ ସମ୍ମାନ ଓ ଗୁରୁତ୍ୱ ପ୍ରଦାନ କରାଯାଏ। ରାମକୃଷ୍ଣ ଦର୍ଶନ ଧର୍ମ ପରିବର୍ତ୍ତନରେ ବିଶ୍ୱାସ କରେନାହିଁ। ପ୍ରତ୍ୟେକ ନିଜ ନିଜ ଧର୍ମରେ ଆଧ୍ୟାତ୍ମିକ ମାର୍ଗରେ ଗତି କରିବା ଓ ନିଃସ୍ୱାର୍ଥପର ଭାବରେ ଜନସେବା କରିବା ଏହା ଶିକ୍ଷା ଦିଏ। ସବୁଧର୍ମର ଲୋକମାନେ ପରସ୍ପର ମଧ୍ୟରେ ଭେଦାଭେଦ ଭୁଲି ଏକ ଈଶ୍ୱରଙ୍କ ସନ୍ତାନ ଭାବରେ ଭ୍ରାତୃତ୍ୱର ବନ୍ଧନରେ ଆବଦ୍ଧ ହେବା ଉଚିତ। ଯେ କୌଣସି ଧର୍ମର ସଠିକ ମାର୍ଗ ଅନୁସରଣ କଲେ ସେଇ ଏକ ଈଶ୍ୱରଙ୍କ ପାଖରେ ପହଞ୍ଚି ପାରିବେ।


ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ
*ପ୍ଲଟ ନଂ : ୧୦୮୨/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*


**ନାଗରିକତା ସଂଶୋଧନ ଆଇନକୁ ମୁଖ୍ୟମନ୍ତ୍ରୀଙ୍କ ନା' ପ୍ରସଙ୍ଗ**

## ଏନ୍‌ଆରସି ଲାଗୁ ହେଲେ ଓଡ଼ିଶାର କ୍ଷତି କ'ଣ : ବିଜେପି



**ଭୁବନେଶ୍ୱର :** ଭାରତବର୍ଷରେ ଅନେକ ବିଦେଶୀ ରହିଛନ୍ତି। ଭାରତରେ ବାହର ଲୋକ କିଏ ସେମାନଙ୍କୁ ଚିହ୍ନିବାର କୌଣସି ବ୍ୟବସ୍ଥା ନାହିଁ। ରାଷ୍ଟ୍ର ସୁରକ୍ଷା ପାଇଁ କେନ୍ଦ୍ର ସରକାର ଜାତୀୟ ନାଗରିକ ପଞ୍ଜିକାକୁ ଲାଗୁ କରିବା ପାଇଁ ପ୍ରତିବଦ୍ଧ ହୋଇଛନ୍ତି। ଏ ଦେଶର ସଂସଦ ତାକୁ ଗ୍ରହଣ କରିଛି। ଏହା ରାଷ୍ଟ୍ରର ହିତ ଏବଂ ସୁରକ୍ଷା ପାଇଁ ତିଆରି କରାଯାଇଛି। ନାଗରିକ ସଂଶୋଧନ ବିଲକୁ ରାଜ୍ୟସଭା ଓ ଲୋକସଭାରେ ସମର୍ଥନ କରିଥିବା ମୁଖ୍ୟମନ୍ତ୍ରୀ ଏନଆରସିକୁ ଓଡିଶାରେ ଲାଗୁ କରିବେ ନାହିଁ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ କାହିଁକି ଓଡିଶାରେ ଜାତୀୟ ନାଗରିକ ପଞ୍ଜିକାକୁ ଲାଗୁ କରିବେ ନାହିଁ ଏବଂ ଏହା ପଛରେ ତାଙ୍କର ଉଦ୍ଦେଶ୍ୟ କଣ କହିଛି ବୋଲି ବିଜେପିର ବରିଷ୍ଠ ନେତା ଖାରବେଳ ସ୍ୱାଇଁ ପ୍ରଶ୍ନ କରିଛନ୍ତି। ରାଜ୍ୟକାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ଓଡିଶାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁ ବୋଲି ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି କି? ରାଜନୈତିକ ଫାଇଦା ପାଇଁ ମୁଖ୍ୟମନ୍ତ୍ରୀ ଏପରି କହୁଛନ୍ତି କି? ଏନଆରସି ଲାଗୁ ହେଲେ ଓଡିଶାର କଣ କ୍ଷତି ହେବ ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ଦୁନିଆରେ ଏମିତି କୌଣସି ଦେଶ ନାହିଁ ଯାହାର ନାଗରିକ ମାନଙ୍କର ପଞ୍ଜିକା ନାହିଁ। ସବୁ ଦେଶ ତାର ନାଗରିକମାନଙ୍କର ତାଲିକା କରିଛନ୍ତି। ରାଷ୍ଟ୍ର ହିତ ଦୃଷ୍ଟିରୁ ଓଡିଶାରେ ଏନଆରସିକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରନ୍ତୁ। ଓଡିଶାର ମୁଖ୍ୟମନ୍ତ୍ରୀ ଏନଆରସିକୁ ଗ୍ରହଣ କରିବାରେ ଅସୁବିଧା କେଉଁଠି ରହିଛି। ମୁସଲମାନ ମାନେ ଅସନ୍ତୁଷ୍ଟ ହେବା ଭାବି ମୁଖ୍ୟମନ୍ତ୍ରୀ ବୋଧେ ମନା କରୁଛନ୍ତି। ଏନଆରସିକୁ ଲାଗୁ କଲେ ଭାରତର ମୁସଲମାନଙ୍କ ଉପରେ କୌଣସି ପ୍ରଭାବ ପଡିବ ନାହିଁ। ମୁସଲମାନମାନେ ଆତଙ୍କିତ ହେବାରେ କୌଣସି କାରଣ ନାହିଁ। ଭାରତର ନାଗରିକ କିଏ ତାହା ସ୍ପଷ୍ଟ ଭାବେ ଚିହ୍ନଟ ହେବା ନିହାତି ଦରକାର। ଭାରତବର୍ଷର ବିଭାଜନ କୌଣସି ରାଜନୀତି କାରଣରୁ ହୋଇନାହିଁ। ଏହା କେବଳ ଧର୍ମକୁ ନେଇ ବିଭାଜନ ହୋଇଥିଲା ଏବଂ ୧୯୪୭ ମସିହା ପରେ ଭାରତରୁ ଅଲଗା ହୋଇଥିବା ରାଷ୍ଟ୍ର ଗୁଡିକ ବିଭିନ୍ନ ସମୟରେ ଶରଣାର୍ଥୀ ଭାବେ ଭାରତରେ ପ୍ରବେଶ କରିଛନ୍ତି। ୧୯୫୧ ମସିହାରେ ଭାରତରେ ନାଗରିକ ପଂଜିକା ସଂଶୋଧନ ହେଲା ନାହିଁ। ଭାରତର ନାଗରିକ କିଏ ଏ ପ୍ରଶ୍ନର ଉତର କେହି ବି ଦେଇପାରିବେ ନାହିଁ। ଭାରତର କୈଣସି ଜାତୀୟ ପରିଚୟ ପତ୍ର ନାହିଁ। ଭାରତର ନାଗରିକ କିଏ ଏହି ଚିହ୍ନଟ କରିବା ଏକ କାଠିକାର ପାଠ। ଯଦି ଭାରତର ନାଗରିକ କେଉଁମାନେ ସେମାନଙ୍କୁ ଯଦି ଚିହ୍ନଟ କରାଯିବ ନାହିଁ ତେବେ କେନ୍ଦ୍ରସରକାର ଏବଂ ରାଜ୍ୟସରକାର କରିଥିବା ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା ପାଇବାକୁ ହକଦାର କିଏ ବୋଲି ଶ୍ରୀ ସ୍ୱାଇଁ ପ୍ରଶ୍ନ କରିଛନ୍ତି।

## ବିଜୟ ମିଶ୍ରଙ୍କୁ 'ଜୟଦେବ ପୁରସ୍କାର'

**ଭୁବନେଶ୍ୱର :** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୩୦ତମ ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ, ୨୦୧୮ ସ୍ଥାନୀୟ ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିବାବେଳେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଆଗାମୀ ଭବିଷ୍ୟତରେ ଓଡ଼ିଶାକୁ ଫିଲ୍ମ ଟୁରିଜିମ୍ ଡେଷ୍ଟିନେସନ୍‌ରେ ପରିଣତ କରାଯିବା ନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ। ଏହାସହିତ ସଂସ୍କୃତି ବିଭାଗର ସଂସ୍କୃତି ଉପଦେଷ୍ଟା ଜନ୍ମେଜୟ ଲେଙ୍କା, ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ବିଜୟ କୁମାର ଜେନା, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡଃ ରାମକୃଷ୍ଣ ସାହୁ, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶିକା ସଂଘମିତ୍ରା ଶତପଥି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ନାଟ୍ୟକାର ଡ. ବିଜୟ ମିଶ୍ରଙ୍କୁ ଏହି ଉତ୍ସବରେ ମର୍ଯ୍ୟାଦାଜନକ ଜୟଦେବ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ମିଶ୍ରଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ମୋତେ ନିଶ୍ଚିତଭାବେ କିଛି ନୂଆ ଓ ଭିନ୍ନଧରଣର କାହାଣୀ ଲେଖିବା ପାଇଁ ପ୍ରେରଣା ଯୋଗାଇବ। ସବୁ ପୁରସ୍କାରର ଉପଯୋଗିତା ରହିଛି ଏବଂ ମୁଁ ଅତ୍ୟନ୍ତ ଭାଗ୍ୟଶାଳୀ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ଶ୍ରେଷ୍ଠ ଚଳଚ୍ଚିତ୍ର ବିବେଚିତ 'ଭିଜା ମାଟିର ସ୍ୱର୍ଗ' ପାଇଁ ଏହାର ପ୍ରଯୋଜକ ଅକ୍ଷୟ କୁମାର ପରିଜାଙ୍କୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ' ପୁରସ୍କାର ପ୍ରଦାନ କରାଯାଇଛି। ଏଥିପାଇଁ ଶ୍ରୀ ପରିଜାଙ୍କୁ ୫୦ହଜାର



ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ମୋତେ ଓଡ଼ିଆରେ ଅଧିକରୁ ଅଧିକ ନୂଆ ଓ ଗବେଷଣାତ୍ମକ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରେରଣା ଯୋଗାଇବ। ମୁଁ ଜାଣିଛି ମୋତେ ଦର୍ଶକଙ୍କ ସହଯୋଗ ଏମିତି ମିଳୁଥିବ ବୋଲି ଶ୍ରୀ ପରିଜା କହିଥିଲେ। ସେହିପରି 'ଭିଜା ମାଟିର ସ୍ୱର୍ଗ'ର ନିର୍ଦ୍ଦେଶକ ମନମୋହନ ମହାପାତ୍ରଙ୍କୁ 'ଶ୍ରେଷ୍ଠ ନିର୍ଦ୍ଦେଶକ', ମିହିର ଦାସଙ୍କୁ 'ଶ୍ରେଷ୍ଠ ଅଭିନେତା', ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କୁ 'ଚମ୍ପିଆନ୍' ଚଳଚ୍ଚିତ୍ର ପାଇଁ 'ଶ୍ରେଷ୍ଠ ଅଭିନେତ୍ରୀ'ଭାବେ ପୁରସ୍କୃତ କରାଯାଇଛି। 'ଓଲେ ଓଲେ ଦିଲ୍ ବୋଲେ'ର ଡି. ନିରଞ୍ଜନ ରେଡ୍ଡିଙ୍କୁ 'ଶ୍ରେଷ୍ଠ ସଂଳାପ ଲେଖକ', 'ଫେରିଆ କମ୍‌ବ୍ୟାକ୍'ର ଶାନ୍ତିରାଜ ଖୋସଲାଙ୍କୁ 'ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ', 'ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ'ଭାବେ କରୁଣାକର ସେଠୀ ଓ ଶ୍ରାବଣ ଅଛି ବରଷା ନାହିଁ ଶୀର୍ଷକ ଗୀତ ପାଇଁ 'ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା'ଭାବେ ଅନ୍ତରା ଚକ୍ରବର୍ତ୍ତୀଙ୍କୁ ପୁରସ୍କୃତ କରାଯାଇଛି। ଏହାସହିତ 'ଭିଜା ମାଟିର ସ୍ୱର୍ଗ' ଚଳଚ୍ଚିତ୍ରର ଦିଲ୍ଲୀପ ରାୟଙ୍କୁ 'ଶ୍ରେଷ୍ଠ ଫଟୋଗ୍ରାଫର', 'ଫେରିଆ କମ୍‌ବ୍ୟାକ୍'ର ଅମରେନ୍ଦ୍ର ମହାପାତ୍ରଙ୍କୁ 'ଶ୍ରେଷ୍ଠ ସମ୍ପାଦନା', ସାଥି ତୁ ଫେରିଆର 'ଶ୍ରାବଣ ଅଛି ବରଷା ନାହିଁ' ଗୀତ ପାଇଁ ବସନ୍ତରାଜ୍ ସାମଲଙ୍କୁ 'ଶ୍ରେଷ୍ଠ ଗୀତିକାର', ଆଶୁତୋଷ ମହାପାତ୍ରଙ୍କୁ 'ଶ୍ରେଷ୍ଠ ଚିତ୍ରନାଟ୍ୟ' ପାଇଁ ସମ୍ମାନିତ କରାଯାଇଥିଲା। 'ଚମ୍ପିଆନ୍'ର ମନୋଜ ମିଶ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା' ଓ 'ଫେରିଆ କମ୍‌ବ୍ୟାକ୍'ର ଶିବାନୀଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ'ଭାବେ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି 'ଶ୍ରେଷ୍ଠ ହାସ୍ୟ ଅଭିନେତା'ଭାବେ 'ଦିୱାନା ହେଲି ତୋ ପାଇଁ'ର ରାକ୍ଷୀ, 'ଶ୍ରେଷ୍ଠ ଶିଶୁକଳାକାର'ଭାବେ ସାର୍ଥକ ହୋତା, 'ଶ୍ରେଷ୍ଠ କଳା ନିର୍ଦ୍ଦେଶକ'ଭାବେ ସଂଗ୍ରାମ ମହାରଣା, 'ଶ୍ରେଷ୍ଠ ସାଉଣ୍ଡ୍ ରେକର୍ଡିଷ୍ଟ'ଭାବେ ନିତ୍ୟଶ୍ରୀ ରଞ୍ଜନ ପୁରସ୍କୃତ ହୋଇଥିଲେ। କାଦମ୍ବିନୀ ମିଡିଆର 'କହେ ବଲ୍ଲଭ' ପ୍ରାମାଣିକ ଚଳଚ୍ଚିତ୍ର ଓ 'ଜୀବନର ଚଲାପଥେ'ର ସୌମ୍ୟକାନ୍ତ ଖଣ୍ଡାଲୀଙ୍କୁ 'ସ୍ୱତନ୍ତ୍ର ଜୁରୀ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଏହାସହିତ 'ଭିନ୍ନ ଭିଟା ମାଟି'ର କଲ୍ୟାଣୀ ମିଶ୍ର ଓ ରଣଜିତ୍ ରଥ ଏବଂ 'ନୀଳ ମହାପାତ୍ର'ଙ୍କୁ 'ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର', 'ଆମାଗେ ଜୁଲି' ପାଇଁ 'ହୋ' ସମାଜ ଫିଲ୍ମ ଏକାଡେମୀକୁ 'ଶ୍ରେଷ୍ଠ ଆଦିବାସୀ ଭାଷାର ଚଳଚ୍ଚିତ୍ର', ନନ୍ଦଲାଲ ମହାପାତ୍ରଙ୍କୁ 'ଶ୍ରେଷ୍ଠ ଡାଏଲଗ୍ ଲେଖକ', ପ୍ରସନ୍ନ ଶତପଥୀଙ୍କୁ 'ଶ୍ରେଷ୍ଠ କଷ୍ଟ୍ୟୁମ୍ ମ୍ୟାନ୍', ସମରେଶ ପାଲଙ୍କୁ 'ଶ୍ରେଷ୍ଠ ମେକ୍‌ଅପ୍ ମ୍ୟାନ୍' ଓ ମୁନା ବାବୁଙ୍କୁ 'ଶ୍ରେଷ୍ଠ କୋରିଓଗ୍ରାଫି'ଭାବେ ପୁରସ୍କୃତ କରାଯାଇଥିଲା। ୨୦୧୮ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଚୟନ ବା ମନୋନୟନ କମିଟିରେ ଥିବା ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବିଶିଷ୍ଟ ସିନେ ଫଟୋଗ୍ରାଫର ଶ୍ରୀନିବାସ ମହାପାତ୍ର, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଜିତ୍ ଦାସ, ବିଶିଷ୍ଟ ସଙ୍ଗୀତଜ୍ଞ ବୃନ୍ଦାବନ ଜେନା, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓମ୍‌ପ୍ରକାଶ ମହାନ୍ତି, ବିଶିଷ୍ଟ ସିନେ ସାମ୍ବାଦିକ ସୂର୍ଯ୍ୟ ଦେଓ ଓ ବିଶିଷ୍ଟ ଡ୍ରାମା କଳାକାର ସୁବୋଧ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।

# ‘ଅହିଂସା’ ଶବ୍ଦ ଦାବି ଦୋହରାଇଲେ ନବୀନ



**ନୂଆଦିଲ୍ଲୀ :** ଅହିଂସା ବିଶ୍ୱକୁ ଭାରତର ସବୁଠାରୁ ଶକ୍ତିଶାଳୀ ବାର୍ତ୍ତା। ଅହିଂସା ହିଁ ଆମ ସ୍ୱାଧୀନତା ସଂଗ୍ରାମକୁ ବିଶ୍ୱର ସବୁ ସଂଗ୍ରାମ ଠାରୁ ନିଆରା କରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଷ୍ଟ୍ରପତି ଭବନଠାରେ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ନିମନ୍ତେ ଗଠିତ ଜାତୀୟ କମିଟିର ଦ୍ୱିତୀୟ ବୈଠକରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅହିଂସା ହିଁ ଶାନ୍ତି, ବିକାଶ ଓ ସାମ୍ୟତାର ମାର୍ଗ। ତେଣୁ ବିକାଶ ଲାଗି ଗାନ୍ଧିଜୀଙ୍କ ଅହିଂସା ମାର୍ଗକୁ ହିଁ ଯୁବସମାଜ ଆପଣାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି। ଯୁବସମାଜ ମଧ୍ୟରେ ଅହିଂସା ଆଦର୍ଶର ବିକାଶ ଆମର ମହାନ ସଂଗ୍ରାମ ଏବଂ ମହାତ୍ମାଙ୍କୁ ଯୁଗ ଯୁଗ ପାଇଁ ପ୍ରେରଣାର ଉତ୍ସ କରି ରଖିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାତ୍ମା ଗାନ୍ଧିଙ୍କ ଅହିଂସା ତତ୍ତ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନୀତି ହେଉଛି ଯେ, ଦାରିଦ୍ର୍ୟ ଓ ସାମାଜିକ ଅବିଚାର ସବୁଠାରୁ ବଡ ହିଂସା। ଗାନ୍ଧିଜୀଙ୍କ ମତରେ ଯେପର୍ଯ୍ୟନ୍ତ ଦାରିଦ୍ର୍ୟ ରହିଥିବ ସ୍ୱାଧୀନତାର ମୂଲ୍ୟ ଅର୍ଥହୀନ। ବିନା ଅହିଂସାରେ ଗରିବୀ ଦୂର କରାଯାଇପାରିବ ନାହିଁ ବୋଲି ମତ ଦେଇ ଜାତି, ଧର୍ମ, ବର୍ଣ୍ଣ ଭିତ୍ତିରେ ସମାଜକୁ ବିଭକ୍ତ କରୁଥିବା ଶକ୍ତିର ପରାଜୟରେ ହିଁ ପ୍ରଗତି ହାସଲ କରାଯାଇପାରିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ତେଣୁ ଗାନ୍ଧିଜୀଙ୍କ ଜୟନ୍ତୀ ଅବସରରେ ଅହିଂସା ଶବ୍ଦ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ ହେଲେ ତାହା ମହାତ୍ମାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ମତକୁ ପୁଣିଥରେ ଦୋହରାଇ ଥିଲେ। ଏହା ଭାରତ ତଥା ବିଶ୍ୱର ଉତ୍ତରପିଢ଼ିକୁ ଗାନ୍ଧିଜୀଙ୍କ ଏହି ଉକ୍ତିର ଦୃଢ଼ ସତ୍ୟତା ସବୁଦିନ ସ୍ମରଣ କରାଇ ଦେଉଥିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ତରୁଣକାନ୍ତି, କାଳୀଚରଣଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର



**ଭୁବନେଶ୍ୱର :** ଓଡ଼ିଶାର ଦୁଇ ଜଣ ଲେଖକଙ୍କୁ ଚଳିତ ବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିବ। ଜଣେ ହେଲେ ଖ୍ୟାତନାମା ଲେଖକ ତରୁଣକାନ୍ତି ମିଶ୍ର ଓ ଅନ୍ୟ ଜଣେ ହେଲେ ସାନ୍ତାଳୀ ଭାଷାର ଲେଖକ କାଳୀଚରଣ ହେମ୍ବ୍ରମ୍। ଶ୍ରୀ ମିଶ୍ର ତାଙ୍କର କ୍ଷୁଦ୍ରଗଳ୍ପ ସଙ୍କଳନ ‘ଭାସ୍ୱତୀ’ ପାଇଁ ଏହି ପୁରସ୍କାର ପାଇବେ। ସେହିପରି ଶ୍ରୀ ହେମ୍ବ୍ରମ୍‌ଙ୍କୁ ତାଙ୍କର କ୍ଷୁଦ୍ରଗଳ୍ପ ସଙ୍କଳନ ‘ଶିଶିରଜାଲି’ ପାଇଁ ଏହି ପୁରସ୍କାର ମିଳିବ। ବରିଷ୍ଠ ଆଇଏଏସ୍ ଅଫିସର ଶ୍ରୀ ମିଶ୍ର ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେ ମୁଖ୍ୟ ଶାସନ ସଚିବ ଭାବେ ଅବସର ନେବା ପରେ ମୁଖ୍ୟ ସୂଚନା କମିଶନର ଥିଲେ। ବହୁ ଗଳ୍ପ ଓ ପ୍ରବନ୍ଧ ଲେଖି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଶ୍ରୀ ହେମ୍ବ୍ରମ୍ ବର୍ତ୍ତମାନ ଯୁକ୍ତ ଦୁଇ ପରିଷଦରେ ଜଣେ ସେକ୍ସନ ଅଫିସର ଭାବେ କାମ କରୁଛନ୍ତି। ଏହି ପୁରସ୍କାର ସମ୍ପର୍କରେ ସାହିତ୍ୟ ଏକାଡେମୀ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା ହୋଇଛି। ସାହିତ୍ୟ ଏକାଡେମୀର ସଭାପତି ଡ. ଚନ୍ଦ୍ରଶେଖର କମ୍ବରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକାଡେମୀର କାର୍ଯ୍ୟକାରୀ କମିଟି ବୈଠକରେ ଓଡ଼ିଆ ଓ ସାନ୍ତାଳୀ ସମେତ ୨୩ଟି ଭାରତୀୟ ଭାଷା ପାଇଁ ଚଳିତ ବର୍ଷର ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି। ଆସନ୍ତା ୨୫ ଫେବ୍ରୁଆରୀ, ୨୦୨୦ରେ ନୂଆଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଏକାଡେମୀ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ଆକାରରେ ଏକ ତାମ୍ରଫଳକ ସହ ୧ଲକ୍ଷ ଟଙ୍କା ମିଳିବ। ଚଳିତ ବର୍ଷ ଓଡ଼ିଆ ଭାଷାର ଏକାଡେମୀ ପୁରସ୍କାର ବିଜେତାଙ୍କୁ ବାଛିବା ପାଇଁ ତିନିଜଣିଆ ବିଚାରକ ମଣ୍ଡଳିରେ ଡ. ମାଳବିକା ରାୟ, ଡ. ଫନୀ ମହାନ୍ତି ଓ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ରହିଥିଲେ।

# ‘ପିନାକ୍’ର ସଫଳ ଉତ୍‌କ୍ଷେପଣ



**ଭୁବନେଶ୍ୱର,(ପିଆଇବି) :** ଗୁରୁବାର ମଧ୍ୟାହ୍ନ ୧୨ଟାରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ପିନାକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ସମ୍ପନ୍ନ ହୋଇଛି। ଏହି ପରୀକ୍ଷଣ ଓଡ଼ିଶା ଉପକୂଳ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ଠାରେ ସମ୍ପାଦିତ ହୋଇଥିଲା। ପିନାକ ହେଉଛି ଏକ ତୋପ କ୍ଷେପଣାସ୍ତ୍ର ବ୍ୟବସ୍ଥା ଯାହା ସମ୍ପୂର୍ଣ୍ଣ ସଠିକତା ସହ ୭୫ କିମି ପର୍ଯ୍ୟନ୍ତ ଶତ୍ରୁପକ୍ଷର ଲକ୍ଷ୍ୟସ୍ଥଳ ଭେଦ କରିବାରେ ସକ୍ଷମ ହେବ। ଅନ୍ତିମ ସଠିକତା ଏବଂ ଦୂରତା ବୃଦ୍ଧି ଲାଗି ପିନାକ ଏମକେ-୨ ରକେଟକୁ ଦିଗ ନିର୍ଣ୍ଣୟ, ନିୟନ୍ତ୍ରଣ ଓ ମାର୍ଗଦର୍ଶନ ବ୍ୟବସ୍ଥା ସହିତ ଏକ କ୍ଷେପଣାସ୍ତ୍ରର ରୂପ ଦିଆଯାଇଛି। ଏହି କ୍ଷେପଣାସ୍ତ୍ରର ଦିଗ ନିର୍ଣ୍ଣୟ ବ୍ୟବସ୍ଥାକୁ ଭାରତୀୟ ଆଂଚଳିକ ଦିଗ ନିର୍ଣ୍ଣୟ ଉପଗ୍ରହ ବ୍ୟବସ୍ଥା (ଆଇଆରଏନଏସଏସ) ପକ୍ଷରୁ ସହାୟତା ମିଳିଥିଲା। ଦୂରତା ବୃଦ୍ଧି, ସଠିକତା ଓ ଉପ-ବ୍ୟବସ୍ଥା କାର୍ଯ୍ୟକ୍ଷମତା ସମେତ ଏହି ମିଶନ ସମସ୍ତ ଲକ୍ଷ୍ୟ ହାସଲ କରିଥିଲା। ନିୟୋଜନ ସ୍ଥିତିରେ ପିନାକ ପ୍ରକ୍ଷେପଣ ବ୍ୟବସ୍ଥାରୁ ଏହି କ୍ଷେପଣାସ୍ତ୍ର ଛଡ଼ାଯାଇଥିଲା। ବିଭିନ୍ନ ରେଞ୍ଜ ଯଥା ଟେଲିମେଟ୍ରି, ରାଡାର, ଇଲେକ୍ଟ୍ରୋ-ଅପ୍ଟିକାଲ ଟାର୍ଗେଟ ସିଷ୍ଟମ ଆଦିରୁ ଏହି କ୍ଷେପଣାସ୍ତ୍ରକୁ ଠାବ କରାଯାଇଥିଲା। ଯାହା କ୍ଷେପଣାସ୍ତ୍ରର ପ୍ରଦର୍ଶନକୁ ସୁନିଶ୍ଚିତ କରିଥିଲା। ବିଭିନ୍ନ ଡିଆରଡିଓ ଲାବ୍ରୋଟୋରୀ ଯଥା ଆର୍ମାମେଂଟ ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ ଏଷ୍ଟାବ୍ଲିସମେଂଟ (ଏଆରଡିଇ), ରିସର୍ଚ୍ଚ ସେଂଟର ଇମରାତ (ଆରସିଆଇ), ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ ଲାବ୍ରୋଟୋରୀ (ଡିଆରଡିଏଲ), ପ୍ରୁଫ ଆଣ୍ଡ ଏକ୍ସପେରିମେଂଟାଲ ଏଷ୍ଟାବ୍ଲିସମେଂଟ (ପିଏକ୍ସଇ) ଏବଂ ହାଇ ଏନର୍ଜି ମ୍ୟାଟେରିଆଲ୍ସ ରିସର୍ଚ୍ଚ ଲାବ୍ରୋଟୋରୀ (ଏଚଇଏମଆରଏଲ) ଦ୍ୱାରା ଏହି କ୍ଷେପଣାସ୍ତ୍ର ବ୍ୟବସ୍ଥାକୁ ମିଳିତ ଭାବେ ବିକଶିତ କରାଯାଇଛି। ଆରସିଆଇ ନିର୍ଦ୍ଦେଶକ ବିଏଚଭିଏସ ନାରାୟଣ ମୂର୍ତ୍ତି, ଏଆରଡିଇ ନିର୍ଦ୍ଦେଶକ ଡ. ଭି. ଭେଙ୍କଟେଶ୍ୱର ରାଓ, ଆଇଟିଆର ନିର୍ଦ୍ଦେଶକ ଡ. ବିକେ ଦାସ ଓ ପିଏକ୍ସଇ ନିର୍ଦ୍ଦେଶକ ଡି.କେ ଯୋଶୀଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷଣ ସମ୍ପନ୍ନ ହୋଇଥିଲା। ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ତଥା ଡିଆରଡିଓ ଅଧ୍ୟକ୍ଷ ଡ. ଜି ସତୀଶ ରେଡ୍ଡୀ ଏହି ପରୀକ୍ଷଣ ପାଇଁ ଡିଆରଡିଓ ଟିମକୁ ଅଭିନନ୍ଦନ ଜଣାଇଛନ୍ତି।

# ଲିୟାକତ ଅଲ୍ଲୀଙ୍କୁ ‘ଖୋର୍ଦ୍ଧା ସମ୍ମାନ’



**ଖୋର୍ଦ୍ଧା :** ନିୟୁ ଥିଙ୍କିଂ ଫୋରମ ପକ୍ଷରୁ ଖୋର୍ଦ୍ଧା ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ହୋଇଥିବା ୨୦ତମ ଖୋର୍ଦ୍ଧା ମହୋତ୍ସବର ପ୍ରଥମ ଦିବସରେ ଐତିହ୍ୟ କଳା, ସଂସ୍କୃତି, ପରମ୍ପରା ତଥା ନିରପେକ୍ଷ ଭାବରେ ସମ୍ବାଦ ପରିବେଷଣ କରିବାରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଦୈନିକ ଓଡ଼ିଆ ସମ୍ବାଦପତ୍ର ‘ନ୍ୟାୟବତି’ ତଥା ‘ଏକମାତ୍ର’ ସାପ୍ତାହିକ ଖବରକାଗଜର ଜିଲ୍ଲା ପ୍ରତିନିଧି ସୟଦ ଲିୟାକତ ଅଲ୍ଲୀଙ୍କୁ ଖୋର୍ଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ବିଧାୟକ ତଥା ଖୋରଧା ମହୋତ୍ସବର ମୁଖ୍ୟ ପୃଷ୍ଠ ପୋଷକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଶ୍ରୀ ଅଲ୍ଲୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେ ନିରପେକ୍ଷ ଭାବରେ ସମ୍ବାଦ ପରିବେଷଣ କରି ଖୋର୍ଦ୍ଧାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଖୋର୍ଦ୍ଧା ମହୋତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି।



ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ରକ୍ଷକ ନାୟକଙ୍କ କବିତା ସଙ୍କଳନ ‘ଅମିତ୍ର ଅନ୍ଧାର’କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନରେ ଉନ୍ମୋଚନ କରୁଛନ୍ତି। ପାଖରେ ଅଛନ୍ତି ପ୍ରକାଶକ ସୁଧୀର ମଉଡମଣି।



ବଲାଙ୍ଗିର : କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ଓଡ଼ିଶା ପ୍ରତିଭା ପୂଜା ସଂସଦର ୧୯ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ-୨୦୧୯ ଅବସରରେ ସତ୍ୟବାଦୀ ହାଇସ୍କୁଲର ବରିଷ୍ଠ ଶିକ୍ଷକ ତଥା କବି କସ୍ତୁରୀ ଚରଣ ରାଉତଙ୍କୁ ‘ଆଦର୍ଶ ଶିକ୍ଷକ ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଛି।

# ସାମନ୍ତ ଚନ୍ଦ୍ରଶେଖର ଏକ ଅଲୌକିକ ପ୍ରତିଭା



**ଭୁବନେଶ୍ୱର :** କୌଣସି ଯାନ୍ତ୍ରିକ ସାହାଯ୍ୟ ନନେଇ ଗ୍ରହ ନକ୍ଷତ୍ରଙ୍କ ଗତିବିଧି ଗଣନା କରିବା, ଦୁଇଖଣ୍ଡ ବାଉଁଶକାଠି ଓ ନଳି ସାହାଯ୍ୟରେ ପାହାଡ ମାପିବା, ଜ୍ୟୋତିଷ ବିଦ୍ୟାରେ ବାଲ୍ୟକାଳରୁ ପାରଙ୍ଗମ ଥିବା ଏବଂ ସିଦ୍ଧାନ୍ତ ଦର୍ପଣ ଭଳି ଦୁର୍ଲଭ ଗ୍ରନ୍ଥକୁ ବିଶ୍ୱବାସୀଙ୍କୁ ଉପହାର ଦେବା ଯାହାର କାର୍ଯ୍ୟଥିଲା ସେ ଥିଲେ ଜ୍ୟୋତିର୍ବିଜ୍ଞାନୀ ସାମନ୍ତ ଚନ୍ଦ୍ରଶେଖର ବା ପଠାଣୀ ସାମନ୍ତ। ଏହି ମହାପୁରୁଷ ଜ୍ୟୋତିର୍ବିଜ୍ଞାନୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜନ୍ମ ନେଇଥିବା ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦର ୫୪ତମ ପ୍ରତିଷ୍ଠା ଦିବସ ଏବଂ ସାମନ୍ତଙ୍କ ୧୮୪ତମ ଓ ବାଇକୋଳି ବିଷାରଦଙ୍କ ୧୧୧ତମ ଜୟନ୍ତୀ ଉପଲକ୍ଷେ ଜୟଦେବ ଭବନଠାରେ ଏହି ସ୍ମୃତିସଭା ପାଳନ କରାଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା, ସମ୍ମାନିତ ଅତିଥି ଡଃ. ଜୟଦେବ କର, ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ସମ୍ମାନିତ ବକ୍ତା ଇଂ. ହରିହର ସେଠୀ, ସମ୍ମାନିତ ବକ୍ତା ଜ୍ୟୋତିର୍ବିଦ୍ୟା ବାଚସ୍ପତି ବୈକୁଣ୍ଠନାଥ ନାୟକ ସାମନ୍ତଙ୍କ ବିଷୟରେ ଅନେକ ବକ୍ତବ୍ୟ ରଖିଥିଲେ। ପରିଷଦର ଶିକ୍ଷା ନିୟନ୍ତ୍ରକ ସଞ୍ଜୟ ମହାରଣା ମଙ୍ଗଳା ଚରଣ ପାଠ କରିଥିଲେ। ସମ୍ପାଦକ ନାରାୟଣ ମଲ୍ଲିକ ପରିଷଦର ବିବରଣୀ ପାଠ କରିବା ସହିତ ସ୍ୱାଗତ ଭାଷଣ ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପଠାଣୀ ସାମନ୍ତଙ୍କ ପ୍ରତିମୂର୍ତ୍ତିକୁ ଓଡ଼ିଶାର ରାଜଧାନୀ ଓ ଭାରତର ରାଜଧାନୀର ପ୍ରମୁଖ ସ୍ଥାନରେ ରଖାଯାଇ ସେ ସ୍ଥାନକୁ ସାମନ୍ତଙ୍କ ନାମରେ ନାମିତ କରାଯିବା ଲାଗି ସରକାରଙ୍କୁ ସଭା ମାଧ୍ୟମରେ ଅନୁରୋଧ କରିଥିଲେ ଏବଂ ପରିଷଦକୁ ଏକ ସ୍ଥାୟୀ ଗୃହ ଯୋଗାଇ ଦେବାକୁ ସମ୍ପାଦକ ଶ୍ରୀ ମଲ୍ଲିକ୍ ମଧ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ପ୍ରତିବର୍ଷ ଭଳି ଏବର୍ଷ ପରିଷଦରୁ ପ୍ରବୀଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଚିତରଞ୍ଜନ ପାତ୍ର, ଅଶୋକ ଶର୍ମା, ଜୟନ୍ତ ମିଶ୍ର, ସୁରେଶ ଚନ୍ଦ୍ର ସାହୁ, କେଦାରନାଥ ମୁଦୁଲି, ଜିତେନ୍ଦ୍ର କୁମାର ଭଞ୍ଜ, କୃଷ୍ଣଚନ୍ଦ୍ର ଚୌଧୁରୀ, ଗଗନ କୁମାର ମହାରଣା, ଦିଲ୍ଲିପ କୁମାର ପରିଡା, ଡାଃ. ହରିଶ ଚନ୍ଦ୍ର ଚୌଧୁରୀ, ଦିଲ୍ଲିପ କୁମାର କର, ଜୟନ୍ତ କୁମାର ପଣ୍ଡା, ମାଧବାନନ୍ଦ ଜେନାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସାମନ୍ତଙ୍କ ନାମ ସମ୍ପର୍କରେ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଉଚ୍ଚବିଦ୍ୟାଳୟ ସ୍ତରରୁ ସୂର୍ଯ୍ୟାଂଶୁ ଗ୍ରହାଚାର୍ଯ୍ୟ, ଆକାଶ କୁମାର ପଣ୍ଡା, ଭାଗିରଥି ନାୟକ ଓ ମହାବିଦ୍ୟାଳୟ ସ୍ତରରୁ ପ୍ରଜାତାତ୍ମା ରଥ, ସତ୍ୟନାରାୟର କାର୍ଯ୍ୟୀ ଓ ସ୍ମୃତିପ୍ରିୟା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଷଦର ସଭାପତି ସହଦେବ ସାହୁ ବିଦେଶ ଗସ୍ତରେ ଥିବାରୁ ଶୀଳଭଦ୍ର ଶାସ୍ତ୍ରୀ (ଆଇନଜୀବୀ) ସଭାପତିତ୍ୱ କରିବା ସହ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ନିରଞ୍ଜନ ସେଠୀଙ୍କୁ ଶ୍ରେଷ୍ଠ ପ୍ରଶାସକ ସମ୍ମାନ



**ଭୁବନେଶ୍ୱର :** ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କୁ ଶ୍ରେଷ୍ଠ ପ୍ରଶାସକ ଭାବେ ସମ୍ମାନିତ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ ଓ ଅନୁଷ୍ଠାନର ଲୋକ ସମ୍ପର୍କ ବିଭାଗର ସମ୍ପାଦକ କମଳାକାନ୍ତ ଦାଶ ଶ୍ରୀ ସେଠୀଙ୍କୁ ମାନପତ୍ର, ଶାଲ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୂଚନାଥାଉ କି, କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠାନର ୧୯ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଥିଲା। ଶ୍ରୀ ସେଠୀଙ୍କୁ ୨୦୧୯ ମସିହା ପାଇଁ ଜଣେ ଶ୍ରେଷ୍ଠ ପ୍ରଶାସକ ଭାବେ ଚୟନ କରାଯାଇଥିଲା। ସେ ସେଦିନ ଅନୁପସ୍ଥିତ ରହିଥିବାରୁ ପରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶ୍ରୀ ସେଠୀ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବାଲିକୁଦାସ୍ଥିତ ଡୋଭାଳ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ୧୯୮୮ରୁ ଓଡ଼ିଶା ସୂଚନା ସେବାରେ ଯୋଗଦାନ କରି ଜଣେ ନିଷ୍ଠାପର ଅଧିକାରୀ ଭାବେ ଆଜି ଯାଏଁ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ‘ସକାଳ ମଧ୍ୟାହ୍ନ ଓ ଅପରାହ୍ନ’ ଓ ‘ଶୂନ୍ୟ ମୋହ’ ଦୁଇଟି କବିତା ସଂକଳନ ସହ ‘ମାଟିର ମାନଚିତ୍ର’ ଏକ ସାମାଜିକ ଉପନ୍ୟାସ ତାଙ୍କ ଦ୍ୱାରା ରଚିତ। ବୋରିକିନା ଏମଇ ସ୍କୁଲର ସୁବର୍ଣ୍ଣ ଜୟନ୍ତୀରେ ସ୍ୱତନ୍ତ୍ର ପୁରସ୍କାର, ସମ୍ବାଦ କେଶରୀ ସମ୍ମାନ, ରାଜୀବ ଗାନ୍ଧି ପୁରସ୍କାର, ଚଳାପଥ ସମ୍ମାନ, ସନ୍ଧାନ ସମ୍ମାନ, ଆଶା ପ୍ରଦୀପ ସମ୍ମାନ, ନିଯୁକ୍ତି ଖବର ସମ୍ମାନ ଓ କ୍ୟାପିଟାଲ ପୋଷ୍ଟର ଆଦି ଅନେକ ସମ୍ମାନ ସେ ଲାଭ କରିଛନ୍ତି।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି